

‘ଲଢ଼େଇ’ରେ ଅଭିଲିପ୍ସା

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-44 ◆THURSDAY ◆7 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୪୪ ◆ଗୁରୁବାର ◆୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

### ବାଲେଶ୍ୱର, ବଲଙ୍ଗୀ ପରେ ପଟ୍ଟାମୁଣ୍ଡାଇ

# ନିଜକୁ ଜାଳିଦେଲେ ଆଉ ଜଣେ ଛାତ୍ରୀ



■ **ପଟ୍ଟାମୁଣ୍ଡାଇ, ୬।୮ (ସମିସ):** ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ, ବଲଙ୍ଗୀରେ ଜଣେ ନାବାଳିକାଙ୍କୁ ପୋଡ଼ିକୁ ନେଇ ରାଜ୍ୟରେ ରୋଷର ନିଆଁ ଜଳୁଛି । ଏହି ସମୟରେ ପଟ୍ଟାମୁଣ୍ଡାଇରେ ଜଣେ କଲେଜ ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୁରୁଷ ବନ୍ଧୁର ଉତ୍ପୀଡ଼ନରେ ଅତିଷ୍ଠ ସମ୍ପୃକ୍ତ ଛାତ୍ରୀ ଏ ସଂକ୍ରାନ୍ତରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ବିଡ଼ମ୍ବନା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଲାନାହିଁ, ଏପଟେ ଉତ୍ପୀଡ଼ନ ଅତିଷ୍ଠ ହେଲା । ଶେଷରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ଛାତ୍ରୀଜଣକ ନିଜ ଦେହରେ କିରାସିନି ଢ଼ାଳି ନିଆଁ ଲଗାଇ ଦେଲେ।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଶଶୀକାନ୍ତ ପରିଡାଙ୍କ ଝିଅ ପିଡି ସଙ୍ଗୀତା ବଡ଼ପଡ଼ା କଲେଜରେ +୩ ଶେଷବର୍ଷ କଳାରେ ପାଠ ପଢୁଥିଲେ। ଆଜି ସକାଳ ୭.୩୦ ମିନିଟ ସମୟରେ ସଙ୍ଗୀତାଙ୍କ ବାପାମାଆ କୌଣସି କାମରେ ପଟ୍ଟାମୁଣ୍ଡାଇ ଯାଇଥିଲେ ଓ ଘରେ ଝିଅ ସଙ୍ଗୀତା ଏକୁଟିଆ ଥିଲେ। ମାତ୍ର ଘରକୁ ଫେରିବା ପରେ ବାପାମାଆ ସଂଗୀତାଙ୍କ କୋଠରୀ ଭିତରୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ବହୁ ଡକାଡକି ପରେ ସେ କବାଟ ନ ଖୋଲିବାରୁ ବାଧ ହୋଇ କବାଟ ଭାଙ୍ଗି ସେମାନେ ଘର ଭିତରେ ପଶିଥିଲେ। ମାତ୍ର ଘରଭିତରେ ସଙ୍ଗୀତାଙ୍କ ବଦଳରେ ମିଳିଥିଲା ତାଙ୍କର ପୋଡ଼ା ଶରୀର। ଘର ସାରା କିରାସିନି ଗନ୍ଧ ହେଉଥିବାରୁ ସେ ଦେହରେ କିରାସିନି ଢ଼ାଳି ହୋଇ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି । ମାତ୍ର ପୁଲିସ ମାମଲାକୁ ଗୁରୁତ୍ୱ ଦେଇ ନଥିଲା ବୋଲି ସଙ୍ଗୀତାଙ୍କ ବାପା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ଜଣେ ପୁଲିସ କର୍ମଚାରୀଙ୍କ ବିବାଦୀୟ ଭୂମିକାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ମାତ୍ର ଏହି ଘଟଣାରେ

▶▶ **ପୁରୁଷ ବନ୍ଧୁର ଉତ୍ପୀଡ଼ନ, ପୁଲିସ ବେଫିକର**

▶▶ **ଦେହରେ କିରାସିନି ଢାଳି ଲଗାଇଦେଲେ ନିଆଁ**

▶▶ **ଭିଡିଓ ଭାଇରାଲ ଧମକ ଦେଉଥିଲା ପ୍ରେମିକ**

▶▶ **ଘଟଣାସ୍ଥଳରେ ଏସ୍‌ପି ଓ ସାଇଣ୍ଟିଫିକ ଟିମ୍**

ସଙ୍ଗୀତାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତେରୋହି ଗ୍ରାମର ଜଣେ ଯୁବକ ସଙ୍ଗୀତାକୁ ଭଲ ପାଉଥିଲା। ମାତ୍ର ପରିବାର ଲୋକମାନେ ଏହାକୁ ସ୍ୱୀକୃତି ଦେଉ ନ ଥିଲେ। ଉକ୍ତ ଯୁବକ ଜଣକ ସଙ୍ଗୀତାଙ୍କ କେତେକ ଆପତ୍ତିଜନକ ଭିଡିଓ ଉତ୍ତୋଳନ କରି ଏହାକୁ ଭାଇରାଲ କରିଦେବାକୁ ଧମକ ଦେଉଥିଲେ। ତେଣୁ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ପରିବାର ଲୋକେ ୪ ମାସ ତଳେ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ। ପୁଲିସର କୌଣସି ଭୂମିକା ନାହିଁ ଓ ସଙ୍ଗୀତାଙ୍କ ପରିବାର ପକ୍ଷରୁ କୌଣସି ଏତଲା ଦିଆଯାଇ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଛାତ୍ରୀ ଆତ୍ମହତ୍ୟା ଖବର ପାଇ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି ବନ୍ଦନା ପାତ୍ର, ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରଜ ଲେଙ୍କା, ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଛାତ୍ରୀଙ୍କ ମୋବାଇଲ ଓ ପୋଷାକକୁ ପୁଲିସ ଜବତ କରିଛି ।

### ଟ୍ରମ୍ପଙ୍କ ଡବଲ୍ ଛାଟ

# ଭାରତକୁ ୫୦% ଶୁଳ୍କ

## ଜବାବୀ କାର୍ଯ୍ୟାନୁଷ୍ଠାନ ନେଲେ ଆହୁରି ଶୁଳ୍କ ବୃଦ୍ଧି ଧମକ

■ **ୱାଶିଂଟନ, ୬।୮ (ଏଜେନ୍ସି):** ଶୁଳ୍କକୁ ନେଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଦାଉ ସାଧୁଛନ୍ତି। ଆମେରିକୀୟ କମ୍ପାନୀ ରୁଷ୍ ସହ କାରବାର ଜାରି ରଖିଥିବାବେଳେ ସେ ଭାରତକୁ ନିଶାଣ କରି ଚାଲିଛନ୍ତି। ମସ୍କୋ ସହ ତୈଳ କାରବାରକୁ ନେଇ ଭାରତକୁ ଅନୁଚିତ ଏବଂ ଅଯୌକ୍ତିକ ଭାବେ ଦୋଷ ଦେଉଛନ୍ତି। ରୁଷ୍ ସହ କାରବାର କରୁଥିବା ଚୀନ ଉପରେ ୩୦ ପ୍ରତିଶତ ଶୁଳ୍କ ଲଗାଇଥିବା ବେଳେ ଭାରତ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଧମକ ଦେବାର ୨୪ ଘଣ୍ଟା ପରେ ଟ୍ରମ୍ପ ପୁଣି ଶୁଳ୍କ ପ୍ରହାର କରିଛନ୍ତି। ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏ ସମ୍ବନ୍ଧିତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଉପରେ ଟ୍ରମ୍ପ



**ଅତିରିକ୍ତ ୨୫% ଶୁଳ୍କ ଲଗାଇଲେ ଟ୍ରମ୍ପ**

**ଭାରତ ହରାଇବ ଜିଡିପିର ୧ ପ୍ରତିଶତ**

ବୁଧବାର ସ୍ୱାକ୍ଷର କରିଛନ୍ତି। ଏହି ଶୁଳ୍କ ଆଜିଠାରୁ ୨୧ ଦିନ ପରେ ଅର୍ଥାତ୍ ୨୭ ତାରିଖରୁ ଲାଗୁ ହେବ। ଏହା ପୂର୍ବରୁ ଟ୍ରମ୍ପ ଗତ ୩୦ ତାରିଖରେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଏହାକୁ ମିଶାଇ ସେ ନୂଆଦିଲ୍ଲୀ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲଗାଇଲେଣି। ରୁଷଠାରୁ ତୈଳ କ୍ରୟ ଜାରି ରଖିଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ନିର୍ଦ୍ଦେଶରେ କୁହାଯାଇଛି। ଯଦି ଏହା ଉପରେ ଭାରତ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଆହୁରି ଶୁଳ୍କ ବୃଦ୍ଧି କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ଅନ୍ୟପଟେ ଟ୍ରମ୍ପ ଏହି ଶୁଳ୍କ ଦ୍ୱାରା ଭାରତ ବହୁଳ ଭାବେ ପ୍ରଭାବିତ ହେବ। ୬୪ ବିଲିୟନ୍ ଡଲାରର ରପ୍ତାନି ଉପରେ ନକରାତ୍ମକ ପ୍ରଭାବ ପଡ଼ିବ। ଫଳରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୧ ପ୍ରତିଶତ ତଥା ୩.୨୪ ଲକ୍ଷ କୋଟି ଟଙ୍କା କ୍ଷତିହେବ ବୋଲି କୁହାଯାଉଛି।

▶ପୃଷ୍ଠା-୭




### ବିହାର ଭୋଟର ତାଲିକା ସଂଶୋଧନ

## ନିର୍ବାଚନ କମିଶନଙ୍କୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

# ୬୫ ଲକ୍ଷର ହିସାବ ଦିଅ

■ **ନୂଆଦିଲ୍ଲୀ, ୬।୮ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି, ସେ ସଂପର୍କରେ ତଥ୍ୟ ଲୋଡ଼ିଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ଶନିବାର ସୁଦ୍ଧା ପୂର୍ଣ୍ଣାଙ୍ଗ ତଥ୍ୟ ଦେବାଲାଗି ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୬୫ ଲକ୍ଷ ଭୋଟରଙ୍କ ସଂପର୍କରେ କମିସନ ବିଭିନ୍ନ ରାଜନୈତିକ ଦଳଙ୍କୁ ତଥ୍ୟ ଦେଇଥିବା ବେଳେ ଅନ୍ୟତମ ଆବେଦନକାରୀ ଏଡିଆର୍‌କୁ ମଧ୍ୟ ଏହି ତଥ୍ୟ ଦେବାକୁ ପଡ଼ିବ।

ଆଜି ଏହି ମାମଲାର ଶୁଣାଣି ବେଳେ ଏଡିଆର ନାମକ ଏନ୍‌ଜିଓ ପକ୍ଷରୁ କୁହାଯାଇଥିଲା ଯେ କମିସନ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କାଟିଛନ୍ତି, ସେଥିରେ ଅନେକ ବିଭ୍ରାନ୍ତି ରହିଛି। କେବଳ ସଂଖ୍ୟା ନଦେଇ ସେମାନଙ୍କର ନାମ ଏବଂ କେଉଁମାନେ



**୬୫ ଭାଗ ଭୋଟରଙ୍କୁ ନେଇ ପ୍ରଶ୍ନ ଉଠାଇଲେ ଆବେଦନକାରୀ**

ମୃତ, କେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ କେଉଁମାନଙ୍କ ନାମ ଭୋଟର ତାଲିକାରେ ସାମିଲ ପାଇଁ ବିଚାର କରାଯାଇ ନାହିଁ ଏବଂ କାହିଁକି ବିଚାର କରାଯାଇ ନାହିଁ, ସେସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଦିଅନ୍ତୁ ନିର୍ବାଚନ କମିସନ। ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଉଜ୍ଜଳ ଭୂୟାଁ ଏବଂ ଜଷ୍ଟିସ କୋଟିଶୱାର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଶୁଣାଣି ବେଳେ କହିଛନ୍ତି ଯେ କମିସନ କେବଳ ଚିଠାପ୍ରସ୍ତାବ ଜାରି କରିଛନ୍ତି। ପରବର୍ତ୍ତୀ ସମୟରେ ଏହା ଉପରେ ବିଚାର କରାଯିବ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ୬୫ ଲକ୍ଷ ଭୋଟରଙ୍କ ସଂପର୍କରେ କମିସନ ନିର୍ଦ୍ଦିଷ୍ଟ ତଥ୍ୟ ଦେଉ ନାହାନ୍ତି। ମାନ୍ୟବର ବେଞ୍ଚ ନିର୍ବାଚନ କମିସନଙ୍କ ଓକିଲଙ୍କୁ କହିଲେ ଯେ ତାଲିକା ସଂଶୋଧନ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପ୍ରତ୍ୟେକ ଭୋଟରଙ୍କ ସଂପର୍କରେ ଆମକୁ ତଥ୍ୟ ଦରକାର। ତେଣୁ ଆସନ୍ତା ଶନିବାର ସୁଦ୍ଧା ଉତ୍ତର ଦାଖଲ କରିବା ଲାଗି

▶ପୃଷ୍ଠା-୭

### ମୟୂରଭଞ୍ଜରେ ଲଜ୍ଜା

# ନାବାଳିକାଙ୍କୁ ଦୁଷ୍କର୍ମ

■ **କୁଆମରା, ୬।୮ (ସମିସ):** ଖୁଣ୍ଟା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଜଣେ ନାବାଳକଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣଙ୍କ ବୟସ ୨୩ ଓ ୧୮ ହୋଇଥିବା ବେଳେ ଅନ୍ୟ ଜଣେ ନାବାଳକଙ୍କ ବୟସ ୧୩। ଦୁଇ ଦିନ ତଳେ ପୀଡିତାଙ୍କ ଘରେ କେହି ନ ଥିବା ବେଳେ ଅଭିଯୁକ୍ତମାନେ ବିଭିନ୍ନ ସମୟରେ ଦୁଷ୍କର୍ମ କରିଥିଲେ। ଏହି ଘଟଣା କାହାରିକୁ ନ କହିବା ପାଇଁ ଅଭିଯୁକ୍ତମାନେ ଧମକ ଦେଇଥିଲେ। ପରେ ପୀଡିତାଙ୍କ ମା’ ଘରକୁ ଫେରିବା ପରେ ଘଟଣା ସଂପର୍କରେ ଜାଣିବାକୁ ପାଇଥିଲେ। ଫଳରେ ପୀଡିତାଙ୍କ ମାଆ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ୩ ଜଣଙ୍କୁ ଗିରଫ କରିଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି।



**ନାବଳକ ସମେତ ୩ ଗିରଫ**

# ଟ୍ରକ୍ ଧକ୍କାରେ ଚାଲିଗଲା ପରିବାରର ୩ ଜୀବନ

■ **ତେଲକୋଇ, ୬।୮ (ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥ ଜଗମୋହନପୁରଠାରେ ଏକ ବାଇକ୍ ପଛକୁ ଟ୍ରକ୍ ଧକ୍କା ଦେବ ଫଳରେ ପରିବାରର ତିନି ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବଗଡ଼ ଜିଲ୍ଲା ବାରକୋଟ ଥାନାଞ୍ଚଳର ଟଙ୍କଧର ପାତ୍ର, ତାଙ୍କ ଦ୍ୱିତୀୟ ପତ୍ନୀ ଝିଲ୍ଲି ପ୍ରଧାନ ଓ ୧୫ ବର୍ଷର ଝିଅ ମାମୁନି ପ୍ରଧାନ। ରୁଗୁଡ଼ିହି ଟୋଲ ପ୍ଲାଜାରେ ଟ୍ରକ୍‌ଟିକୁ ଅଟକ ରଖାଯାଇଛି।

ଟଙ୍କଧର (ଓଆର ୦୨ବିଜି ୧୪୬୫) ବାଇକ୍ ଯୋଗେ ଝିଅ ମାମୁନିକୁ କାଞ୍ଜିପାଣିସ୍ଥିତ ଆଶ୍ରମ ବିଦ୍ୟାଳୟରେ ଛାଡ଼ିବାକୁ ପତ୍ନୀଙ୍କ ସହ ଯାଉଥିଲେ। ଜଗମୋହନପୁର ଶିବ ମନ୍ଦିର ନିକଟରେ (ଏନଏଲ୍ ୦୧ଏସି ୨୦୧୯) କଣ୍ଟେନର ଟ୍ରକ୍‌ଟି ସଂପୃକ୍ତ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ଦ୍ୱାରା ରାସ୍ତା ଅବରୋଧ କରାଯାଇଥିଲା। ତେଲକୋଇ ଥାନା ପୁଲିସ ବୁଝାସୁଝା କରିବା ସହ ରାସ୍ତା ଅବରୋଧ ହଟାଇବାକୁ ଚେଷ୍ଟା କରିଥିଲା। ୫-୬ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲରେ ଶବ ବ୍ୟବଚ୍ଛେଦ କରାଇଛି। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଜଗମୋହନପୁର ବଜାରର ଉଭୟ ପାର୍ଶ୍ୱରେ ହମ୍ପସ ନିର୍ମାଣ ସହ ରାସ୍ତାରେ ଲାଇଟ୍ ବ୍ୟବସ୍ଥା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସୂଚନା ଅନୁସାରେ, ମୃତ ଟଙ୍କ ପାତ୍ରଙ୍କ ଘର ବାହାଡ଼ାପଶି ଗ୍ରାମରେ। ସେ ତାଙ୍କର ଦ୍ୱିତୀୟ ପତ୍ନୀ ଝିଲ୍ଲି ପ୍ରଧାନଙ୍କୁ ଧରି ପାଳଲହଡ଼ା ଅଞ୍ଚଳରେ ରହୁଛନ୍ତି। ଅନ୍ୟପଟେ ମୃତ ଝିଲ୍ଲି ପ୍ରଧାନ ମଧ୍ୟ ପୂର୍ବରୁ ଅନ୍ୟ ଜଣଙ୍କୁ ବିବାହ କରିଥିବା କୁହାଯାଉଛି।

# ହାତୀ ପାଇଁ ହଙ୍ଗାମା: ଅମ୍ବାନୀଙ୍କ ଚିଡ଼ିଆଖାନାକୁ ପଠାଇବାକୁ ବିରୋଧ



ମୁମ୍ବାଇ, ୬।୮ (ଏଜେନ୍ସି): ତିନି ବର୍ଷ ବୟସରୁ ଲୋକଙ୍କ ଗହଣରେ ରହି ଆସୁଥିଲା। ଅନାବିଳ ସ୍ନେହ ପାଉଥିଲେ। ପର୍ବପର୍ବାଣୀ ହେଉ ଅବା କୌଣସି ଶୁଭକାର୍ଯ୍ୟ ସବୁଥିରେ ତାକୁ ଲୋଡା ହେଉଥିଲା। ୩୩ ବର୍ଷ ହେଲା ଧାର୍ମିକ ଶୋଭାଯାତ୍ରାର ଶୋଭା ମଣ୍ଡନ କରୁଥିଲା। ଲୋକଙ୍କ ଭାବାବେଗ ସହ ଜଡ଼ିତ ଥିଲା। ଲୋକେ ନିଜ ସନ୍ତାନ ପରି ତାକୁ ପାଳୁ ଥିଲେ। ମାତ୍ର ଏକ ସଂଗଠନ ଏହା ସହି ପାରି ନ ଥିଲା। ଅସୁସ୍ଥ ଏବଂ ଯନ୍ତ୍ରଣା ଦିଆଯାଉଥିବା ଦର୍ଶାଇ ନିମ୍ନ କୋର୍ଟରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ କୋର୍ଟଙ୍କ ନିର୍ଦ୍ଦେଶରେ ଲୋକଙ୍କଠାରୁ ତାକୁ ଦୂରକୁ ନେଇ ଯାଇଥିଲା। ତାକୁ ନେବା ସମୟରେ ଲକ୍ଷାଧିକ ଲୋକ ଏକାଠି ହୋଇଥିଲେ। ଅଶ୍ରୁଭରା ନୟନରେ ବିଦାୟ ଦେଇଥିଲେ। ଏହି କାହାଣୀ କୌଣସି ମନୁଷ୍ୟର ନୁହେଁ, ଏକ ହାତୀର। ଏହି ହାତରୀ ନାମ ମହାଦେବୀ। ଲୋକେ ତାକୁ ଶ୍ରଦ୍ଧାରେ ମାଧୁରୀ ଡାକନ୍ତି।

ମାଧୁରୀ ମହାରାଷ୍ଟ୍ର କୋହ୍ଲାପୁରରେ ନନ୍ଦିନୀ ମଠରେ ରହୁଥିଲା। ଏହି ହାତୀ ପାଇଁ ଏବେ ସାରା ଅଞ୍ଚଳ କାନ୍ଦୁଛି। ଲୋକେ ତାକୁ ଫେରାଇ ଆଣିବା ପାଇଁ ନିରବ ପ୍ରତିବାଦ କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ହାସ୍‌ଟ୍ୟାଗ୍ ଚଲାଇ ମୁକେଶ ଅମ୍ବାନୀଙ୍କ ବନ୍‌ତାରାରୁ ଫେରାଇ ଆଣିବାକୁ ଦାବି କରୁଛନ୍ତି। ଏନ୍‌ଜିଓ ପେଟା ସହ ମିଶି ଷଡ଼ଯନ୍ତ୍ର କରି ଏହି ଶିଳ୍ପପତି ହାତୀକୁ ବନତାରାକୁ ନେଇ ଯାଇଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏଥିପାଇଁ ହଜାର ହଜାର ଲୋକେ ମୁକେଶ ଅମ୍ବାନୀଙ୍କ ଜିଓ ସିମ୍ ଚଲାଉ ନାହାନ୍ତି। ଏହାକୁ ପୋର୍ଟ କରି ଅନ୍ୟ କମ୍ପାନୀକୁ ନେଇ ଯାଇଛନ୍ତି। ରାଜନେତାଙ୍କ ସଭାରେ ଏକାଠି ହୋଇ ହାତୀକୁ ଫେରାଇ ଆଣିବା ପାଇଁ ଦାବି କରୁଛନ୍ତି। ବନତାରାକୁ କାହିଁକି ପଠାଇଲେ ବୋଲି ପଚାରୁଛନ୍ତି। ଏବେ ମହାରାଷ୍ଟ୍ର ସରକାର ମଧ୍ୟ ଲୋକଙ୍କ ସମର୍ଥନରେ ବାହାରିଛନ୍ତି। ହାତୀକୁ ଫେରାଇ ଆଣିବା ଲାଗି ସୁପ୍ରିମକୋର୍ଟରେ ପୁନର୍ବିଚାର ଆବେଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ୭ ବର୍ଷ ପରେ ଚୀନ୍ ଯିବେ ପ୍ରଧାନମନ୍ତ୍ରୀ: ଏସ୍‌ସିଓ ସମ୍ମିଳନୀରେ ଭାଗ ନେବେ



ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଂଘାଇ ସହଯୋଗ ସମ୍ମଳନୀ (ଏସ୍‌ସିଓ) ରେ ଯୋଗ ଦେବାକୁ ଚୀନ୍ ଯିବେ। ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ରେ ହେଉଥିବା ଏହି ସମ୍ମିଳନୀରେ ଭାରତ, ଚୀନ ଓ ରୁଷ ସମେତ ୧୦ଟି ସଭ୍ୟରାଷ୍ଟ୍ର ଭାଗ ନେବେ। ତେବେ ଭାରତ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରିବାକୁ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକ ପରିପ୍ରେକ୍ଷୀରେ ମୋଦୀଙ୍କର ଏହି ଚୀନ ଗସ୍ତକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହାସହିତ ୨୦୨୦ ଗଲୱାନ ଘାଟୀରେ ଦୁଇଦେଶର ସୈନିକମାନଙ୍କ ସଂଘର୍ଷ ପରେ ମୋଦୀ ପ୍ରଥମଥର ପାଇଁ ଚୀନ୍ ଗସ୍ତରେ ଯାଉଛନ୍ତି। ଦୁଇ ଦେଶ ମଧ୍ୟରେ ସଂପର୍କକୁ ସ୍ୱାଭାବିକ କରିବାରେ ଏହା ସହାୟକ ହେବ ବୋଲି କୁହାଯାଉଛି। ୨୦୧୮ ରେ ଚୀନ୍ ଗସ୍ତରେ ଯାଇଥିଲେ ମୋଦୀ। ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଷଷ୍ଠଥର ପାଇଁ ଚୀନ୍ ଗସ୍ତରେ ଯିବେ। ଗତ ୭୦ ବର୍ଷ ମଧ୍ୟରେ ଏହା ଯେକୌଣସି ପ୍ରଧାନମନ୍ତ୍ରୀଙ୍କ ପାଇଁ ଏହା ସର୍ବାଧିକ ଥର ଗସ୍ତ ହେବ। ଗତମାସରେ ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ୍ ଗସ୍ତରେ ଯାଇଥିଲେ ଓ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଓ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ସହ ସାକ୍ଷାତ କରିଥିଲେ। ଶେଷଥର ପାଇଁ ମୋଦୀ ୨୦୨୪ରେ ବ୍ରିକ୍ସ ସମ୍ମିଳନୀ ଅବସରରେ ରୁଷିଆରେ ଜିନପିଙ୍ଗଙ୍କୁ ଭେଟିଥିଲେ। ସେତେବେଳେ ଦୁଇ ନେତାଙ୍କ ମଧ୍ୟରେ ୫୦ ମିନିଟ୍ ଧରି ଆଲୋଚନା ହୋଇଥିଲା। ଉଲ୍ଲେଖଥାଉ କି ୨୦୦୧ରେ ଏସ୍‌ସିଓ ଗଠନ କରାଯାଇଥିଲା। ସେତେବେଳେ ଚୀନ୍, ରୁଷ, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକସ୍ତାନ, ଉଜବେକିସ୍ତାନ ମିସିକରି ଏସ୍‌ସିଓ ଗଠନ କରିଥିଲେ। ୨୦୧୭ରେ ଭାରତ ଓ ପାକିସ୍ତାନକୁ ଏହି ସଂଗଠନରେ ସାମିଲ କରାଯାଇଥିଲା। ୨୦୨୩ରେ ଇରାନକୁ ମଧ୍ୟ ଏହାର ସଦସ୍ୟତା ପ୍ରଦାନ କରାଯାଇଥିଲା।

## ଥାଇଲାଣ୍ଡରେ ବିବାହ କଲେ ଭଜନଲାଲଙ୍କ ନାତୁଣୀ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ପୂର୍ବତନ ହରିୟାଣା ମୁଖ୍ୟମନ୍ତ୍ରୀ ଚୌଧୁରୀ ଭଜନଲାଲଙ୍କ ନାତୁଣୀ ଦାମିନୀ ବିଷ୍ଣୋଇ ଥାଇଲାଣ୍ଡରେ ବିବାହ କରିଛନ୍ତି। ଏଥିରେ କେବଳ ତାଙ୍କ ପରିବାର ଲୋକ ସାମିଲ ଥିଲେ। ଗୋପନୀୟ ଭାବେ ଏହି ବିବାହ ସମ୍ପର୍ଣ୍ଣ ହୋଇଥିଲେ। ନିର୍ବନ୍ଧଠାରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ଥାଇଲାଣ୍ଡର ଫୁକେଟ୍‌ରେ ସମ୍ପର୍ଣ୍ଣ ହୋଇଥିଲା। କୌଣସି ରାଜନେତାଙ୍କୁ ଏହି ବିବାହକୁ ଆମନ୍ତ୍ରିତ କରାଯାଇ ନଥିଲା। ଏହି ବିବାହ ଫୁକେଟ୍‌ର ଏକ ପଞ୍ଚ ତାରକା ହୋଟେଲରେ ଆୟୋଜନ ହୋଇଥିଲା। ଦାମିନୀଙ୍କ ସ୍ୱାମୀଙ୍କ ନାମ ପ୍ରଣୟ। ଦାମିନୀ ମଧ୍ୟ ବିଜେପି ନେତା ତଥା ପୂର୍ବତନ ବିଧାୟକ କୂଳଦୀପ ବିଷ୍ଣୋଇଙ୍କ ଝିଅ। ତେବେ ନିର୍ବନ୍ଧର ଭିଡିଓ ଓ ଫଟୋ ଭାଇରାଲ ହୋଇଥିଲା। ଦାମିନୀ ମଧ୍ୟ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ପଞ୍ଚକୁଲା ବିଧାୟକ ଚନ୍ଦ୍ରମୋହନଙ୍କ ଝିଅ। ଦାମିନୀ ଇଂଲଣ୍ଡ ନିଜର ପାଠ ପଢ଼ା କରିଥିଲେ। ବିବାହ ପରେ ଚନ୍ଦ୍ରମୋନହଙ୍କ ପରିବାର ଥାଇଲାଣ୍ଡରେ ଅଛନ୍ତି। ଭାରତ ଫେରିବା ପରେ ଚନ୍ଦ୍ରମୋହନ ବିବାହ ଭୋଜିର ଆୟୋଜନ କରିବେ।

## ହିମାଚଳରେ ଭୂସ୍ଖଳନ: ୨ ଶ୍ରଦ୍ଧାଳୁ ମୃତ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ହିମାଳୟ ପାଦ ଦେଶ ଓ ପାହାଡି ଅଞ୍ଚଳରେ ମୌସୁମୀର ପ୍ରକୋପ ଜାରି ରହିଛି। ମଙ୍ଗଳବାର ରାତିରେ ହୋଇଥିବା ପ୍ରବଳ ବର୍ଷା ଓ ବନ୍ୟା କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। କିନ୍ନୋର ଜିଲ୍ଲାରେ ପ୍ରତିବର୍ଷ ହେଉଥିବା ବାଲି କିନ୍ନର କୌଳାଶ ଯାତ୍ରାକୁ ଯାଇଥିବା ଦୁଇ ଶ୍ରାଦ୍ଧାଳୁ ବନ୍ୟାରେ ଭାସିଯାଇ ମୃତ୍ୟୁ ବରଣ କରିଛନ୍ତି। ଆଇଟିବିପିର ଯବାନମାନେ ୪୧୩ ତୀର୍ଥଯାତ୍ରୀଙ୍କୁ ଉଦ୍ଧାର କରିଛନ୍ତି। ଏବେ ମଧ୍ୟ କେତେକ ଶ୍ରଦ୍ଧାଳୁ ଫସି ରହିଛନ୍ତି। ସେହିପରି ମଙ୍ଗଳବାର ରାତିରେ ଚଣ୍ଡିଗଡ଼- ମନାଲୀ ଜାତୀୟ ରାଜପଥ ଭୂସ୍ଖଳନ ଯୋଗୁଁ ବନ୍ଦ ହୋଇଛି। ବଡ଼ବଡ଼ ପଥର ଖଣ୍ଡ ଖସିବା ଫଳରେ ୫୦୦ରୁ ଊର୍ଦ୍ଧ୍ୱ ସଡକ ବନ୍ଦ ରହିଛି।

## ୟୁକ୍ରେନର ଅଭିଯୋଗ: ରୁଷିଆ ଡ୍ରୋନ୍‌ରୁ ଭାରତୀୟ ଯନ୍ତ୍ରାଂଶ ମିଳିଛି

କିଭ୍, ୬।୮ (ଏଜେନ୍ସି): ରୁଷିଆ- ୟୁକ୍ରେନ ଯୁଦ୍ଧରେ ଏବେ ଭାରତର ଭୂମିକା ପଦାକୁ ଆସିଛି। ରୁଷିଆ ଡ୍ରୋନ୍‌ରେ ଭାରତୀୟ ଯନ୍ତ୍ରାଂଶ ମିଳିଛି ବୋଲି ୟୁକ୍ରେନ ଅଭିଯୋଗ କରିଛି। ୟୁକ୍ରେନ ରାଷ୍ଟ୍ରପତ ଭୋଲୋଡିମୀର ଜେଲେନସ୍କି ଚିଫ୍ ଅଫ୍ ଷ୍ଟାଫ୍ ଆଣ୍ଡ୍ରି ୟେରମାକ ଏ ନେଇ ଅଭିଯୋଗ ଆଣିଛନ୍ତି। ରୁଷିଆକୁ ବିଦେଶୀ ଯନ୍ତ୍ରାଂଶ ପଠାଯିବା ବନ୍ଦ ହେବ ଆବଶ୍ୟକ। ଏହାକୁ ବ୍ୟବହାରେ କରି ରୁଷି ୟୁକ୍ରେନ ନାଗରିକଙ୍କ ଜୀବନ ନେଉଛି ବୋଲି ସେ କହିଛନ୍ତି। ଭାରତ ରୁଷିଆ ଠାରୁ ତୈଳ କ୍ରୟ କରି ପରୋକ୍ଷରେ ୟୁକ୍ରେନ ବିପକ୍ଷ ଯୁଦ୍ଧରେ ରୁଷିଆକୁ ସହାୟତା ପ୍ରଦାନ କରୁଛି ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହୁଥିବା ସମୟରେ ୟେରମାନ ଏହି କଥା କହିଛନ୍ତି। କେବଳ ଜୁଲାଇ ମାସରେ ରୁଷିଆ ୟୁକ୍ରେନ ଉପରେ ୬୦୦୦ରୁ ଊର୍ଦ୍ଧ୍ୱ ଡ୍ରୋନ ଦ୍ୱାରା ଆକ୍ରମଣ କରିଛି। ୨୦୨୨ରେ ଯୁଦ୍ଧ ଆରମ୍ଭ ହେବା ପରେ ରୁଷିଆର ଏହା ସର୍ବାଧିକ ଡ୍ରୋନ ଆକ୍ରମଣ ସାବ୍ୟସ୍ତ ହୋଇଛି। ଏହି ଆକ୍ରମରେ ଡଜନେରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି ଓ ବହୁ ଲୋକ ଆହତ ହୋଇଛନ୍ତି। ଚଳିତ ଅଗଷ୍ଟ ମାସରେ ମଧ୍ୟ ରୁଷିଆ ତା'ର ଡ୍ରୋନ ଆକ୍ରମଣ ଜାରି ରଖିଛି ବୋଲି ୟୁକ୍ରେନ କହିଛି। ଅଗଷ୍ଟ ୨ରେ ରୁଷିଆ ୭୬ ଡ୍ରୋନ ଓ ୭ ମିସାଇଲ ୟୁକ୍ରେନ ଉପରେ ମାଡ କରିଥିଲା। ୟୁକ୍ରେନ ମଧ୍ୟ ରୁଷିଆ ଉପରେ ଡ୍ରୋନ ଆକ୍ରମଣ କରିଛି।

## ଧରାପଡ଼ିଲା ମହିଳା ସାଂସଦଙ୍କ ଚେନ୍ ଲୁଟେରା

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): କଂଗ୍ରେସ ସାଂସଦ ସୁଧା ରାମକ୍ରିଷ୍ଣନଙ୍କ ବେକରୁ ୩୦ ଗ୍ରାମ୍‌ର ଚେନ୍ ଛଡାଇନେଥିବା ଲୁଟେରା ବୁଧବାର ଧରା ପଡ଼ିଛି। ଦିଲ୍ଲୀ ପୁଲିସ ଏ ନେଇ ସୂଚନା ଦେଇଛି। ସୋହନ ରାୱତ ଏହି ଚେନ୍ ଛଡାଇ ନେଇଥିଲା ବୋଲି ପୁଲିସ କହିଛି। ସୋହନଠାରୁ ପୁଲିସ ସ୍କୁଟି ଓ ସାଂସଦଙ୍କ ଚେନ୍ ଜବତ କରିଛି। ସିସିଟିଭ ଫୁଟେଜ ଆଧାର କରି ସୋହନର ଗତିବିଧି ଉପରେ ନଜର ରଖାଯିବା ପରେ ତାକୁ ଗିରଫ୍ କରାଯାଇଛି। ସୋହନ ନାମରେ ପୂର୍ବରୁ ୨୬ଟି ଅପରାଧିକ ମାମଲା ରୁଜୁ ହୋଇଛି। ଏଗୁଡିକ ମଧ୍ୟରୁ ଅଧିକାଂଶ ଚୋରି ଓ ଛଡାଇନେବା ମାମଲା ରହିଛି। ଗତ ଏପ୍ରିଲ୍‌ରେ ଏକ ଗାଡି ଚୋରି ମାମଲାରେ ଗିରଫ କରାଯାଇଥିଲା। ଜୁନ୍ ୨୭ରେ ସେ ଜାମିନରେ ବାହରକୁ ଆସିଥିଲା। ଉଲ୍ଲେଖଥାଉ କି, ଜୁଲାଇ ୪ରେ ଦିଲ୍ଲୀର ଚାଣକ୍ୟପୁରୀ ଇଲାକାରେ ତାମିଲନାଡୁ ଭବନ ନିକଟ୍‌ରେ ସୁଧା ପ୍ରାତ ଭ୍ରମଣ କରୁଥିବା ବେଳେ ସ୍କୁଟିରେ ଆସି ତାଙ୍କଠାରୁ ଚେନ୍ ଛଡାଇ ନେଇଥିଲା। ଫଳରେ ସୁଧା ତଳେ ପଡ଼ିଯାଇଥିଲେ। ତାଙ୍କ ଗଳାରେ ଆଘାତ ଲାଗିଥିଲା ଓ ତାଙ୍କ ପୋଷାକ ମଧ୍ୟ ଚିରି ଯାଇଥିଲା। ସୁଧା ତାମିଲନାଡୁର ମାଇଲାଡୁଥୁରାଇ ଲୋକସଭା ନିର୍ବାଚନ ମଣ୍ଡଳୀରୁ ସାଂସଦ ରହିଛନ୍ତି। ସଂସଦର ମୌସୁମୀ ଅଧିବେଶନରେ ଭାଗ ନେବାକୁ ସେ ଦିଲ୍ଲୀ ଆସିଥିଲେ। ଚାଣକ୍ୟପୂରୀ ଦିଲ୍ଲୀର ସବୁଠାରୁ ସୁରକ୍ଷିତ ସ୍ଥାନ ଭାବେ ଜଣାଶୁଣା। ଏଠାରେ ଏକାଧିକ ଦେଶର ଦୂତାବାସ ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ରହିଛି।

# ବନ୍ୟା ପରେ ଉତ୍ତରାଖଣ୍ଡ ବେହାଲ

# ମାଟିତଳୁ ଜୀବନ ଖୋଜା

## ୧୧ ଯବାନ, ୨୮ ପର୍ଯ୍ୟଟକଙ୍କ ପତ୍ତା ମିଳୁନି



ଡେରାଡୁନ, ୬।୮ (ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀରେ ଧରାଲୀ ଗାଁରେ ମଙ୍ଗଳବାର ବାଦଲ ଫଟା ବର୍ଷା ଯୋଗୁଁ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏସ୍‌ଡିଆରଏଫ୍, ଏନ୍‌ଡିଆରଏଫ୍, ଆଇଟିବିପ ଓ ସେନା ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଖରାପ ପାଗ ଯୋଗୁଁ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ମଙ୍ଗଳବାର ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ୪ଟି ମୃତଦେହ ଉଦ୍ଧାର କରାଯାଇଛି। ଉତ୍ତରାଖଣ୍ଡର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି। ଏମାନଙ୍କର ପରିଚୟ ମିଳିପାରି ନାହିଁ। ୧୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି। ୧୧ ଜଣ ଯବାନଙ୍କ ସମେତ ଗତ ୨୪ ଘଣ୍ଟା ମଧ୍ୟରେ ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଏହାପରେ ଧାମୀ ଧରାଲୀ ସମେତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଅନ୍ୟ ସ୍ଥାନଗୁଡିକ ହେଲିକପ୍ଟର ଯୋଗ ଆକାଶମାର୍ଗରୁ ପରିଦର୍ଶନ କରିଥିଲେ। ସେ ଉଦ୍ଧାର କାର୍ଯ୍ୟ ନେଇ ଅଧିକାରୀମାନଙ୍କ ବୈଠକରେ ଆଲୋଚନା କରିଛନ୍ତି। ବାଦଲ ଫଟା ବର୍ଷା ଓ ଅଚାନକ ବନ୍ୟାରେ ଧରାଲୀ ଗାଁର ବଜାର, ଘର, ହେଟେଲ ସବୁ କିଛି ବହିଯାଇଛି। ମାତ୍ର ୩୪ ସେକେଣ୍ଡ ମଧ୍ୟରେ ଏହି ଧ୍ୱଂସର ତାଣ୍ଡବଲୀଳା ଦେଖିବାକୁ ମିଳିଥିଲା। ଧରାଲୀକୁ ବାଦ୍ ଦେଲେ ସୁକ୍କୀ ଓ ହର୍ଷିଲରେ ମଧ୍ୟ ବାଦଲ ଫଟା ବର୍ଷା ହୋଇଥିଲା। ତେବେ ଏଠାରେ ଧରାଲୀ ଭଳି କ୍ଷୟକ୍ଷତି ହୋଇନାହିଁ। ଧରଲୀର ୧୫୦୦ ବର୍ଷ ପୁରୁଣା କଳ୍ପ କେଦାର ମନ୍ଦିର ମଧ୍ୟ ଧ୍ୱଂସ ପାଇଛି। ଏହି ନତୀ ଭାଗୀରଥୀ ନଦୀକୂଳରେ ଅବସ୍ଥିତ ଥିଲା। ଧରାଲୀ ଗଙ୍ଗୋତ୍ରୀ ଧାମଠାରୁ ମାତ୍ର ୧୮ କିମି ଦୂରରେ ଅବସ୍ଥିତ। ବିପର୍ଯ୍ୟୟରେ ଏତେ ଭୟଙ୍କର ଥିଲା ଯେ, ଲୋକଙ୍କୁ ଦୌଡ଼ି ପଳାଇବାକୁ ସମୟ ନଥିଲା।

### ଖରାପ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ

କୋଚି: ଉତ୍ତରାଖଣ୍ଡର ବନ୍ୟା ବିଭୀଷିକାରେ କେରଳର ୨୮ ଜଣ ପର୍ଯ୍ୟଟକ ନିଖୋଜ ହୋଇଛନ୍ତି। ନିଖୋଜ ହୋଇଥିବାର ପରିବାର ତରଫରୁ ବୁଧବାର ଏ ନେଇ ସୂଚନା ଦିଆଯାଇଛି। ୨୮ ଜଣଙ୍କ ମଧ୍ୟରୁ ୨୦ ଜଣ ପର୍ଯ୍ୟଟକ ମହାରାଷ୍ଟ୍ରରେ ଅବସ୍ଥାପିତ ହୋଇଛନ୍ତି। ବାକି ୮ ଜଣ କେରଳର ବିଭିନ୍ନ ସ୍ଥାନରୁ ଉତ୍ତରାଖଣ୍ଡ ବୁଲିବାକୁ ଯାଇଥିଲେ। ମଙ୍ଗଳବାର ସକାଳ ୮.୩୦ରେ ଏହି ପର୍ଯ୍ୟଟକମାନେ ଉତ୍ତରାକାଶୀରୁ ଗଙ୍ଗୋତ୍ରୀ ଯାତ୍ରା କରିଥିଲେ ଓ ରାସ୍ତାରେ ହିଁ ଭୂସ୍ଖଳନ ହୋଇଥିଲା। ଏହାପରଠାରୁ ସେମାନଙ୍କ ସହିତ କୌଣସି ଯୋଗଯୋଗ ହୋଇପାରିନାହିଁ। ହରିଦ୍ୱାରର ଏକ ଟ୍ରାଭେଲ ଏଜେନ୍ସି ପର୍ଯ୍ୟଟକଙ୍କ ପାଇଁ ୧୦ ଦିନିଆ ଯାତ୍ରାର ବ୍ୟବସ୍ଥା କରିଥିଲା ସେମାନଙ୍କ ପରିବାର ତରଫରୁ କୁହାଯାଇଛି। ଉତ୍ତରାଖଣ୍ଡରେ ବୁଧବାର ହୋଇଥିବା ପ୍ରବଳ ବର୍ଷାରେ ପୋଡି ଜିଲ୍ଲାର ବୁରାଁସୀ ଗାଁରେ ଜଣେ ମହିଳା ମାଟି ତଳେ ଦବିଯାଇ ପ୍ରାଣ ହରାଇଛନ୍ତି। ୫ ଜଣ ନେପାଳୀ ଶ୍ରମିକ ମଧ୍ୟ ଭାସି ଯାଇଥିବା ସୂଚନା ମିଳିଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁହଁରେ ଉତ୍ତରକାଶୀ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀରେ ମଙ୍ଗଳବାର ହୋଇଥିବା ବାଦଲ ଫଟା ବର୍ଷା ପ୍ରଳୟଙ୍କାରୀ ବନ୍ୟା ଆଣିବା ସହ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି କରିଛି। ଅଚାନକ ଆସିଥିବା ବନ୍ୟାରେ ହର୍ଶିଲି ନିକଟସ୍ଥ ଧରାଲୀ ଗ୍ରାମ୍ ସମ୍ପୂର୍ଣ୍ଣ ରୂପେ ଭାସି ଯାଇଛି। ଏହି ମହା ବିପର୍ଯ୍ୟର ଭୌଗଳିକ କାରଣ ନେଇ ଆଲୋଚନା କରିବା

**କ୍ଷେତ୍ରର ଭୌଗଳିକ ସ୍ଥିତି:** ପ୍ରଭାବିତ ଏହି କ୍ଷେତ୍ର ଗରୱାହଲ ହିମାଳୟର ଗହୀରରେ ଅବସ୍ଥିତ। ପାହାଡୀ ଗଡ଼ାଣୀ, ଅସ୍ଥିର ପାର୍ବତ୍ୟ ଚଟାଣ ଓ ହିମ ପ୍ରବାହ ଆସୁଥିବା ନଦୀଗୁଡିକର ଜାଲ ମଧ୍ୟରେ ଏହି କ୍ଷେତ୍ର ରହିଛି। ତେଣୁ ଏହିଭଳି ଭୌଗଳିକ ସ୍ଥିତି ଧରାଲୀ ସମେତ ହର୍ଶୀଲ ଓ ଗଙ୍ଗୋତ୍ରୀ ଭଳି ସ୍ଥାନଗୁଡିକରେ ଭୂସ୍ଖଳନ, ଅଚାନକ ବନ୍ୟା, କାଦୁଅ ଓ ଅବଶେଷ ଧାରକୁ ଡାକିଆଣିଥାଏ। ଭାଗୀରଥୀ, ଅଳକାନନ୍ଦା, ମନ୍ଦାକିନୀ, ଧଉଳି ଗଙ୍ଗା ଓ ଯମୁନା ଭଳି ନଦୀ ଏହି ରାଜ୍ୟରୁ ଉତ୍ପତ୍ତି ହେବା ସହ ପତଳା ଉପତ୍ୟାକା ଦେଇ ଗତି କରୁଛି। ଏହି ନଦୀଗୁଡିକରେ ହିମ ପ୍ରବାହ ମଧ୍ୟ ହୋଇଥାଏ। ବର୍ଷା ଦିନରେ ଏହ ନଦୀଗୁଡିକ ଭୟଙ୍କର ରୂପ ଧାରଣ କରିଥାନ୍ତି। ବ୍ୟାପକ ଭାବେ ଜଙ୍ଗଲ କଟାଯିବା, ରାସ୍ତା ନିର୍ମାଣ ଓ ଅନିୟନ୍ତ୍ରିତ ବିକାଶ ହିଁ ଏହି ଅଞ୍ଚଳର ଭୌଗଳିକ ସନ୍ତୁଳନକୁ ବିଗାଡିବା ସହ ବିପର୍ଯ୍ୟୟକୁ ଡାକିଆଣୁଛି।

**ଭାଗୀରଥୀ ନଦୀର ସ୍ରୋତ ଓ ଉତ୍ସ:** ଭାଗୀରଥୀ ନଦୀ ଗଙ୍ଗୋତ୍ରୀ ହିମପ୍ରବାହର ଉତ୍ସ ଗୋମୁଖରୁ ବାହାରିଛି। ଏହି ନଦୀ ଉତ୍ତରକାଶୀ ଜିଲ୍ଲାର ୪, ୦୦୦ ମିଟର ଉଚ୍ଚରେ ପ୍ରବାହିତ ହେଉଛି। ତେଣୁ ଏହି ନଦୀ ବର୍ଷା ଦିନ ବିପଜ୍ଜନକ ହୋଇଥାଏ। ଏଠାରୁ ଭାଗୀରଥୀ ଗଙ୍ଗୋତ୍ରୀ, ହର୍ଶୀଲ, ଉତ୍ତରକାଶୀ ଓ ଟେହେରୀ ଦେଇ ପ୍ରବାହୀତ ହେଉଛି। ପୁଣି ଜହ୍ନ ଗଙ୍ଗା, କେଦାର ଗଙ୍ଗା, ଭିଲାଙ୍ଗ ଭଳି ସାଖା ନଦୀକୁ ସହ ମିଶି ଭାଗୀରଥୀ ଦେବପ୍ରୟାଗଠାରେ ଅଳକାନନ୍ଦା ସହ ମିଶି ଗଙ୍ଗାନଦୀ ସୃଷ୍ଟି କରୁଛି। ଗଙ୍ଗାକୁ ଅଳକାନନ୍ଦା ଅଧିକ ଦଳ ଦେଇଥିଲେ ମଧ୍ୟ ଭାଗୀରଥୀ ଗଙ୍ଗାର ମୁଖ୍ୟ ତଥା ପବିତ୍ର ଉଦ୍‌ଗମ ସ୍ଥଳ ବିବେଚିତ ହେଉଛି। ବର୍ଷା ଦିନେ ମୌସୁମୀ ପ୍ରବାହରୁ ଏହି ନଦୀଗୁଡିକ ଭୟଙ୍କର ରୂପ ଧାରଣ କରିଥାନ୍ତି।


**ଧରାଲୀର ଗଙ୍ଗୋତ୍ରୀ ନିକଟତା:** ଧରାଲୀ ଗାଁ ସମୁଦ୍ର ପତ୍ତନଠାରୁ ୨, ୬୮୦ମି. ଉଚ୍ଚରେ ଭାଗୀରଥୀ କୂଳରେ ଓ ଦେବଦାରୀ ଓ ପାଇନ ଜଙ୍ଗଲ ମଧ୍ୟରେ ଅବସ୍ଥିତ। ଏହା ଜାତୀୟ ରାଜପଥ- ୧୦୮ (ଗଙ୍ଗୋତ୍ରୀ ରୋଡ) ପାଖରେ ଅବସ୍ଥିତ। ଏହା ହର୍ଶୀଲଠାରୁ ୬ କିମି ଓ ଗଙ୍ଗୋତ୍ରୀଠାରୁ ୧୪ କିମି ପୂର୍ବରେ ରହିଛି। ପୁଣି ଜିଲ୍ଲା ମୁଖ୍ୟାଳୟ ଧରାଲୀଠାରୁ ୮୦ କିମି ଦୂରରେ ରହିଛି। ଗଙ୍ଗୋତ୍ରୀ ନିକଟତା ମଧ୍ୟ ବିପର୍ଯ୍ୟୟର ଅନ୍ୟଏକ କାରଣ ବୋଲି କୁହାଯାଇପାରେ। ହର୍ଶୀଲ ଡେରାଡୁନ୍‌ଠାରୁ ୨୦୦ କିମି ଦୂରରେ ଅବସ୍ଥିତ।

**ଭାଗୀରଥୀ ସମେତ ଅନ୍ୟ ହିମାଳୟ ନଦୀର ଉତ୍ସ:** ଭାଗୀରଥୀ ସମେତ ହିମାଳୟର ଅନ୍ୟ ନଦୀ ସବୁ ଏହି ଉତ୍ତରାଖଣ୍ଡରୁ ସୃଷ୍ଟି ହୋଇଛି। ପୁଣି କେତୋଟି ଗ୍ଲାସିଏର ତଥା ହିମ ପ୍ରବାହ ମଧ୍ୟ ଏଠରେ ରହିଛି। ଭାଗୀରଥୀ, ଅଳକାନନ୍ଦା, ମନ୍ଦାକିନୀ, ପିନ୍ଦାର ନଦୀ ବିଭିନ୍ନ ବିଭିନ୍ନ ହିମ ପ୍ରବାହରୁ ସୃଷ୍ଟି ହୋଇଛି। ଏହି ସବୁ ନଦୀ ଚିରସ୍ରୋତା ଅର୍ଥାତ ବାରମାସୀ। କିନ୍ତୁ ମୌସୁମୀରେ ଏହି ନଦୀଗୁଡିକର ଜଳ ପତ୍ତନ ଅଶାତୀତ ବୃଦ୍ଧି ପାଇଥାଏ ଓ ଭୟଙ୍କର ରୂପ ଧାରଣ କରିଥାଏ। ତେଣୁ ଉତ୍ତରକାଶୀର ବିଭିନ୍ନ ସ୍ଥାପ ପ୍ରତି ବିପଦ ସୃଷ୍ଟି ହୋଇଥାଏ।

## ୨୦୧୩, ୨୦୨୧ ଆସିଥିଲା ପ୍ରଳୟଙ୍କରୀ ବନ୍ୟା

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଉତ୍ତରାଖଣ୍ଡରେ ବର୍ଷା ଦିନେ ପ୍ରଳୟଙ୍କାରୀ ବନ୍ୟା ଆସିଥାଏ। ୨୦୧୩ରେ କେଦାରନାଥରେ ଓ ୨୦୨୧ରେ ରିଷିଗଙ୍ଗାରେ ବନ୍ୟା ଯୋଗୁଁ ପ୍ରଳୟ ଆସିଥିଲା। କେଦାରନାଥ ବନ୍ୟାରେ ଜୁନ୍ ୧୫ରୁ ୧୭ ମଧ୍ୟରେ ହୋଇଥିଲା। ଏହି ପ୍ରଳୟଙ୍କାରୀ ବନ୍ୟାରେ ୫, ୭୦୦ରୁ ୬, ୦୦୦ ଲୋକ ମୃତ୍ୟୁବରଣ କରିଥିବା ଆଶଙ୍କା କରାଯାଉଛି। ସେହିପରି ୨୦୨୧ ଫେବୃଆରୀ ୭ରେ ନନ୍ଦାଦେବୀ ହିମପ୍ରବାହର ଭାଙ୍ଗିବା ଓ ବାଦଲ ଫଟା ବର୍ଷା ଫଳରେ ବନ୍ୟା ଆସିଥିଲା। ଏହି ବିପର୍ଯ୍ୟୟରେ ୨୦୦ ଲୋକ ମୃତ୍ୟୁବରଣ କରିଥିଲେ ବୋଲି ଅନୁମାନ କରାଯାଉଛି। ଏହି ଦୁଇଟି ବନ୍ୟାରେ ବିପୁଳ କ୍ଷୟକ୍ଷତି ହେବା ସହ ବହୁ ସଂଖ୍ୟାରେ ଲୋକ ମୃତାହତ ହେବା ସହ ନିଖୋଜ ହୋଇଥିଲେ।

## ବିହାର ଏସ୍‌ଆଇଆର୍‌କୁ ନେଇ ହଙ୍ଗାମା ଜାରି; ସଂସଦ ମୁଲତବୀ



ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ସଂସଦରେ ମୌସୁମୀ ଅଧିବେଶନ ଚାଲିଥିବା ବେଳେ ବୁଧବାର ଥିଲା ଏକାଦଶ ଦିବସ। ଅଧିବେଶନରେ ବିହାର ଏସ୍‌ଆଇଆର୍‌କୁ ନେଇ ହଙ୍ଗାମା ଜାରି ରହିଥିଲା। ଫଳରେ ରାଜ୍ୟସଭା ଓ ଲୋକସଭା ବୁଧବାର ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରହିଛି। ପୋର୍ଟ, ସିପିଂ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ବୁଧବାର ଲୋକସଭାରେ ମର୍ଚ୍ଚାଣ୍ଟ ସିପିଂ ବିଲ୍ ଉପସ୍ଥାପନ କରିଥିଲେ। ବିରୋଧୀ ଦଳଗୁଡିକର ହଙ୍ଗାମା ମଧ୍ୟରେ ଏହି ବିଲ୍ ପାରିତ ହୋଇଥିଲା। କିନ୍ତୁ ଗୃହ ଆରମ୍ଭ ହେବା ମାତ୍ରେ ସକାଳେ ଦୁଇ ଗୃହରେ ବିରୋଧୀ ଦଳ ସଦସ୍ୟମାନେ ବିହାର ଭୋଟର ଲିଷ୍ଟ ଭେରିଫିକୋସନ ମାମଲାକୁ ନେଇ ହଙ୍ଗାମା ଆରମ୍ଭ କରିଥିଲେ। ଏଥିସହ ବରୋଧୀ ଦଳ ନେତାମାନେ ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲାଙ୍କୁ ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ବିଲ୍-୨୦୨୫ ଓ ନ୍ୟାସନାଲ ଆଣ୍ଟି ଡୋପିଂ (ବିଧେୟକ)-୨୦୨୫କୁ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି (ଜେପିସି) କୁ ପଠାଇବାକୁ ଦାବି କରିଥିଲେ। ଅନ୍ୟପଟେ ରାଜ୍ୟ ସଭାରେ କଂଗ୍ରେସ ଅଧ୍ୟକ୍ଷ ମିଲ୍ଲିକାର୍ଜୁନ ଖଡଗେ ଉପ- ସଭାପତି ହରିବଂଶ ନାରାୟଣ ସିଂଙ୍କୁ ଚିଠି ଲେଖି ବିହାର ଏସ୍‌ଆଇଆର୍ ଉପରେ ଆଲୋଚନା କରିବାକୁ ଦାବି କରିଥିଲେ। ରାଜ୍ୟସଭାରେ ମଣିପୁରରେ ଲାଗୁ ହୋଇଥିବା ରାଷ୍ଟ୍ରପତି ଶାସନକୁ ୬ ମାସଠାରୁ ଅଧିକ କରିବାକୁ ସହମତି ପ୍ରକାଶ ପାଇଥିଲା। ଲୋକସଭାରେ ଗୋଆ ରାଜ୍ୟ ବିଧାନସଭା କ୍ଷେତ୍ରରେ ଅନୁସୂଚିତ ଜାତିଗୁଡିକର ପ୍ରତିନିଧିତ୍ୱକୁର ପୁନଃ ସମାୟୋଜନ ବିଧେୟକ ତଥା ରିଆଡଜଷ୍ଟମେଣ୍ଟ ବିଲ୍- ୨୦୨୪ ମଧ୍ୟ ପାରିତ ହୋଇଥିଲା। ଏପର୍ଯ୍ୟନ୍ତ ସଂସଦରେ ୧୨ ଦିନ ମଧ୍ୟରୁ ମାତ୍ର ୨ ଦିନ ଚର୍ଚ୍ଚା ହୋଇଛି।

## କିଛି ନ ଜାଣି ଦୋଷ ଲଗାଉଛନ୍ତି ଟ୍ରମ୍ପ: ରୁଷ୍‌ଠୁ ଆମେରିକ କ'ଣ କିଣୁଛି ଜଣାନାହିଁ

ୱାଶିଂଟନ, ୬।୮ (ଏଜେନ୍ସି): ରୁଷ୍‌ଠାରୁ ତୈଳ କିଣିବାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ କ୍ରମାଗତ ଭାବେ ଧମକ ଦେଇ ଚାଲିଛନ୍ତି। ରୁଷ ସହ ବେପାର ବନ୍ଦ ନ କଲେ ଅଧିକ ଶୁଳ୍କ ଲଗାଇବେ ବୋଲି କହିଛନ୍ତି। ଭାରତ ପରୋକ୍ଷରେ ୟୁକ୍ରେନ ଯୁଦ୍ଧକୁ ପାଣ୍ଠି ଯୋଗାଉଛି ବୋଲି ଟ୍ରମ୍ପ ଅଭିଯୋଗ ଲଗାଇଛନ୍ତି। କିନ୍ତୁ ଭାରତର ଅପ୍ରତ୍ୟାଶିତ ଜବାବକୁ ଆମେରିକା ସମ୍ଭାଳି ପାରିନାହିଁ। ଭାରତକୁ ଦୋଷ ଲଦୁଥିବା ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ରୁଷ୍ ସହ କାରବାର ଜାରି ରଖିଛନ୍ତି। ଆମେରିକା ମସ୍କୋଠାରୁ ୟୁରାନିୟମ ହେକ୍ସାଫ୍ଲୋରାଇଡ, ସାର ଏବଂ ରାସାୟନିକ ସାମଗ୍ରୀ ମଗାଉଛି ବୋଲି ଭାରତ କହିଛି। କିନ୍ତୁ ଭାରତ ବିରୋଧରେ ଅଭିଯୋଗ ଲଗାଉଥିବା ଆମେରିକା ରାଷ୍ଟ୍ରପତି ନିଜ ଦେଶ ରୁଷଠାରୁ କ'ଣ କ୍ରୟ କରୁଛି ତାହା ଜାଣିନାହାନ୍ତି। ଏ ବିଷୟରେ ସାମ୍ବାଦିକମାନେ ଆଜି ଟ୍ରମ୍ପଙ୍କୁ ପ୍ରଶ୍ନ କରିଥିଲା। ନିଜେ ରୁଷ୍ ସହ ବ୍ୟାବସାୟୀକ ସମ୍ପର୍କ ରଖି ଅନୁଚିତ ଭାବେ ଭାରତ ଉପରେ ଆମେରିକା ଦୋଷ ଲଦୁଥିବା କଥା ପଚାରି ଥିଲେ। ମସ୍କୋରୁ ୟୁରାନିୟମ, ସାର ଆଦି ଆଣୁଥିବା ପ୍ରଶ୍ନ କରିବାରୁ ତାଙ୍କ ପାଖରେ ଏହାର ସୂଚନା ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଏହାର ଯାଞ୍ଚ କରାଇବାକୁ ପଡ଼ିବ ବୋଲି କହିଛନ୍ତି।

ଏହା ପୂର୍ବରୁ ମଙ୍ଗଳବାର ରୁଷ ସହ ବ୍ୟବସାୟ ନେଇ ଆମେରିକା କରିଥିବା ଅଭିଯୋଗର ଜବାବ ଦେଇଥିଲା ଭାରତୀୟ ବିଦେଶ ମନ୍ତ୍ରାଳୟ। ଆମେରିକା କମ୍ପାନୀଗୁଡିକ ମସ୍କୋ ସହ ବ୍ୟବସାୟ ଜାରି ରଖିଥିବାବେଳେ ଭାରତକୁ ଦୋଷ ଦେବା ଅନୁଚିତ ଏବଂ ଅଯୌକ୍ତିକ ବୋଲି କୁହାଯାଇଥିଲା। ଭାରତ ଏବଂ ଆମେରିକା ମଧ୍ୟରେ ତୈଳ କିଣାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲ ମସ୍କୋ ଗସ୍ତରେ ଯାଇଛନ୍ତି। ଏହି ପୂର୍ବ ନିର୍ଦ୍ଧାରିତ ଗସ୍ତରେ ସେ ଦୁଇ ଦେଶର ସମ୍ବନ୍ଧକୁ ଅଧିକ ମଜବୁତ ପାଇଁ ଚର୍ଚ୍ଚା କରିବେ। ଚଳିତ ମାସ ଶେଷରେ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ ମସ୍କୋ ଗସ୍ତରେ ଯାଇପାରନ୍ତି।

## ସିନ୍ଧୁ ନଦୀ ମୁହାଣରେ ୮୦ ପ୍ରତିଶତ ଜଳ ହ୍ରାସ

ଇସ୍‌ଲାମାବାଦ୍, ୬।୮ (ଏଜେନ୍ସି): ପାକିସ୍ତାନର ସବୁଠାରୁ ବଡ଼ ନଦୀ ସିନ୍ଧୁ ନଦୀର ଡେଲ୍ଟା ଅର୍ଥାତ ମୁହାଣ ଅଞ୍ଚଳରେ ଏବେ ଜନଜୀବନ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି। ନଦୀର ଉପର ଅଞ୍ଚଳରେ ବନ୍ଧ ଓ କେନାଲ ଦ୍ୱାରା ପାଣି ଅଟକାଯିବ ଫଳରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଫଳରେ ସିନ୍ଧୁ ନଦୀ ଡେଲ୍‌ଟାରେ ଜଳ ୮୦ ପ୍ରତିଶତ କମିଛି। ୧୯୫୦ ଦଶକ ପରେ ପ୍ରଥମଥର ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ପାଣି ନ ଥିବାରୁ ସମୁଦ୍ର ତଥା ଆରବ ସାଗରରୁ ଲୁଣିଆ ପାଣି ମୁହାଣ ଭିତରକୁ ପସି ଆସିଛି। ଫଳରେ ଏହି ଅଞ୍ଚଳର ସ୍ଥାନ ସବୁ ଲୁଣିଆ ହୋଇଛି। ତେଣୁ ଏଠାରେ ଚାଷବାସ ବନ୍ଦ ହୋଇଯାଇଛି। ଏଠାରେ ମାଛଙ୍କ ସଂଖ୍ୟରେ ଯଥେଷ୍ଟ କମିଛି ଓ କଙ୍କଡା ଅନ୍ୟ ଜନ୍ତୁମାନଙ୍କ ଜୀବନ ବିପନ୍ନ ହୋଇଛି। ପାଣି ଏକପ୍ରକାର ବିଶାକ୍ତ ହୋଇଛି ଓ ଏହି ସ୍ଥାନ ଆଉ ବାସ ଉପଯୋଗୀ ହୋଇ ରହିନାହିଁ। ଏଠାରେ ୮୦ ପ୍ରତିଶତ ଜଳ ପାନୀୟ ଯୋଗ୍ୟ ନୁହଁ ବୋଲି ସିନ୍ଧୁ ସରକାରଙ୍କ ତରଫରୁ କୁହାଯାଇଛି। ଏହି ଡେଲ୍ଟାରେ ଏକଦା ୧୭ ଛୋଟ ଛୋଟ ନଦୀ ବହୁଥିଲା। ସନ୍ତସନ୍ତିଆ ଜମି, ଲୁଣି ଜଙ୍ଗଲ ଓ ମାଛ୍‌ରେ ଭରପୂର ଥିବା କାଦୁଆ ପଡ଼ିଆ ଥିଲା। ଏବେ ଏହାର ମାଟି ଲବଣ ଯୁକ୍ତ ହେବା ସହ ପାଣି ବିଷାକ୍ତ ହୋଇଛି। ସମୁଦ୍ର ଲୁଣି ପାଣି ଏବେ ସମଗ୍ର ଡେଲ୍ଟା ଅଞ୍ଚଳକୁ ପଶି ଆସିଲାଣି। ଗତ ୨୦ ବର୍ଷ ମଧ୍ୟରେ ଏହି ଡେଲ୍ଟ ଅଞ୍ଚଳରେ ଲୋକ ସଂଖ୍ୟା ୧୨ ଲକ୍ଷ କମ୍ ହୋଇଛି। ଏହି ସ୍ଥାନ ଛାଡି ଲୋକେ କରାଚୀ ଭଳି ସହରକୁ ପଳାୟନ କରିଛନ୍ତି। ସିନ୍ଧୁ ନଦୀ ପାଣି ରୋକା ଯାଉଥିବାରୁ ଏହି ଅଞ୍ଚଳରେ ଏକାଧିକବାର ବିରୋଧ ପ୍ରଦର୍ଶନ କରାଯାଇଛି।

## ସାଇବର ଠକଙ୍କ ଜାଲରେ ଓଡ଼ିଶା

# ଦିନକୁ ଲୁଟିନେଉଛନ୍ତି କୋଟିଏ

### ଅଧିକ ଲାଭର ଲୋଭ ଦେଖାଇ ୭ ମାସରେ ନେଇଗଲେଣି ୨୧୫ କୋଟି

ଭୁବନେଶ୍ୱର,୬।୮ (ସମିସ): ବ୍ୟାଙ୍କ ଜମା ଅପେକ୍ଷା ସେୟାର ମାର୍କେଟରେ ପୁଞ୍ଜି ନିବେଶ କଲେ ଅଧିକ ଲାଭ ମିଳିଥାଏ। ତେଣୁ ଅନେକ ଲୋକ ଷ୍ଟକ୍ ମାର୍କେଟରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି। ହେଲେ ସାଇବର ଠକମାନେ ଏହାର ଭରପୂର୍ ଫାଇଦା ଉଠାଉଛନ୍ତି। ଫେସବୁକ, ହ୍ୱାଟ୍ସଆପ, ଇନ୍‌ଷ୍ଟାଗ୍ରାମ ଭଳି ସାମାଜିକ ଗଣମାଧ୍ୟମରେ ମିଥ୍ୟା ବିଜ୍ଞାପନ ଦେଉଛନ୍ତି। କେବଳ ଏତିକି ନୁହେଁ; ଲୋକଙ୍କ ମୋବାଇଲ ନମ୍ବରକୁ ଲିଙ୍କ୍ ପଠାଉଛନ୍ତି। ଅଧିକ ଲାଭର ପ୍ରତିଶ୍ରୁତି ଦେଇ ଲୋକମାନଙ୍କୁ ପୁଞ୍ଜି ନିବେଶ କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଶେଷରେ ବିଭିନ୍ନ ଆଳ ଦେଖାଇ କୋଟି କୋଟି ଟଙ୍କା ଠକି ନେଉଛନ୍ତି। ଅଧିକ ଲାଭର ଲୋଭରେ ପଡ଼ି ଲୋକମାନେ ସର୍ବସ୍ୱ ହରାଉଛନ୍ତି। ଦେଶବିଦେଶର ବିଭିନ୍ନ ସ୍ଥାନରୁ ଓଡ଼ିଶାକୁ ଟାର୍ଗେଟ କରି ଏହି ଅଦୃଶ୍ୟ ଠକମାନେ ଆଖି ପିଛୁଳାକେ ପୂରା ଆକାଉଣ୍ଟ ଖାଲି କରିଦେଉଛନ୍ତି। ଜାନୁୟାରୀରେ ୪୧, ଫେବୃୟାରୀରେ ୨୨, ମାର୍ଚ୍ଚରେ ୨୫, ଏପ୍ରିଲରେ ୩୩, ମେ'ରେ ୨୩, ଜୁନରେ ୨୮ ଓ ଜୁଲାଇ ମାସରେ ୪୨ କୋଟି ଟଙ୍କା ଠକି ନେଇଛନ୍ତି। ଗତ ଜାନୁୟାରୀ ଠାରୁ ଜୁଲାଇ ମଧ୍ୟରେ ଅର୍ଥାତ୍ ୭ ମାସ ମଧ୍ୟରେ ରାଜ୍ୟରୁ ପ୍ରାୟ ୨୧୫ କୋଟି ଟଙ୍କା ଠକେଇ ହୋଇଛି। ଚଳିତବର୍ଷ ଜାନୁୟାରୀ ମାସରୁ ଜୁଲାଇ ୧୫ ତାରିଖ ମଧ୍ୟରେ ରାଜ୍ୟର ପ୍ରାୟ ୨୫ ହଜାର ଲୋକ ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ହୋଇଛନ୍ତି। କେବଳ ଗତ ଜୁଲାଇ ମାସରେ ରାଜ୍ୟରୁ ୪୨ କୋଟି ଟଙ୍କା ଠକି ନେଇଛନ୍ତି। ଏହାରି ଭିତରେ ରାଜ୍ୟର ପ୍ରାୟ ୨୭ ହଜାର ୭୦୬ ଜଣ ଲୋକ ସାଇବର ଠକେଇର ଶିକାର ହେଲେଣି। ଯଦି ଏଇ ତଥ୍ୟକୁ ହିସାବକୁ ନିଆଯାଏ, ତେବେ ପ୍ରତିଦିନ ୧୩୦ରୁ ଅଧିକ ଲୋକ ସାଇବର ଠକେଇର ଶିକାର ହେଉଥିବା ବେଳେ ଅଦୃଶ୍ୟ ଠକମାନେ ଦିନକୁ କୋଟିଏରୁ ଅଧିକ ଟଙ୍କା ଲୁଟି ନେଉଥିବା କଥା ସ୍ପଷ୍ଟ ହୋଇଛି।

**ତାଲିମ ସତ୍ତ୍ୱେ ପୁଲିସର ରଣକୌଶଳ ଫେଲ୍ ସଫଳତା ହାର ନଗଣ୍ୟ**

ଅନ୍ୟପକ୍ଷରେ ରାଜ୍ୟରେ ସାଇବର ଠକେଇ ବଢୁଥିବା ବେଳେ ପୁଲିସର ଗିରଫଦାରୀ ଓ ଟଙ୍କା ଜବତ ହାର ଆଖିଦୃଶିଆ ହେଉନାହିଁ। ପୁଲିସ ବିଭାଗର କନେଷ୍ଟବଳ ଠାରୁ ଆରମ୍ଭ କରି ଉଚ୍ଚ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବିଭିନ୍ନ ସମୟରେ ସାଇବର ତାଲିମ୍ ଦିଆଯାଉଛି। ସାଇବର ଠକେଇରେ କିପରି ରୋକ୍ ଲାଗିବ ସେନେଇ ମଧ୍ୟ ଓଡ଼ିଶା ପୁଲିସ ରଣକୌଶଳ ପ୍ରସ୍ତୁତ କରୁଛି। ହେଲେ ସାଇବର ଠକଙ୍କ ଗୋଟି ଚାଳନା ଆଗରେ ସେସବୁ ଏକପ୍ରକାର ଫେଲ୍ ହୋଇଯାଉଛି। ହାତଗଣତି



କେତୋଟି ମାମଲାରେ ପୁଲିସ ସାଇବର ଠକଙ୍କୁ ଧରିବାରେ ସକ୍ଷମ ହେଉଥିବା ବେଳେ ବାକି ମାମଲାରେ ସଫଳତା ହାର ଏକଦମ୍ ନଗଣ୍ୟ ରହୁଛି।

ମିଳିଥିବା ସୂଚନା ଅନୁସାରେ, ଭୁବନେଶ୍ୱରର ବରିଷ୍ଠ ନାଗରିକ ଦିଗନ୍ତ କେଶରୀ ପଟ୍ଟନାୟକଙ୍କ ହ୍ୱାଟ୍ସଆପକୁ ପୁଞ୍ଜି ବଜାରରେ ନିବେଶ କରିବା ଲାଗି ଏକ ଲିଙ୍କ୍ ଆସିଥିଲା। ଲିଙ୍କରେ କ୍ଲିକ୍ କରିବା ପରେ ଶ୍ରୀ ପଟ୍ଟନାୟକ ଏକ ଅଜଣା ଗ୍ରୁପରେ ଯୋଡ଼ି ହୋଇ ଯାଇଥିଲେ। ଗ୍ରୁପରେ ଥିବା ଅନ୍ୟ ସଦସ୍ୟମାନେ ଏକ ନିର୍ଦ୍ଦିଷ୍ଟ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରି ଲାଭବାନ ହୋଇଥିବା ନେଇ ଚର୍ଚ୍ଚା କରୁଥିଲେ। ଏଥିସହିତ ଉକ୍ତ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କଲେ ଭଲ ଲାଭ ମିଳିବ ବୋଲି ପ୍ରବର୍ତ୍ତାଇଥିଲେ। ଦିଗନ୍ତ ମଧ୍ୟ ସେମାନଙ୍କ କଥାରେ ପଡ଼ି ଟଙ୍କା ନିବେଶ କରିଥିଲେ। ଆରମ୍ଭରୁ ଆଶାନୁରୂପ ଲାଭ ମିଳିବା ପରେ ଦିଗନ୍ତ ଲୋଭରେ ପଡ଼ି ଅଧିକ ଟଙ୍କା ନିବେଶ କରିଥିଲେ। ଗତବର୍ଷ ଅଗଷ୍ଟ ମାସରେ ୧୦ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ନିବେଶ ଶେଷରେ ୪୯ ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ନିବେଶରୁ ମିଳୁଥିବା ଲାଭାଂଶ ମଧ୍ୟ ଆପର ୱାଲେଟରେ ଦେଖାଉଥିଲା। ହେଲେ ନିକଟରେ ଦିଗନ୍ତ ଟଙ୍କା ଉଠାଇବାକୁ ଚେଷ୍ଟା କରିବା ବେଳକୁ ସାଇବର ଠକ ତାଙ୍କୁ ବିଭିନ୍ନ ଆଳ ଦେଖାଇବା ସହ ଆକାଉଣ୍ଟ ଅଚଳ କରି ଦେଇଥିଲେ। ଆକାଉଣ୍ଟକୁ ସଚଳ କରିବାକୁ ସାଇବର ଠକ ତାଙ୍କୁ ଆହୁରି ଟଙ୍କା ମାଗିଥିଲେ। ମୂଳଧନ ଫେରିପାଇବା ଆଶାରେ ଆହୁରି ୬ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଦିଗନ୍ତଙ୍କୁ ଟଙ୍କା ଫେରାଇବା ପରିବର୍ତ୍ତେ ତାଙ୍କ ଆପକୁ ସ୍ଥାୟୀ ଭାବେ ଅଚଳ କରି ଦିଆଯାଇଥିଲା। ଏନେଇ ସେ ପ୍ରଥମେ ସାଇବର ହେଲ୍ପ ଡେସ୍କ ଓ ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

## ଭିଜିଲାନ୍ସ ଜାଲରେ କନିଷ୍ଠ ରାଜସ୍ୱ ସହାୟକ

କେନ୍ଦୁଝର,୬।୮ (ସମିସ): ବୁଧବାର ମଧ୍ୟାହ୍ନ ସମୟରେ କେନ୍ଦୁଝର ଭୂ-ବନ୍ଦୋବସ୍ତ କାର୍ଯ୍ୟାଳୟରେ ସହକାରୀ ରେକର୍ଡ ରକ୍ଷକ ୩ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଛନ୍ତି। ସମ୍ପୃକ୍ତ ଅଧିକାରୀ ହାଡିବନ୍ଧୁ ବେହେରାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖାଯାଇଛି।



ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅନ୍ତର୍ଗତ ଚିନାମଲିପଶି ଗ୍ରାମର ସୁଶୀଲ ମହାନ୍ତ ବିବାଦୀୟ ପୈତୃକ ଜମି ସମ୍ବନ୍ଧରେ ପ୍ରମାଣିତ କପି ପ୍ରଦାନ କରିବା ପାଇଁ ଜୁଲାଇ ୪ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଭୂବନ୍ଦୋବସ୍ତ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ସେ ଆଇନଜୀବୀ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ମାଧ୍ୟମରେ ଆବେଦନ କରିଥିଲେ। ଅଭିଯୁକ୍ତ ହାଡିବନ୍ଧୁ ବେହେରାଙ୍କୁ ଉପରୋକ୍ତ ଡକ୍ୟୁମେଣ୍ଟ ପ୍ରଦାନ କରିବାକୁ ଅନୁରୋଧ କରୁଥିଲେ। ଶ୍ରୀ ବେହେରା ଅଭିଯୋଗକାରୀଙ୍କଠାରୁ କାଗଜପତ୍ର ଯୋଗାଇବା ପାଇଁ ପ୍ରଥମେ ୩ ହଜାର ୪ଶହ ଓ ପରେ ୩ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଦାବି କରାଯାଇଥିବା ଲାଞ୍ଚ ଟଙ୍କା ନଦେଲେ ଆବଶ୍ୟକ କପି ଦେବାକୁ ମନା କରିଦେଇଥିଲେ। ଅନ୍ୟ କୌଣସି ବିକଳ୍ପ ନ ପାଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ, ଭିଜିଲାନ୍ସ ଅଧିକାରୀମାନେ ବୁଧବାର ଅଭିଯୁକ୍ତ ଶ୍ରୀ ବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଥିଲେ। ଏହାସହ ଶ୍ରୀ ବେହେରା ସହ ସମ୍ପୃକ୍ତ ଥିବା ଦୁଇଟି ସ୍ଥାନରେ ଏକକାଳୀନ ଯାଞ୍ଚ ଜାରି ରହିଛି। ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ମାମଲା ନଂ ୦୮/୨୦୨୫, ୭ପିସି (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ମାମଲା ରୁଜୁ କରିଛି।

## ରରୁଆଁ ଥାନା ଏଏସ୍‌ଆଇ ଟଙ୍କା ଲାଞ୍ଚ ନେଉଥିବା ଭିଡିଓ ଭାଇରାଲ

ଶୁକୁଳି,୬।୮ (ସମିସ): ଦିନଦ୍ୱିପହରେ ଖୋଲାଖୋଲି ଲାଞ୍ଚ ନେଉଥିବା ରରୁଆଁ ଥାନାର ଜଣେ ଏଏସ୍‌ଆଇଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନାର ଏଏସଆଇ ମୀନକେତନ ପ୍ରଧାନ। ଜଣେ ବ୍ୟକ୍ତିଙ୍କ ବାଇକ୍ ଥାନାରୁ ଛାଡ଼ିବା ପାଇଁ ସେ ଲାଞ୍ଚ ନେଉଥିବା ବେଳେ ଅନ୍ୟ ଜଣେ ଯୁବକ ଏହାକୁ ମୋବାଇଲ କ୍ୟାମେରାରେ କଏଦ କରିଥିଲେ। ତେବେ ଏଏସଆଇ ଶ୍ରୀ ପ୍ରଧାନ ଭିଡ଼ିଓରେ ପଚାରୁଛନ୍ତି ଯେ, ଏହା ଚୋରି ଗାଡ଼ି ନୁହଁ ତ ? ପରେ ସେ ସଂପୃକ୍ତ ବ୍ୟକ୍ତିଙ୍କ ପାଖରୁ ଟଙ୍କା ନେଉଥିବା ଭିଡିଓ ରେକର୍ଡିଂ ହୋଇଛି। ଏହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତେବେ ଭାଇରାଲ୍ ଭିଡିଓ ବାବଦରେ ରରୁଆଁ ଥାନା ଅଧିକାରୀ ଅନାଦି ପଟ୍ଟାୟତଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣା ସଂପର୍କରେ ଜାଣିବା ପରେ ତାଙ୍କ ବିରୋଧରେ ଏସପିଙ୍କୁ ଅବଗତ କରିଛନ୍ତି ବୋଲି କହିଛନ୍ତି। ସେହିପରି ଲାଞ୍ଚ ନେଉଥିବା ଏଏସ୍‌ଆଇ ମିନକେତନ ପ୍ରଧାନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ତେଣୁ ଏସପିଙ୍କ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରାଯାଇଛି।

## ନୂଆଦିଲ୍ଲୀରେ ୪ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ଅଧିକ ଚାଉଳ ଉଠାଇବାକୁ ଅନୁରୋଧ

ଭୁବନେଶ୍ୱର,୬।୮ (ସମିସ): ନୂଆଦିଲ୍ଲୀ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବୁଧବାର ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ରାଜ୍ୟର ଦାବି ଉପସ୍ଥାପନ କରିଛନ୍ତି। ଏଫ୍‌ସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏଥିରେ ହସ୍ତକ୍ଷେପ ନିମନ୍ତେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଅନୁରୋଧ କରିଛନ୍ତି । ଏହା



**ମହାନଦୀ ସମସ୍ୟାର ସମାଧାନ ପାଇଁ ଜଳଶକ୍ତି ମନ୍ତ୍ରୀଙ୍କ ସହ ଆଲୋଚନା**

ସହ ଆଗାମୀ ଖରିଫରେ ବଳକା ଧାନକୁ ଦୃଷ୍ଟିରେ ରଖି ଚାଉଳ ସଂଗ୍ରହ ଲକ୍ଷ୍ୟକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ସେହିପରି ମହାନଦୀ ଜଳବିବାଦ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ସିଆର୍ ପାଟିଲଙ୍କ ସହ ଆଲୋଚନା ସହ କରିଥିବା ନେଇ ନିଜେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟସ୍ୱାର୍ଥ ଦୃଷ୍ଟିରୁ ଏହି ଦୁଇଟି ପ୍ରସଙ୍ଗ ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ଓଡ଼ିଶାର ଦାବିକୁ କେନ୍ଦ୍ର ସରକାର କେତେ ଗୁରୁତ୍ୱ ଦେଉଛନ୍ତି, ସେନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି। ତେବେ ଏହି ଗସ୍ତ ସମୟରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଓ ଭାରିଶିଳ୍ପ ମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀଙ୍କୁ ସାକ୍ଷାତ କରିଥିଲେ ହେଁ ଉଭୟ ନେତାଙ୍କ ସହ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ସ୍ପଷ୍ଟ ହୋଇନାହିଁ।

ସୂଚନାଯୋଗ୍ୟ ଯେ ଓଡ଼ିଶାରୁ ଚାଉଳ ଉଠାଣରେ ଏଫସିଆଇ ନିଜର ପୂର୍ବ ସ୍ୱଭାବ ଛାଡ଼ି ପାରିନାହିଁ। ବାରମ୍ବାର ଦାବି ସତ୍ତ୍ୱେ ପୂର୍ବପରି ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ନିଜର ଟାଳଟୁଳ ନୀତି ଜାରି ରଖିଛି। ଖରିଫ ଏବଂ ରବିକୁ ମିଶାଇ ଏଫସିଆଇ ଓଡ଼ିଶାରୁ ପ୍ରାୟ ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଉ ନଥିବା ବେଳେ ଏହା ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧା ପହଞ୍ଚାଇବ ବୋଲି ଖୋଦ୍ ରାଜ୍ୟ ସରକାର ଆଶଙ୍କା କରୁଛନ୍ତି। ଏନେଇ ପୂର୍ବରୁ ନିଜେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ସାକ୍ଷାତ କରି ବଳକା ଚାଉଳ ଉଠାଇବାକୁ ଦାବି କରିଥିଲେ। କେନ୍ଦ୍ର ସରକାର ଏନେଇ ବିଶେଷ ଦୃଷ୍ଟି ଦେଇନଥିବା ବେଳେ ଗତ ୨୮ ତାରିଖରେ ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ସମାନ ଦାବି ଦୋହରାଇଥିଲେ। ଏଫସିଆଇ ଦ୍ୱାରା ବଳକା ଚାଉଳ ସ୍ଥାନାନ୍ତରର ଧୀର ଗତି ସମଗ୍ର ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧା ଦେଉଛି। ତେଣୁ ଏହାକୁ ତ୍ୱରାନ୍ୱିତ କରିବାକୁ ଦାବି ଜଣାଇଥିଲେ ଶ୍ରୀ ସିଂହଦେଓ। ଆଜି ମୁଖ୍ୟମନ୍ତ୍ରୀ ପୁଣିଥରେ ଚାଉଳ ଉାଣ ଲକ୍ଷ୍ୟ ଧାର୍ଯ୍ୟ ବୃଦ୍ଧି ପାଇଁ ଦାବି କରିବା ସହ ଏଫସିଆଇର ମାସିକ ଚାଉଳ ଉଠାଣ ବୃଦ୍ଧି କରିବାକୁ ଦାବି କରିଛନ୍ତି।

## ନିଯୁକ୍ତି ପାଇଁ ବିଭାଗ ଚିଠିକୁ ପୂରିଲାଣି ବର୍ଷେ

# ତଥାପି ପୂରଣ ହେଲାନି ୫୪୪୩ ଜିଆରଏସ ପଦ

ଭୁବନେଶ୍ୱର,୬।୮ (ସମିସ): ରାଜ୍ୟରେ ତୃଣମୂଳସ୍ତରରେ ଶାସନ ବ୍ୟବସ୍ଥା ହୁଗୁଳିବାରେ ଲାଗିଛି। ଗୋଟିଏ ପଟେ ଉନ୍ନୟନମୂଳକ କାମ ଠପ୍ ହୋଇ ପଡ଼ିଥିବା ବେଳେ ସରକାର ବ୍ୟବସ୍ଥା ଏକପ୍ରକାର ସ୍ଥାଣୁ। ରୋଜଗାର ସହାୟକ(ଜିଆରଏସ) ନିଯୁକ୍ତି ଏହାର ଜ୍ୱଳନ୍ତ ଉଦାହରଣ। ପ୍ରାୟ ବର୍ଷେରୁ ଅଧିକ ହେଲାଣି ରାଜ୍ୟର ୫୪୪୩ ପଞ୍ଚାୟତରେ ଜିଆରଏସ ପଦବୀ ଖାଲି ପଡ଼ିଥିଲେ ହେଁ ଏହାକୁ ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମେତ ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଜିଆରଏସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ବିଶେଷକରି ଗ୍ରାମାଞ୍ଚଳରେ ଗରିବ ଲୋକଙ୍କ ରୋଜଗାର ସୁରକ୍ଷା କ୍ଷେତ୍ରରେ ଏହି ଯୋଜନା ବେଶ୍ ଉପାଦେୟ ସାବ୍ୟସ୍ତ ହୋଇଆସିଛି। ତେବେ ସରକାର ଏହି ପଦବୀଗୁଡ଼ିକ ପୂରଣ ନ କରି ସେମାନଙ୍କର ଜୀବନ, ଜୀବିକାକୁ ବିପନ୍ନ କରିଛନ୍ତି ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

**ମନରେଗା କାମ ଠପ୍, ଉନ୍ନୟନ କାମ ବାଧାପ୍ରାପ୍ତ**

ପୂର୍ବରୁ ଗ୍ରାମାଞ୍ଚଳରେ ଜିଆରଏସ ଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସରକାର ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର ଭାବେ ପଦୋନ୍ନତି ପ୍ରଦାନ ପରେ ଆଉ ଜିଆରଏସ୍ ନିଯୁକ୍ତି ହୋଇନାହିଁ। ଜିଆରଏସମାନଙ୍କୁ ସାଧାରଣତଃ ମାସିକ ୭୦୦୦ ଟଙ୍କା ହିସାବରେ ଦରମା ପ୍ରଦାନ ମିଳିଥାଏ। କେନ୍ଦ୍ର ସରକାର ଏହି ଦରମା ଅର୍ଥ ପ୍ରଦାନ କରୁଥିବା ବେଳେ ଏ ବାବଦରେ ଓଡ଼ିଶା ୫୦ କୋଟି ଟଙ୍କାର ରାଜସ୍ୱ ପାଇଥାଏ। ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କୁ ବାର୍ଷିକ ୧୦୦ ଦିନର କାମ ଯୋଗାଇ ଦେବାରେ ଜିଆରଏସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଜବକାର୍ଡ ପାଇଁ ପଞ୍ଜୀକରଣ, ବିତରଣ, ଗ୍ରାମ ସଭା ଡକାଇବା ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଜିଆରଏସଙ୍କ ଉପରେ ନ୍ୟସ୍ତ ଥାଏ। ପଞ୍ଚାୟତ ବିକାଶରେ ଜିଆରଏସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ହେଁ ସେମାନଙ୍କ ନିଯୁକ୍ତିକୁ ବର୍ଷାଧିକ କାଳ ବିଳମ୍ବ କରାଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଜିଆରଏସ ପଦବୀ ପୂରଣ ପାଇଁ ଗତ ବର୍ଷ ଅଗଷ୍ଟ ପହିଲାରେ ତତ୍‌କାଳୀନ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ସୁଶୀଲ ଲୋହାନୀ ରାଜ୍ୟର ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ରାଜ୍ୟରେ ସଂଖ୍ୟାଧିକ ଜିଆରଏସ ପଦବୀ ଖାଲି ଥିବାରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟନ୍ୱୟନ ପ୍ରଭାବିତ ହେଉଥିବା ନେଇ ସେ ଚିଠିରେ ଉଦବେଗ ପ୍ରକାଶ ମଧ୍ୟ କରିଥିଲେ। ପଦବୀ ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଶ୍ରୀ ଲୋହାନୀ ସେତେବେଳେ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ। ଯାହାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରି ପଦବୀ ପୂରଣ କରିବାକୁ ସାଧାରଣରେ ଦୃଢ଼ ଦାବି କରାଯାଇଛି।

# ବ୍ୟାବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ବାଧ୍ୟତାମୂଳକ

ଭୁବନେଶ୍ୱର, ୬।୮ (ସମିସ): ରାଜ୍ୟର ପ୍ରତ୍ୟେକ ବ୍ୟାବସାୟିକ ପ୍ରତିଷ୍ଠାନରେ ରହିବ ଓଡ଼ିଆ ନାମଫଳକ। ଏହି ନିୟମକୁ ବାଧ୍ୟତାମୂଳକ କରାଯାଇଛି। ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନେ ନିଶ୍ଚିତ ଭାବେ ସେମାନଙ୍କ ସାଇନ ବୋର୍ଡ ବା ନାମଫଳକର ମୋଟ କ୍ଷେତ୍ରଫଳର ଅନ୍ୟୂନ ୬୦ ପ୍ରତିଶତ ଭାଗରେ ଓଡ଼ିଆ ଭାଷାର ଲିପି ବ୍ୟବହାର କରିବେ। ନିର୍ଦ୍ଦେଶନାମା ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପ୍ରତ୍ୟେକ ଦିନ ୫ଶହ ଟଙ୍କା ଜରିମାନା ଆଦାୟ କରାଯିବ। ବୁଧବାର ଏ ସଂପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଆରେ ନାମଫଳକ

- ମାନିଲେ ପ୍ରୋତ୍ସାହନ, ନ ମାନିଲେ ଜରିମାନା
- ନାମଫଳକ ସଂଶୋଧନ ପାଇଁ ୫୫ ଦିନର ସମୟ

ଲେଖିଥିବା ଦୋକାନ ମାଲିକଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ନିର୍ଦ୍ଦେଶନାମା ଅନୁସାରେ, ଅନୁପାଳନକାରୀଙ୍କୁ ଆଗାମୀ ଟ୍ରେଡ୍ ଲାଇସେନ୍ସ ନବୀକରଣ ସମୟରେ ଦେୟର ୫ ପ୍ରତିଶତ ରିହାତି ପ୍ରଦାନ କରାଯିବ। ନିର୍ଦ୍ଦେଶନାମା ଅନୁପାଳନ କରୁ ନ ଥିବା ପ୍ରତିଷ୍ଠାନମାନଙ୍କୁ ନୋଟିସ ଦିଆଯାଇ ନାମଫଳକ ସଂଶୋଧନ ପାଇଁ ୫୫ ଦିନ ମହଲତ ଦିଆଯିବ। ତେବେ ସଂଶୋଧନ ହେବା ପର୍ଯ୍ୟନ୍ତ ପ୍ରତିଦିନ ୫୦୦ ଟଙ୍କା (ପାଞ୍ଚଶହ ଟଙ୍କା ମାତ୍ର) ଜରିମାନା ଲାଗୁ ହେବ।

ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ ରାଜ୍ୟର ସମସ୍ତ ମହାନଗର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ନିଜ ନିଜ ନାମଫଳକରେ ଓଡ଼ିଆ ଭାଷା ଲିପିକୁ ପ୍ରାଧାନ୍ୟ ଦେବାକୁ ନିଶ୍ଚିତ କରିବେ। ପୌର ସଂସ୍ଥାଗୁଡ଼ିକ ଟ୍ରେଡ ଲାଇସେନ୍ସ ନବୀକରଣ ଓ ନିରୀକ୍ଷଣ ସମୟରେ ଅନୁପାଳନ ଯାଞ୍ଚ ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ଶେଷକରି ନିର୍ଦ୍ଦେଶର ପରିପାଳନ ସୁନିଶ୍ଚିତ କରିବେ। ନିର୍ଦ୍ଦେଶର ଅନୁପାଳନ ସୁନିଶ୍ଚିତ କରି ୬୦ ଦିନ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଅନୁରୋଧ କରାଯାଇଛି।

## ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ଆଶଙ୍କା

ଭୁବନେଶ୍ୱର,୬।୮ (ସମିସ): ଓଡ଼ିଶାରେ ବର୍ତ୍ତମାନ ମୌସୁମୀ ବାୟୁ ନିଷ୍କ୍ରିୟ ରହିଛି। ଏଥିପାଇଁ ଗତ କିଛି ଦିନ ହେବ ରାଜ୍ୟରେ ଆଖିଦୃଶିଆ ଭାବେ ବର୍ଷାର ପ୍ରଭାବ କମିଛି। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଏଭଳି ଧାରା ଜାରି ରହିବାର ସମ୍ଭାବନା ରହିଛି। ମାତ୍ର ଗୁରୁବାର ଓ ଶୁକ୍ରବାର ଉତ୍ତର ଓଡ଼ିଶାର କିଛି କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଓ ସ୍ଥାନେ ସ୍ଥାନେ ଅଧିକ ବର୍ଷାର ଆଶଙ୍କା କରାଯାଉଛି। ଗୁରୁବାର ଦକ୍ଷିଣ ବଂଲାଦେଶ ଓ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବା ବେଳେ ଏହାର ପ୍ରଭାବରେ ବର୍ଷା ନେଇ ଆକଳନ କରାଯାଉଛି। ଏଥିପାଇଁ ଗୁରୁବାର କେନ୍ଦୁଝର, ସୁନ୍ଦରଗଡ଼ ଓ ସମ୍ବଲପୁରରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅବଶିଷ୍ଟ ଅଞ୍ଚଳରେ ପାଗ ଶୁଖିଲା ରହିବାକୁ ଥିବାବେଳେ କିଛି ସ୍ଥାନରେ କୋହଲା ପାଗର ଆଶଙ୍କା କରାଯାଉଛି। ଆସନ୍ତା ୧୩ ତାରିଖ ଆଡ଼କୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ଏହା ପରେ ରାଜ୍ୟରେ ପୁଣି ମୌସୁମୀ ସକ୍ରିୟ ହୋଇ ଭଲ ବର୍ଷା କରାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

## ସବୁ ସରକାରୀ କୋଠାର ରଙ୍ଗ ବଦଳିବ

ଭୁବନେଶ୍ୱର,୬।୮ (ସମିସ): ସରକାରୀ କୋଠାଗୁଡ଼ିକରେ ରଙ୍ଗ ପରିବର୍ତ୍ତନ ପାଇଁ ପୁଣି ଥରେ ନିର୍ଦ୍ଦେଶନାମା ଜାରି କରିଛନ୍ତି ରାଜ୍ୟ ସରକାର। ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ଏହି ନିର୍ଦ୍ଦେଶନାମାରେ ରାଜ୍ୟର ସମସ୍ତ ନୂତନ ସରକାରୀ କୋଠା ଓ ମରାମତି ସମୟରେ ପୁରୁଣା କୋଠାଗୁଡ଼ିକୁ ଗୋଟିଏ ପ୍ରକାର ରଙ୍ଗ କରିବାକୁ କୁହାଯାଇଛି। ଗତବର୍ଷ ଅକ୍ଟୋବର ମାସରେ ସରକାରଙ୍କ ପକ୍ଷରୁ ସମାନ ନିର୍ଦ୍ଦେଶନାମା ଜାରି କରାଯିବା ସହିତ ସରକାରୀ କୋଠାଗୁଡ଼ିକର ଗେରୁଆ ରଙ୍ଗ କରିବାକୁ ସବୁ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ନୂଆ ସରକାର ଗଠନ ପରଠାରୁ ବିଭିନ୍ନ ସରକାରୀ କୋଠା, ବସ୍, ସ୍କୁଲ୍ ପୋଷାକ, ନାମ ଫଳକ ଏମିତି କି କ୍ଷୀର ପ୍ୟାକେଟ୍ ଆଦିର ରଙ୍ଗ ବଦଳାଇବା ପ୍ରକ୍ରିୟା ଜାରି ରହିଛି। ନୂଆ କରି ନିର୍ମାଣ ହୋଇଥିବା ବିଭିନ୍ନ ହସ୍ପିଟାଲ, ମେଡିକାଲ କଲେଜ ଓ ଅନ୍ୟ ପ୍ରତିଷ୍ଠାନ ଆଦିର ମଧ୍ୟ ରଙ୍ଗପରିବର୍ତ୍ତନ କରାଯାଉଛି। ଗତ ଅକ୍ଟୋବର ମାସରେ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ସବୁ ବିଭାଗର ଇଂଜିନିୟରିଂ ମୁଖ୍ୟଙ୍କୁ ଚିଠି ଲେଖାଯାଇ ସରକାରୀ କୋଠାର ରଙ୍ଗ ପରିବର୍ତ୍ତନ ନେଇ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରଠାରୁ ବାହାର କାନ୍ଥର ରଙ୍ଗ କମଳା ଏବଂ ବର୍ଡର ଲାଲ୍ ରହିଥିଲା। ମାତ୍ର ପୂର୍ବରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଓ ନୂତନ ନିର୍ଦ୍ଦେଶନାମାର ରଙ୍ଗ କୋଡ୍‌ରେ ସାମାନ୍ୟ କିଛି ପରିବର୍ତ୍ତନ ହୋଇଛି। ନୂତନ ନିର୍ଦ୍ଦେଶନାମାରେ ବର୍ଡରରୁ ରେଡ୍ ହଟାଇବାକୁ ନିଷ୍ପତ୍ତି ହୋଇଛି।

**ଆଜି ଜାତୀୟ ହସ୍ତତନ୍ତ ଦିବସ**

# ବୁଣାକାର ଓ କାରିଗରଙ୍କ ତଣ୍ଟି ଚିପିଛି ଜିଏସ୍‌ଟି

ଭୁବନେଶ୍ୱର,୬।୮ (ସମିସ): ଗୋଟିଏ ପଟେ ରାଜ୍ୟ ହସ୍ତତନ୍ତକୁ ମିଳିଥିବା ଜିଆଇ ଟ୍ୟାଗ୍ (ଭୌଗୋଳିକ ସଙ୍କେତ) ହସ୍ତତନ୍ତ ଶିଳ୍ପକୁ ଏକ ସକ୍ରିୟ ବଜାର ଯୋଗାଇଥିବା ବେଳେ ଏହି ସାମଗ୍ରୀ ବିକ୍ରି କ୍ଷେତ୍ରରେ ବାଧକ ହୋଇଛି ଜିଏସ୍‌ଟି। ସାମଗ୍ରୀର ମୂଲ୍ୟ ଅନୁସାରେ ୫ ପ୍ରତିଶତ ଓ ୧୨ ପ୍ରତିଶତ ଜିଏସ୍‌ଟି ସରକାର ଆଦାୟ କରୁଥିବାରୁ ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବୁଣାକାର ଓ କାରିଗରଙ୍କୁ କ୍ଷତିଗ୍ରସ୍ତ କରିଛି। ଫଳରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଠାରୁ ମୁହଁ ଫେରାଉଛନ୍ତି ଗ୍ରାହକ। ଫଳରେ ପୁରୁଷ ପୁରୁଷ ଧରି ଏହି ଶିଳ୍ପକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରିଥିବା ବୁଣାକାରଙ୍କ ହସ୍ତତନ୍ତ ଏବେ ଲୋପ ପାଇବାକୁ ବସିଲାଣି।

କୋଟପାଡ଼ ହସ୍ତତନ୍ତ, ସମ୍ବଲପୁରୀ ଇକତ୍, ବମ୍‌କେଇ ଶାଢ଼ୀ ଓ କପଡ଼ା, ଧଳାପଥର ପର୍ଦ୍ଦା ଓ କପଡ଼ା ସାମଗ୍ରୀ, ଖଣ୍ଡୁଆ ଶାଢ଼ୀ, ଗୋପାଳପୁର ଟସର୍, ସମ୍ବଲପୁରୀ ବାନ୍ଧ ଶାଢ଼ୀ ଆଣ୍ଡ ଫ୍ୟାବ୍ରିକ୍, ହବସପୁରୀ ଶାଢ଼ୀ, ବ୍ରହ୍ମପୁରୀ ପାଟ ଶାଢ଼ୀ ଓ ଯୋଡ଼ ଆଦି ୧୦ଟି ହସ୍ତତନ୍ତକୁ ଜିଆଇ ଟ୍ୟାଗ୍ ମିଳିସାରିଛି। ଏହି ହସ୍ତତନ୍ତଗୁଡ଼ିକ ନିଜର ସ୍ୱତନ୍ତ୍ରତା, ମୌଳିକତା ତଥା ଗୁଣବତ୍ତା ବଜାୟ ରଖିଛି। ମାତ୍ର ଯେଉଁମାନେ ହସ୍ତତନ୍ତ ପାଇଁ ନିଜର ପରିଚୟ ସୃଷ୍ଟି କରିଥିଲେ ସେମାନେ ଆଜି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ସାହସ ଜୁଟାଇ ପାରୁ ନାହାନ୍ତି। ରାଜ୍ୟରେ ବୁଣାକାରଙ୍କ ସଂଖ୍ୟା ବଢ଼ିବା ବଦଳରେ କମି ଯାଉଛି। ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ

- ହସ୍ତତନ୍ତ ସାମଗ୍ରୀରୁ ଜିଏସ୍‌ଟି ହ୍ରାସ ପାଇଁ ଦାବି କରିଥିଲେ ନବୀନ
- କେନ୍ଦ୍ରକୁ ଲେଖିଥିଲେ ଚିଠି, ଜିଏସ୍‌ଟି ପରିଷଦରେ ହୋଇଥିଲା ଦାବି

ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫ଶହ ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ସେହିପରି ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ ମଧ୍ୟ ଏଯାଏଁ କାର୍ଯ୍ୟକାରୀ ହୋଇପାରି ନାହିଁ। କେବଳ ସେତିକି ନୁହେଁ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ମଧ୍ୟ ଗଠନ ବିଳମ୍ବିତ ହୋଇ ଚାଲିଛି।

ଏହି ପରିପ୍ରେକ୍ଷୀରେ ହସ୍ତତନ୍ତ ବିକ୍ରି ଉପରେ ଜିଏସ୍‌ଟି ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି । ୧ ହଜାର ଟଙ୍କା ମୂଲ୍ୟର ହସ୍ତତନ୍ତ ସାମଗ୍ରୀ ଉପରେ ୧୨% ଟିକସ ବ୍ୟବସ୍ଥା ରହିଛି ଓ ୧ ହଜାରରୁ କମ୍ ମୂଲ୍ୟ ସାମଗ୍ରୀ ଉପରେ ଟିକସ ରହିଛି ୫% । ଦୁଇ ହଜାର ଟଙ୍କାର କପଡ଼ା କିଣିଲେ ୨୪୦ ଟଙ୍କା ଟିକସ ଦେବା ଅନିବାର୍ଯ୍ୟ। ସେହିପରି ୧୦ ହଜାର ଟଙ୍କାର ପାଟଶାଢ଼ୀଟିଏ କିଣିଲେ ଗ୍ରାହକକୁ ୧୨୦୦ ଟଙ୍କା ଟିକସ ଦେବାକୁ ପଡୁଛି । ମାତ୍ର ବିଡ଼ମ୍ବନା ହେଉଛି ଏହି ଟିକସରୁ ହସ୍ତତନ୍ତ କାରିଗରକୁ ଟଙ୍କାଟିଏ ମିଳୁନାହିଁ । ସେହିପରି ଜିଏସ୍‌ଟି ଯୋଗୁଁ ସାମଗ୍ରୀର ମୂଲ୍ୟ ବୃଦ୍ଧି ଗ୍ରାହକକୁ ହସ୍ତତନ୍ତ ସାମଗ୍ରୀ କିଣାରୁ ବିମୁଖ କରୁଛି। ପୂର୍ବରୁ ନବୀନ ପଟ୍ଟନାୟକ ସରକାର ହସ୍ତତନ୍ତ ଉପରୁ ଜିଏସ୍‌ଟି ଉଠାଇବାକୁ ବାରମ୍ବାର କେନ୍ଦ୍ର ନିକଟରେ ଦାବି କରିଥିଲେ। ଜିଏସ୍‌ଟି ପରିଷଦ ବୈଠକରେ ମଧ୍ୟ ଓଡ଼ିଶା ଏହି ପ୍ରସଙ୍ଗ ଉଠାଇଥିଲା। ମାତ୍ର କେନ୍ଦ୍ର ସରକାର ଏହାପ୍ରତି କର୍ଣ୍ଣପାତ କରିନାହାନ୍ତି । ଓଡ଼ିଶାରୁ ୨୦ ଜଣ ବିଜେପି ସାଂସଦ କେନ୍ଦ୍ରକୁ ନିର୍ବାଚିତ ହୋଇଥିଲେ ମଧ୍ୟ ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବ ରହିଛନ୍ତି । ଯାହା ରାଜ୍ୟରେ ହସ୍ତତନ୍ତ ଶିଳ୍ପକୁ ରୁଗ୍ଣ କରିବାରେ ଲାଗିଛି। ଫଳସ୍ୱରୂପ ଅନେକ ବୁଣାକାର ପରିବାର ପ୍ରତିପୋଷଣ କାଇଁ ରାଜ୍ୟଛାଡ଼ି ବାହାରକୁ ଚାଲିଯାଉଛନ୍ତି। ଖୋର୍ଦ୍ଧା ଧଳାପଥର ପରଦା ବୁଣାକାରଙ୍କ ସଂଖ୍ୟା ଲୋପ ପାଇଗଲାଣି। କଳାହାଣ୍ଡିର ଶହ ଶହ ପରିବାର ହବସପୁରୀ ହସ୍ତତନ୍ତ କାମ କରୁଥିବା ବେଳେ ବର୍ତ୍ତମାନ ମାତ୍ର ୬ ପରିବାର ଏହାକୁ ବଞ୍ଚାଇ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସ ଓଡ଼ିଶାର ବୁଣାକାରଙ୍କ ପାଇଁ ବିଶେଷ ଉତ୍ସାଜନକ ମନେ ହେଉନାହିଁ। ତେଣୁ ସରକାର ବୁଣାକାରମାନଙ୍କୁ ସବ୍‌ସିଡି ପ୍ରଦାନ କରିବା ସହ ସେମାନଙ୍କୁ ଉପଯୁକ୍ତ ବଜାରୀକରଣ ସୁବିଧା ଯୋଗାଇଦେବା ଓ ହସ୍ତତନ୍ତ ସାମଗ୍ରୀରୁ ଜିଏସ୍‌ଟି ହ୍ରାସ କରିବା ପାଇଁ ବୁଣାକାରମାନେ ଦାବି କରିଛନ୍ତି।

# ପିଆର୍ଏମ୍‌କୁ ଆସିଲା ଦ୍ୱିତୀୟ ସ୍ୱର୍ଗରଥ ଗାଡ଼ି

ବାରିପଦା, ୬।୮ (ସମିସ): ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଗୋଟିଏ ସ୍ୱର୍ଗରଥ ଗାଡିରେ ସେବା ଚାଲିଥିବା ବେଳେ ଲୋକେ ନାହିଁ ନଥିବା ସମସ୍ୟା ସମ୍ମୁଖୀନ ହେଉଥିଲେ। ଯାହାକୁ ନେଇ ଦୈନିକ 'ସକାଳ'ରେ ଏକ ଖବର ପ୍ରକାଶ ପାଇବା ପରେ ସେବା ଯୋଗାଇବା ନିମନ୍ତେ ଦ୍ୱିତୀୟ ସ୍ୱର୍ଗରଥ ଗାଡି ଆସିଛି। ମୃତଦେହ ଗୁଡ଼ିକ ଘରକୁ ନେବା ପାଇଁ ସ୍ୱର୍ଗ ରଥ ଗାଡି ଅଭାବ ସମସ୍ୟା ସୃଷ୍ଟି କରିଥିଲା। ପୂର୍ବରୁ ୨ଟି ସ୍ୱର୍ଗରଥ ଗାଡି ଥିଲା। ଗୋଟିଏ ଗାଡି ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଛି। ଫଳରେ ଗୋଟିଏ ଗାଡ଼ି ଉପରେ ସମସ୍ତେ ନିର୍ଭରଶୀଳ। ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ମୃତଦେହ ଘର ଲୋକଙ୍କୁ ହସ୍ତାନ୍ତର କରି ଆସିବା ବେଳକୁ ବିଳମ୍ବ ହେଉଛି। ଏଣୁକରି ଅନ୍ୟ ଏକ ମୃତଦେହ ସମୟରେ ନେବାକୁ ଅସୁବିଧା ପରିଲକ୍ଷିତ ହେଉଛି। ପ୍ରାୟତଃ ମୃତଦେହ ନେବାକୁ ଲୋକଙ୍କୁ ଅଧା ଦିନ କିମ୍ବା ଗୋଟିଏ ଦିନ ମଧ୍ୟ ଅପେକ୍ଷା କରିବାକୁ ପଡୁଛି। ତେଣୁକରି ଲୋକେ ମୃତଦେହକୁ ଘରକୁ ନେଇ ଶବ ସତ୍କାର କରିବାକୁ ବାଧ ହୋଇ ଘରୋଇ ସ୍ୱର୍ଗରଥ ଗାଡିରେ ଅଧିକ ଟଙ୍କା ଭଡା ଦେଇ ନେଉଛନ୍ତି। ଯାହାକୁ ନେଇ ଖବର ପ୍ରକାଶ ପାଇବା ସହ ପିଆରଏମ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ସ୍ୱରୂପ ଅନ୍ୟ ଏକ ନୂତନ ସ୍ୱର୍ଗରଥ ଗାଡି ଆସିଛି।




## ଆଜି ଜାତୀୟ ହସ୍ତତନ୍ତ ଦିବସ

# ହସ୍ତତନ୍ତ ଦେଇଛି ମଇନାଙ୍କୁ ନୂଆ ପରିଚୟ

ବାରିପଦା, ୬।୮ (ସମିସ)

ଜୁଲାଇ ୭ ତାରିଖ (ଆଜି)କୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରାଯାଉଛି। ପରିବର୍ତ୍ତନଶୀଳ ଦୁନିଆରେ ହସ୍ତତନ୍ତକୁ ବଞ୍ଚାଇ ରଖିବା ପାଇଁ ଏହି ଦିବସ ଅନେକ ମହତ୍ତ୍ୱ ରଖେ। ତେବେ ଏପରି ଦିବସରେ ମୟୂରଭଞ୍ଜ ଜିଲ୍ଲାର ମଇନା ବାସ୍କେଙ୍କ ଉଦାହରଣ ଅନେକଙ୍କ ପାଇଁ ପ୍ରେରଣା ପାଲଟିଛି। ଖୁଣ୍ଟା ବ୍ଲକ ଅନ୍ତର୍ଗତ ଅତାନଟି ଗ୍ରାମର ୩୧ ବର୍ଷର ବିବାହିତା ଆଦିବାସୀ ମହିଳା ମଇନା। ସାଧାରଣ ଗୃହିଣୀରୁ ଏବେ ସେ ମହିଳା ବୁଣାକାର ଭାବେ ସ୍ୱତନ୍ତ୍ର ସମ୍ମାନର ଅଧିକାରିଣୀ ହୋଇପାରିଛନ୍ତି। ଗତ ୨୦୨୨ ମସିହାରେ ମୌନଧ୍ୱନି ଫାଉଣ୍ଡେସନ ପକ୍ଷରୁ ତାଙ୍କ ଗ୍ରାମରେ ହସ୍ତତନ୍ତ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନା ହେବା ପରେ ସେ ନିଜ ଗ୍ରାମର ଅନ୍ୟ ମହିଳାଙ୍କ ସହ ହସ୍ତତନ୍ତ ତାଲିମ୍ ନେଇଥିଲେ। ପୂର୍ବରୁ ତନ୍ତ ବାବଦରେ ଧାରଣା ନ ଥିଲେ ବି ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ହସ୍ତତନ୍ତ ତାଲିମ ନେଇ ଗାମୁଛା, ଷ୍ଟଲ୍, ସାର୍ଟ କପଡ଼ା, ବେଡସିଟ୍, ଜୁକୋ କପଡ଼ା, ଶାଢୀ ଆଦି ବୁଣାବୁଣି କରିବାରେ ସକ୍ଷମ ହୋଇପାରିଲେ। ଗତ ୨୦୨୪ ମସିହା ଅକ୍ଟୋବର ୭ ତାରିଖରେ ରାଷ୍ଟ୍ରପତି ଭବନରେ ଉପସ୍ଥିତ ରହି ତାଙ୍କ ହାତବୁଣା ଶାଢୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରିଥିଲେ। ନିଜ ଅଞ୍ଚଳର ପାରମ୍ପରିକ ହସ୍ତତନ୍ତ ଶାଢୀ ଦେଖିବା ପରେ ରାଷ୍ଟ୍ରପତି ଖୁସିବ୍ୟକ୍ତ କରିବା ସହ ମଇନାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହା ପରେ ଆଗ୍ରହ ଏବଂ ଉତ୍ସାହର ସହ ସେ ଶାଢୀ ବୁଣିବା ଜାରି ରଖିଛନ୍ତି ଏବଂ ତନ୍ତସାଥୀ ଭାବେ ହସ୍ତତନ୍ତ କେନ୍ଦ୍ର ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି। ମଇନା ତନ୍ତସାଥୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଇ ଏବେ ନିଜ ଗ୍ରାମରେ ଥିବା ହସ୍ତତନ୍ତ କେନ୍ଦ୍ର ପରିଚାଳନା କରୁଛନ୍ତି। ତାଙ୍କ କେନ୍ଦ୍ରରେ ହସ୍ତତନ୍ତ ବୁଣାବୁଣି କାର୍ଯ୍ୟ କରୁଥିବା ୪୦ରୁ ଊର୍ଦ୍ଧ୍ୱ ମହିଳା ବୁଣାକାରଙ୍କ ଭଲମନ୍ଦ ବୁଝୁଛନ୍ତି। ମୟୂରଭଞ୍ଜ ରାଜାଙ୍କ ଶାସନ ସମୟରେ ଥିବା ସାନ୍ତାଳୀ ଶାଢୀ ପରବର୍ତ୍ତୀ ସମୟରେ ବିଲୁପ୍ତ ହୋଇଯାଇଥିଲା। ମଇନାଙ୍କ ଗ୍ରାମ ଅତାନଟିରେ ସେ ଶାଢୀ ମିଳିଥିଲେ ବି ତାହା ନଷ୍ଟ ହୋଇଯାଇଥିଲା। ସେହି ଶାଢୀର ପୁନରୁଦ୍ଧାର କରିବା ପାଇଁ ମୌନଧ୍ୱନି ଫାଉଣ୍ଡେସନ ପ୍ରୟାସ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ସେହି ବିଲୁପ୍ତ ମୟୂରଭଞ୍ଜ ସାନ୍ତାଳୀ ଶାଢୀକୁ ପୁନର୍ଜୀବିତ କରିବାରେ ମଇନାଙ୍କ ଯୋଗଦାନ ଥିଲା ଅତୁଳନୀୟ। ସେ ପ୍ରଥମ ବୁଣାକାର ଭାବେ ସେ ସେହି ବିଲୁପ୍ତ ସାନ୍ତାଳୀ ଶାଢୀ ହସ୍ତତନ୍ତରେ ବୁଣିଥିଲେ ; ଯାହାକି ପରବର୍ତ୍ତୀ ସମୟରେ ରାଷ୍ଟ୍ରପତିଙ୍କୁ ଭେଟି ଦେଇଥିଲେ। ମଇନାଙ୍କ ପରେ ମୌନଧ୍ୱନିର ଅନେକ ବୁଣାକାର ସେହି ହାତବୁଣା ପାରମ୍ପରିକ ସାନ୍ତାଳୀ ଶାଢୀ ବୁଣାବୁଣି ଜାରି ରଖିଛନ୍ତି। ଏବେ ସେହି ମୟୂରଭଞ୍ଜ ସାନ୍ତାଳୀ ଶାଢୀକୁ ଭୌଗୋଳିକ ସୂଚକ ବା ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ କରିବା ପାଇଁ ସବୁ ପ୍ରକାର ଉଦ୍ୟମ ଜାରି ରଖିଛି ମୌନଧ୍ୱନି ଫାଉଣ୍ଡେସନ। ଗତବର୍ଷ ଅଗଷ୍ଟ ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍ କାର୍ଯ୍ୟକ୍ରମରେ ମୟୂରଭଞ୍ଜର ଏହି ମହିଳାମାନଙ୍କ ହସ୍ତତନ୍ତ କାରିଗରୀ କଥା ଦେଶବାସୀଙ୍କୁ ଜଣାଇଥିଲେ। ସେହି ସମୟରେ ମଇନା ତଥା ମୌନଧ୍ୱନିର ବୁଣାକାରଙ୍କ ପାଇଁ ଶୁଭେଚ୍ଛାର ସୁଅ ଛୁଟିଥିଲା। କୁଶଳୀ ବୁଣାକାରଭାବେ ମଇନା ସ୍ୱତନ୍ତ୍ର ପରିଚୟ ଲାଭ କରିବା ପରେ ଏବେ ସେ ମାଷ୍ଟରଟ୍ରେନର୍ ଭାବେ ଅନ୍ୟମାନଙ୍କୁ ହସ୍ତତନ୍ତ ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସେ ପ୍ରୟାସ ଜାରିରଖିଛନ୍ତି। ଜାତୀୟ ହସ୍ତତନ୍ତ ଦିବସରେ ଦୈନିକ 'ସକାଳ' ପକ୍ଷରୁ ତାଙ୍କୁ ଅନେକ ଶୁଭେଚ୍ଛା।



# ବିଶ୍ୱବିଦ୍ୟାଳୟ ଓ କଲେଜସ୍ତରରେ ପୁନଃ ଖାତା ମୂଲ୍ୟାୟନ ବ୍ୟବସ୍ଥା ଦାବି

ବାରିପଦା, ୬।୮ (ସମିସ): ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟସ୍ତରରେ ହେଉଥିବା ଇଣ୍ଟରନାଲ ଏବଂ ସେମିଷ୍ଟାର ପରୀକ୍ଷା ଉତ୍ତର ଖାତା ମୂଲ୍ୟାୟନ ସମୟରେ ଅଧ୍ୟାପକଙ୍କ ଖାମଖିଆଲି ମନୋଭାବ ପାଇଁ ଯଦି କିଛି ତ୍ରୁଟି ରହିଯାଉଛି, ସେ କ୍ଷେତ୍ରରେ ଛାତ୍ରଛାତ୍ରୀ ମାନସିକ ଚାପରେ ରହୁଛନ୍ତି। ଫଳରେ ଛାତ୍ରଛାତ୍ରୀ ସେମାନଙ୍କ ଭବିଷ୍ୟତକୁ ନେଇ ସନ୍ଦେହରେ ରହୁଛନ୍ତି। ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀ ପୁନଃ ମିଶ୍ରଣ ନିମନ୍ତେ ଆବେଦନ କରିବାର ବ୍ୟବସ୍ଥା ଥିବାବେଳେ ପୁନଃ ମୂଲ୍ୟାୟନ ବ୍ୟବସ୍ଥା ଏକାନ୍ତ ଜରୁରୀ। ସେହିପରି ସ୍ନାତକୋତ୍ତର ପରୀକ୍ଷାରେ ଅଧ୍ୟାପକଙ୍କ ଖାମଖିଆଲି ମୂଲ୍ୟାୟନ ଯୋଗୁଁ ଛାତ୍ରଛାତ୍ରୀଙ୍କ କ୍ୟାରିୟର ମଧ୍ୟ ନଷ୍ଟ ହୋଇଯାଉଛି। ବିଶ୍ୱବିଦ୍ୟାଳୟ ସ୍ତରରେ ଅଧ୍ୟାପକଙ୍କ ଅସହିଷ୍ଣୁ ମନୋଭାବ ଯୋଗୁଁ ଅନୁବନ୍ଧିତ କଲେଜର ଖାତାଗୁଡିକ ମଧ୍ୟ ଠିକ୍‌ଭାବେ ମୂଲ୍ୟାୟନ କରାଯାଉ ନାହିଁ ବୋଲି ପିଲା ଅଭିଯୋଗ କରୁଛନ୍ତି ଏବଂ ବିଶ୍ୱବିଦ୍ୟାଳୟକୁ ପୁନଃ ମିଶ୍ରଣ ନିମନ୍ତେ ଆବେଦନ କରୁଛନ୍ତି। କିନ୍ତୁ ଛାତ୍ରଛାତ୍ରୀ କୌଣସି ସୁଫଳ ପାଉନାହାନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ଅଧ୍ୟାପକଙ୍କ ଭୁଲ ମୂଲ୍ୟାୟନ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଛାତ୍ରଛାତ୍ରୀ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଶେଷରେ ପିଲାମାନେ ଆଇନର ଆଶ୍ରୟ ନେଇ ଖାତାକୁ ପୁନଃ ମୂଲ୍ୟାୟନ କରିବା ସହଜ ଜନକ ହେଉନି। ତେଣୁ ବିଶ୍ୱବିଦ୍ୟାଳୟ ସ୍ତରରେ ପୁନଃ ମୂଲ୍ୟାୟନ ବ୍ୟବସ୍ଥା କରାଯିବାକୁ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ବାରିପଦାର ପୂର୍ବତନ ବିଧାୟକ ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ କିଶୋର ଦାସ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ବରିଷ୍ଠ ଆଇନଜୀବି ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ ଜ୍ୟୋତିପ୍ରକାଶ ରଥ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ଓ ଏକାଡେମିକ କାଉନସିଲ ସଦସ୍ୟ ପ୍ରଦୀପ କୁମାର ନାୟକ ପ୍ରମୁଖ ଦାବି କରିଛନ୍ତି।

## ପୋଷାକ ବିତରଣ ଦାୟିତ୍ୱରେ ଅନିୟମିତତା ଅଭିଯୋଗ

# ସିଡିପିଓଙ୍କ ବିରୋଧରେ ମହିଳାଙ୍କ ଆମରଣ ଅନଶନ




ମୋରଡ଼ା/ରାସଗୋବିନ୍ଦପୁର, ୬।୮ (ସମିସ): ରାସଗୋବିନ୍ଦପୁର ବ୍ଲକ ସିଡିପିଓଙ୍କ ମନମୁଖୀ କାର୍ଯ୍ୟ ତଥା ଦୁର୍ବ୍ୟବହାର ପ୍ରତିବାଦରେ ବୁଧବାର ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ଆମରଣ ଅନଶନରେ ବସିଥିଲେ। ପରେ ବିଡିଓଙ୍କୁ ଏକ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଲିଖିତ ଦାବି ମୁତାବକ ରାସଗୋବିନ୍ଦପୁର ସିଡିପିଓ ମାଳତୀ ମୁର୍ମୁ ପୂର୍ବରୁ ଶିଶୁଙ୍କ ପାଇଁ ଅଙ୍ଗନବାଡ଼ି କେନ୍ଦ୍ରକୁ ଯୋଗାଉଥିବା ପୋଷାକ ଏକ ସ୍ୱୟଂସହାୟିକା ଗୋଷ୍ଠୀକୁ ମନଇଚ୍ଛା ବାତିଲ କରି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଦାୟିତ୍ୱ ଦେଇଛନ୍ତି। ରାସଗୋବିନ୍ଦପୁର, ଖୁଣ୍ଟାପାଳ, ତୋଟାପଡ଼ା ଓ ନଳଗଜା ପଞ୍ଚାୟତର ୮ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପୋଷାକ ଯୋଗାଇ ଆସୁଥିବା ବେଳେ ସିଡିପିଓ କୌଣସି ସୂଚନା ନ ଦେଇ ସମ୍ପୃକ୍ତ ଗୋଷ୍ଠୀକୁ ତାଲିକାରୁ ବାଦ୍ ଦେଇଛନ୍ତି। ତେବେ ପୋଷାକ ବିତରଣ ସମ୍ପର୍କରେ ସିଡିପିଓଙ୍କୁ ମହିଳାମାନେ ପଚାରିବାରୁ ସେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିବା ମହିଳାମାନେ କହିଛନ୍ତି। ଯେ ପର୍ଯ୍ୟନ୍ତ ପୂର୍ବଭଳି ପୋଷାକ ତିଆରି ପାଇଁ କାର୍ଯ୍ୟାଦେଶ ନ ମିଳିଛି ସେ ଯାଏ ଧାରଣାରେ ବସିବେ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି। ପରେ ବିଡିଓ ମହିଳାଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଲିଖିତ ପ୍ରତିଶ୍ରୁତି ପାଇ ଅଡି ବସିଛନ୍ତି।

# ନୁନୁଦାଙ୍କ ୭୪ତମ ଜନ୍ମ ଦିବସ ପାଳିତ



ବାରିପଦା, ୬।୮ (ସମିସ): ମଙ୍ଗଳବାର ସନ୍ଧ୍ୟାରେ ପାଲବଣି ତାରିଣୀ ପୀଠର ପ୍ରତିଷ୍ଠାତା ଶ୍ରୀକାନ୍ତ ବୋଷ (ନାନୁଦା)ଙ୍କ ୭୪ତମ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ତାରିଣୀ ପୀଠ ପ୍ରତିଷ୍ଠା ହେବା ଯୋଗୁଁ ସମ୍ପୃକ୍ତ ଅଞ୍ଚଳର ଲୋକେ ତାଙ୍କ ଜୟନ୍ତୀରେ ସୁସ୍ଥ, ଦୀର୍ଘ, ନିରାମୟ ଜୀବନ କାମନା କରିଛନ୍ତି। ଜଗବନ୍ଧୁ ମିଶ୍ର, ଶାନ୍ତନୁ କୁମାର ପାଲ, କାହ୍ନୁଚରଣ ବେହେରା, ମହେଶ୍ୱର ବେହେରା, ପ୍ରିୟରଞ୍ଜନ ବେହେରା, ସଞ୍ଜୟ କୁମାର ଦାସ ଉପସ୍ଥିତ ରହି ଜନ୍ମଦିନ ପାଳନ କରିଥିଲେ।

# ଜାତୀୟ ଆଦିବାସୀ ନେତୃତ୍ୱ କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା

ବାରିପଦା, ୬।୮ (ସମିସ): ଆଦିବାସୀ ମୁଣ୍ଡା-ଭୂମିଜ ସମ୍ପ୍ରଦାୟର ଯୁବ ସମାଜସେବୀ ଅନ୍ନପୂର୍ଣ୍ଣା ସିଂ ବେଙ୍ଗାଲୁରୁର ଦି ସ୍କୁଲ ଅଫ୍ ଏନସିଏଣ୍ଟ ୱିସଡମରେ ଅନୁଷ୍ଠିତ ୧୦ ଦିନିଆ ଜାତୀୟ ଆଦିବାସୀ ନେତୃତ୍ୱ କାର୍ଯ୍ୟକ୍ରମର ସପ୍ତମ ସଂସ୍କରଣରେ ଅଂଶଗ୍ରହଣ କରିଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଦେଶରୁ ମନୋନୀତ ୧୦୦ ଜଣ ଆଦିବାସୀ ଯୁବ ନେତୃତ୍ୱଙ୍କ ମଧ୍ୟରୁ ଅନ୍ନପୂର୍ଣ୍ଣା ସିଂ ଅନ୍ୟତମ। ଅନ୍ନପୂର୍ଣ୍ଣା ମୁଣ୍ଡା-ଭୂମିଜ ସମ୍ପ୍ରଦାୟର ମୁଣ୍ଡାରୀ ବାନୀ ଲିପିର ସଂରକ୍ଷଣ ଏବଂ ପ୍ରଚାର ପାଇଁ ବିଭିନ୍ନ ସଂଗଠନ ସହିତ ଜଡ଼ିତ। ସେ ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ସମ୍ପାଦିକା, ଭାରତୀୟ ମୁଣ୍ଡା ସମାଜର ବାଲେଶ୍ୱର ଜିଲ୍ଲା ସଦସ୍ୟା ଏବଂ ଅଞ୍ଚଳର ମୁଣ୍ଡାରୀ ଭାଷା ବିଦ୍ୟାଳୟର ଦାୟିତ୍ୱ ନିର୍ବାହ କରୁଛନ୍ତି। ଝାରଖଣ୍ଡର ଡଃ.ଶ୍ୟାମାପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟ, ରାଞ୍ଚିରୁ ମୁଣ୍ଡାରୀ ଅଧ୍ୟୟନରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିବା ଅନ୍ନପୂର୍ଣ୍ଣା ଓଡ଼ିଶାର ପ୍ରଥମ ମହିଳା ଛାତ୍ରୀ। ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ ବୀରେଶ୍ୱପୁର ପଞ୍ଚାୟତ ଅଧୀନ ବୈଦପୁରରେ ଜନ୍ମଗ୍ରହଣ କରିଥିବା ଅନ୍ନପୂର୍ଣ୍ଣା ସମ୍ପ୍ରତି ରେମୁଣା ବ୍ଲକ ଅଧୀନ ମଙ୍ଗଳପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ଭାବେ କାର୍ଯ୍ୟରତ। ନିଜ ସମାଜ ଏବଂ ଅଞ୍ଚଳର ସାମାଜିକ, ସାଂସ୍କୃତିକ ଉନ୍ନତି ପାଇଁ ସର୍ବଦା ସକ୍ରିୟ। ଅନ୍ନପୂର୍ଣ୍ଣାଙ୍କ ମତରେ 'ଏହି ଜାତୀୟ ଆଦିବାସୀ ନେତୃତ୍ୱ କାର୍ଯ୍ୟକ୍ରମ ମୋତେ ଆହୁରି ସଶକ୍ତ କରିବ ଏବଂ ମୁଣ୍ଡା ସମ୍ପ୍ରଦାୟର ଭାଷା, ସଂସ୍କୃତି ଓ ଅଧିକାର ପାଇଁ କାର୍ଯ୍ୟକୁ ଗତି ଦେବ ବୋଲି କହିଛନ୍ତି।



# ବୃତ୍ତିରୁ ବଞ୍ଚିତ ଆଦିବାସୀ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କୁ ଫେରାଦ

ବାରିପଦା, ୬।୮ (ସମିସ)

ଛାତ୍ରବୃତ୍ତିରୁ ଦୀର୍ଘ ଦିନ ଧରି ବଞ୍ଚିତ ରହିଥିବା ଜିଲ୍ଲାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ବୁଧବାର ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ଅଭିଯୋଗ କରିଛନ୍ତି। ବୃତ୍ତି ମିଳିବ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଛାତ୍ରଛାତ୍ରୀ ଜିଦରେ ଅଟଳ ରହିବାରୁ ଜିଲ୍ଲାପାଳ ଶ୍ରୀ ସଏ ୩ ଦିନ ମଧ୍ୟରେ ସମସ୍ତ ଛାତ୍ରବୃତ୍ତି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ଛାତ୍ରଛାତ୍ରୀ ନିଜନିଜ ମହାବିଦ୍ୟାଳୟକୁ ଫେରିଛନ୍ତି। ଜିଲ୍ଲାରେ ଥିବା ମହାବିଦ୍ୟାଳୟଗୁଡିକରେ ଆଡମିଶନ ଓ ରି-ଆଡମିଶନ ଚାଲୁ ରହିଛି। ଚଳିତ ବର୍ଷ ଜନଜାତି ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କୁ ୮ ମାସ ହେଲା ବୃତ୍ତି ମିଳି ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଗତ ୨୧ତାରିଖରେ ସମସ୍ତ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଥିଲେ। ଏପରିକି କଲେଜର ଆଡମିଶନ ଓ ରି-ଆଡମିଶନ ଅର୍ଥ ଭରଣା କରିବା ପାଇଁ ପରିବାର ଲୋକେ ଅସମର୍ଥ ବୋଲି କହିଥିଲେ। କଲେଜ ଏବଂ ହଷ୍ଟେଲ ଫି ଦେଇପାରୁ ନ ଥିବାରୁ ଛାତ୍ରଛାତ୍ରୀଙ୍କ ଆଡମିଟ କାର୍ଡ ଅଟକି ରହିଛି। ତେଣୁ ବୁଧବାର ଛାତ୍ର ତାରାସ ମାରାଣ୍ଡିଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କୁ ଭେଟିବାକୁ ଆସି ପୂର୍ବ ଅଭିଯୋଗକୁ ନେଇ ଦିଆଯାଇଥିବା ପ୍ରତିଶ୍ରୁତି ସମ୍ପର୍କରେ ଅବଗତ କରିଥିଲେ। ୨୦୨୪-୨୫ ଶିକ୍ଷା ବର୍ଷର ବୃତି ପାଇଁ ମହାବିଦ୍ୟାଳୟରେ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ଛାତ୍ରବୃତ୍ତି ମିଳୁନଥିବା ପ୍ରକାଶ କରିଥିଲେ। ଏହାକୁ ନେଇ ପ୍ରଥମେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମହାନ୍ତି ଓ ପରେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ବିଭାଗରେ ଅର୍ଥ ନ ଥିବାରୁ ଛାତ୍ରବୃତ୍ତି ପ୍ରଦାନରେ ବିଳମ୍ବତା ହେଉଥିବା ଜଣାପଡ଼ିଥିଲା। ତେବେ ୩ ଦିନ ମଧ୍ୟରେ ସମସ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବା ବୋଲି ଜିଲ୍ଲାପାଳ ଲିଖିତ ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

**■ ୩ ଦିନ ମଧ୍ୟରେ ମିଳିବ ଷ୍ଟାଇପେଣ୍ଡ: ଜିଲ୍ଲାପାଳ**








# ୮ ମାସ ବିତିଲାଣି; ଶୁଳିଆପଦା ବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ

ବାରିପଦା, ୬।୮ (ସମିସ): ଶୁଳିଆପଦା ବିଇଓ ମାଳତୀ ଟୁଡୁଙ୍କ ମାଳମାଳ ଦୁର୍ନୀତି ଜଣାପଡ଼ିବା ପରେ ସାମାଜିକ କର୍ମୀ ଜୟନ୍ତ କୁମାର ଧଡା ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ୨୦୨୪ ସେପ୍ଟେମ୍ବର ୨୩ରେ ଲିଖିତ ଅଭିଯୋଗ କରିଥିଲେ। ସେ ୧୫ଟି ବିଭିନ୍ନ ଦୁର୍ନୀତିର ତଥ୍ୟ ପ୍ରମାଣ ସହିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶିଧର ସିଂ ତଦନ୍ତ ଅଧିକାରୀ ଭାବେ ରିପୋର୍ଟ ଦାଖଲ କରିଥିଲେ। ଗତ ନଭେମ୍ବର ୨୫ ତାରିଖରେ ତଦନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ପ୍ରକାଶ ପାଇଥିଲା। ରିପୋର୍ଟରେ ତଦନ୍ତ ଅଧିକାରୀ ଶ୍ରୀ ସିଂ ବିଇଓ ମାଳତୀ ଟୁଡୁଙ୍କୁ ଅଫିସ ପରିଚାଳନାରେ ଅଯୋଗ୍ୟ ବୋଲି ଉଲ୍ଲେଖ କରିଥିଲେ; ଦୁର୍ନୀତି ରିପୋର୍ଟ ବଦଳରେ ଅଯୋଗ୍ୟ ଉଲ୍ଲେଖ ଅଭିଯୋଗକାରୀଙ୍କୁ ନିରାଶ କରିଥିଲା; ତଥାପି କିଛି କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଆଶାବାଦୀ ଥିଲେ; ହେଲେ ତଦନ୍ତ ରିପୋର୍ଟରେ ଅଯୋଗ୍ୟ ଘୋଷଣାକୁ ଇତି ମଧ୍ୟରେ ୮ ମାସ ବିତିଲାଣି; କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ। ଏବେ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗର ପ୍ରମୁଖ ସଚିବଙ୍କୁ ଚିଠି କରି ଅପାରଗ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଳିଆପଦା ବିଇଓ ମାଳତୀ ଟୁଡୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ରିପୋର୍ଟରେ ଅସମର୍ଥ ଘୋଷଣା କରାଯାଇଥିବାରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦେବା ସହିତ ତାଙ୍କ ଦୁର୍ନୀତିର ତଦନ୍ତକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଜିଲ୍ଲାର ଅଗ୍ରଣୀ ଯୁବ ଛାତ୍ର ସଂଗଠନ ତରଫରୁ ମଧ୍ୟ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ଶୁଳିଆପଦା ବିଇଓଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗରେ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିସାରିଛି। ତେଣୁ ତୁରନ୍ତ ଶୁଳିଆପଦା ବିଇଓଙ୍କୁ ଅପାରଗ ତାଲିକାଭୁକ୍ତ କରାଯାଇ ବାଧ୍ୟତାମୂଳକ ଅବସର ଦିଆଯାଉ ବୋଲି ଶ୍ରୀ ଧଡା ଦାବି କରିଛନ୍ତି।







# ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡର ବିକାଶ ପାଇଁ ସମନ୍ୱୟ ବୈଠକ

ମହୁଲଡିହା, ୬।୮(ସମିସ): ବନବିଭାଗ ପକ୍ଷରୁ ଭୀମକୁଣ୍ଡ ବିକାଶ ପାଇଁ ଉପୁଜିଥିବା ସମସ୍ୟାର ସମାଧାନ ଦିଗରେ ଠାକୁରମୁଣ୍ଡାଠାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ୍ରିଏଫଓ ବୈଦ୍ୟନାଥ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ଓଟିଡିସି କର୍ମକର୍ତ୍ତା, ବୋଙ୍ଗି ବନ ସୁରକ୍ଷା ସମିତି ଓ ବନ ବିଭାଗର କର୍ମଚାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପର୍ଯ୍ୟଟନ ବିଭାଗ ସୁରକ୍ଷା ଓ ପରିଚାଳନା ପାଇଁ ବାହାରୁ ନିଯୁକ୍ତି ଦେବା ପରେ ବନ ସୁରକ୍ଷା ସମିତି ଏହାକୁ ବିରୋଧ କରିଥିଲା। ଫଳରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବିଧାୟକ ଶ୍ରୀ ହାଇବ୍ରୁରୁ ଭୀମକୁଣ୍ଡ ବିକାଶ ପ୍ରାଥମିକତା ବୋଲି କହିଥିଲେ। ତେବେ ପର୍ଯ୍ୟଟନ ଓ ବନ ବିଭାଗର ସମନ୍ୱୟରେ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକାକୁ ମଧ୍ୟ ଗୁରୁତ୍ୱ ଦେଇ ନିଯୁକ୍ତି ପାଇଁ ଆଲୋଚନା କରିବେ ବୋଲି ବିଧାୟକ ପ୍ରସ୍ତାବ ରଖିଥିଲେ। ବୋଙ୍ଗି ଗ୍ରାମର ବନ ସୁରକ୍ଷା ସମିତି ଦୀର୍ଘ ବର୍ଷ ହେଲା ଭୀମକୁଣ୍ଡରେ ରକ୍ଷଣାବେକ୍ଷଣ ଆଦି ଦାୟିତ୍ୱ ତୁଲାଇ ଆସୁଥିବାରୁ ପର୍ଯ୍ୟଟନ ବିଭାଗ ନିଯୁକ୍ତିରେ ପ୍ରାଥମିକତା ଦାବି କରି ଆସୁଥିଲେ। ସରକାରୀ ନିୟମକୁ ସମସ୍ତେ ମାନିବେ ବୋଲି ବନ ସୁରକ୍ଷା ସମିତି କର୍ମକର୍ତ୍ତା ବିଧାୟକଙ୍କ ପ୍ରସ୍ତାବରେ ଏକମତ ହୋଇଥିଲେ। ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ସ୍ୱାଗତ ସୂଚନା ଦେଇଥିଲେ।

## ଅଲଟ୍ରାସାଉଣ୍ଡ ମେସିନ୍ କିଣା ଓ ଲାଇଟ ଯୋଗାଣରେ ଦୁର୍ନୀତି ଅଭିଯୋଗ

# ବିଧାୟକଙ୍କ ବିରୋଧରେ ତେଜୁଛି ଅସନ୍ତୋଷ

ବେତନଟୀ, ୬।୮(ସମିସ): ବଡ଼ସାହି ବିଧାୟକଙ୍କ ବିରୋଧରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ବେତନଟୀ ଓ ବଡ଼ସାହି ଅଞ୍ଚଳରେ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଏବଂ ଦୁର୍ନୀତି ଅଭିଯୋଗ ହୋଇଛି। ବିଶେଷକରି ଅଲଟ୍ରାସାଉଣ୍ଡ ମେସିନ୍ ଯୋଗାଣ, ଉଚ୍ଚ ମୂଲ୍ୟରେ ଲାଇଟ ସ୍ଥାପନ ଏବଂ ପଞ୍ଚାୟତିରାଜ ବ୍ୟବସ୍ଥାରେ ହସ୍ତକ୍ଷେପ ଭଳି ଗୁରୁତର ଅଭିଯୋଗ ସାମନାକୁ ଆସିଛି। ବେତନଟୀ ଓ ବଡ଼ସାହି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଧାୟକଙ୍କ ପ୍ରୟାସରେ ଅଲଟ୍ରାସାଉଣ୍ଡ ମେସିନ୍ ଯୋଗାଣ ହୋଇଥିବା ବେଶ ପ୍ରଚାର ହୋଇଥିଲା; କିନ୍ତୁ ଏହି ମେସିନ୍‌ଗୁଡ଼ିକ ଅପରେଟର ଅଭାବରୁ ଅଧିକାଂଶ ସମୟ ବନ୍ଦ ରହୁଛି। କେବଳ ଗର୍ଭବତୀଙ୍କ ପାଇଁ ହିଁ ବ୍ୟବହାର ହେଉଛି। ଅବଶିଷ୍ଟ ସମୟରେ ଲୋକେ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏଥିସହିତ ମେସିନ୍ ଯୋଗାଣରେ ମୋଟା ଅଙ୍କର ପିସି ମଧ୍ୟ କାରବାର ହୋଇଥିବା ନେଇ ଚର୍ଚ୍ଚା ହେଉଛି। ସେହିପରି ବିଧାୟକଙ୍କ ନିର୍ବାଚନମଣ୍ଡଳୀରେ ଉଚ୍ଚ କ୍ଷମତା ସମ୍ପନ୍ନ ଲାଇଟ ସ୍ଥାପନ କରାଯାଇଛି। ସୂଚନା ଫଳକରେ ଏହି ଲାଇଟଗୁଡ଼ିକର ମୂଲ୍ୟ ୧ ଲକ୍ଷ ୫୦ ହଜାରରୁ ଅଧିକ ଲେଖାଯାଇଛି; କିନ୍ତୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମାନ ଗୁଣାତ୍ମକ ଲାଇଟ ୫୦ ହଜାର ଟଙ୍କାରେ ସ୍ଥାପନ କରିଛନ୍ତି। ତେଣୁ ଏହି ଲାଇଟ କିଣାରେ ମଧ୍ୟ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଉଠିଛି। ସେହିପରି ବେତନଟୀ ବ୍ଲକରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ବିଧାୟକ ଦଳିମକଚି ଦେଉଥିବା ମଧ୍ୟ ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ବିଧାୟକଙ୍କ ଆନୁଗତ୍ୟ ଥିବା କିଛି କର୍ମୀ ଓ ଠିକାଦାରଙ୍କ ସ୍ୱାର୍ଥ ପୂରଣ କରିବା ପାଇଁ କାର୍ଯ୍ୟ ତାଲିକା ପ୍ରସ୍ତୁତ କରୁଛନ୍ତି। ପଲ୍ଲୀସଭା ଓ ଗ୍ରାମସଭାରୁ ଆସିଥିବା ପ୍ରସ୍ତାବକୁ ବାଦ୍ ଦେଇ ନିଜର ଓ ନିଜ ସମର୍ଥକଙ୍କ ପସନ୍ଦର ପ୍ରକଳ୍ପକୁ ବ୍ଲକ ବୈଠକରେ ପାରିତ କରାଯାଉଛି। ଏଥିସହିତ ବିଡିଓଙ୍କୁ ହାତବାରିସି କରିଥିବା ମଧ୍ୟ ଅଭିଯୋଗ ରହିଛି। ବେତନଟୀ ଡାକ୍ତରଖାନାର ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକ ଶ୍ରୀ ବିଜୁଳି ନିୟମ ଅନୁଯାୟୀ ସମସ୍ତ ଜନପ୍ରତିନିଧିଙ୍କୁ ଡାକିବା ପରିବର୍ତ୍ତେ କେବଳ ନିଜର ଆନୁଗତ୍ୟ ସାମ୍ବାଦିକ, ଦଳୀୟ ପଦାଧିକାରୀ, କର୍ମୀ ଓ ବ୍ୟକ୍ତିଙ୍କୁ ଡାକି ବୈଠକ କରୁଛନ୍ତି। ଏହା ମାଧ୍ୟମରେ ମୋଟା ଅଙ୍କର ଟଙ୍କା ଉକ୍ତ ଡାକ୍ତରଖାନାରୁ ଆଦାୟ କରାଯାଉଛି। ଏପରିକି ଡାକ୍ତରଖାନାର ଗାଡ଼ି ମଧ୍ୟ ନିଜର ବ୍ୟକ୍ତିଗତ କାମରେ ଲାଗୁଥିବା ମଧ୍ୟ ନଜରକୁ ଆସିଛି। ୨୦୧୯ ନିର୍ବାଚନରେ ଜିତିବା ପରେ ସନାତନ ବିଜୁଳି ବିଧାନସଭାରେ ବିରୋଧୀ ଦଳ ଭାବେ ସରକାରୀ ଅନିୟମିତତା ଓ 'ପିସି' କାରବାର ନେଇ ଜୋରଦାର ପାଟି କରୁଥିଲେ; ନିଜ ଦଳ କ୍ଷମତାକୁ ଆସିବା ପରେ ତାଙ୍କର ଏହି 'ହରିଷ ପାଳନ' ବନ୍ଦ ହୋଇଯାଇଛି। ବିଧାୟକ କେବଳ ନିଜର ଆନୁଗତ୍ୟ ଥିବା କିଛି ବ୍ୟକ୍ତି ଓ ୨୦୨୪ ନିର୍ବାଚନରେ ବିଜେଡିରୁ ଜିତି ସରକାର ଗଠନ ପରେ ଅନ୍ୟ ଦଳରୁ ନୂଆକରି ଆସିଥିବା କିଛି ସୁବିଧାବାଦୀ ନେତାଙ୍କୁ ବିଧାୟକ ଗୁରୁତ୍ୱ ଦେଉଛନ୍ତି। ପୁରୁଣା ନେତାଙ୍କୁ ହତାଦର କରୁଥିବା ମଧ୍ୟ ଅଭିଯୋଗ ଉଠିଛି। ଏହି ସମସ୍ତ ଅଭିଯୋଗ ସୋସିଆଲ୍ ମିଡିଆ ଓ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ନାରୀ ସୁରକ୍ଷା ଦାବିରେ ବିଜେଡି ଯୁବ ଓ ଛାତ୍ରଙ୍କ ବିକ୍ଷୋଭ

# ପୁଲିସ ଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ




ବେତନଟୀ, ୬।୮(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ ବିଜୁ ଜନତା ଦଳର ଛାତ୍ର ଓ ଯୁବ ସଂଗଠନ ନାରୀ ସୁରକ୍ଷା ଓ ମହିଳାଙ୍କୁ ଦିଆଯାଉଥିବା ନିର୍ଯାତନା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛି। ବେତନଟୀ ବଜାରରେ ଛାତ୍ର ଓ ଯୁବକମାନେ ବିଜେପି ସରକାରଙ୍କ ଅପାରଗତା ଓ ନାରୀ ସୁରକ୍ଷା ପ୍ରତି ଅବହେଳାକୁ ନେଇ ବିଭିନ୍ନ ନାରା ଦେଇଥିଲେ। ଏଥିରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଜେପି ସରକାର ଗତ ଏକ ବର୍ଷ ମଧ୍ୟରେ ନାରୀ ସୁରକ୍ଷା ନିଶ୍ଚିତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କହିଛନ୍ତି। ଶେଷରେ ଆନ୍ଦୋଳନକାରୀମାନେ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ସୁନୀଲ ନାୟକ, ଜିଲ୍ଲା ନେତୃବୃନ୍ଦ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ନୂତନ ବ୍ଲକ ସଭାପତି ରାଜୀବ ସେନାପତି, ୩୬ ନମ୍ବର ଜିଲ୍ଲା ପରିଷଦ ଧାନୀ କିସ୍କୁ, ଯୁବ ସଂଗଠକ ଲଲାଟେନ୍ଦୁ ବେହେରା, ରାଜନ ଦାସ, ଛାତ୍ର ନେତା ମୋନିଶ ଗିରି, ଚିତ୍ତେଶ୍ୱର ବେହେରା, ଦୀପକ ସାହୁ, ଜୀବନ ଦାସ, ଅମର ପଣ୍ଡା, ପବିତ୍ର ପୃଷ୍ଟି, କଲେଜ ଛାତ୍ର କଲମ ହେମ୍ବ୍ରମ, ଆକାଶ ବାରିକ, ରାକେଶ ଧଳ, ସଦାଶିବ ସିଂ, ଶିବୁ ସରେନ, ସୁମନ କିଷ୍କୁ, ସୋମନାଥ ନାୟକ, ମଧୁସୂଦନ ସିଂ, ସଞ୍ଜୟ ହାଁସଦା ପ୍ରମୁଖ ଶତାଧିକ ଛାତ୍ରନେତା ଏବଂ ଯୁବକ ସାମିଲ ହୋଇଥିଲେ। ବିଜେଡି ନେତାମାନେ ରାଜ୍ୟ ସରକାରଙ୍କୁ ନାରୀ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରିବା, ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ନ୍ୟାୟିକ ତଦନ୍ତ ପାଇଁ ଦାବି କରିଛନ୍ତି। ଯଦି ସରକାର ତୁରନ୍ତ ପଦକ୍ଷେପ ନ ନିଅନ୍ତି ତେବେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଜୋର୍‌ଦାରକରାଯିବ ବୋଲି ଦଳପକ୍ଷରୁ ଚେତାବନୀ ଦିଆଯାଇଛି।

# ମହିଳାଙ୍କଠାରୁ ୫୦ ହଜାର ଟଙ୍କା ଲୁଟ୍

ମୋରଡା, ୬।୮(ସମିସ): ମୋରଡା ଥାନା ଅନ୍ତର୍ଗତ ଧଡାସାହି ଗ୍ରାମର ସୁଭଦ୍ରା ଥୟାଲଙ୍କଠାରୁ ଦୁର୍ବୃତ୍ତମାନେ ୫୦ ହଜାର ଟଙ୍କା ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। ସେ ବୁଧବାର ଝିଙ୍କିରିଆ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ୫୦ ହଜାର ଟଙ୍କା ଉଠାଣ କରି କବିଡିହ ଗ୍ରାମର ଚନ୍ଦନ କୁମାର ତୁଙ୍ଗଙ୍କ ସହ ଘରକୁ ଫେରୁଥିଲେ। ଏହି ସମୟରେ ମୋହନପୁର ହାଟ ପଡ଼ିଆ ନିକଟରେ ଏକ ବାଇକରେ ଦୁଇ ଜଣ ଦୁର୍ବୃତ୍ତ ଆସି ଟଙ୍କାକୁ ଲୁଟିନେଇ ବାଛୁରୀପାଳ ଆଡକୁ ଫେରାର ହୋଇଯାଇଥିଲେ। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ସମ୍ପୃକ୍ତ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା /** **୧) ଋଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୯୭୫/୫୩୨୪, ଆକାରପୁରୀ କଲୋନୀ, ରଥ ରୋଡ, ଓଲ୍ଡ ଟାଉନ୍, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା | ୧. ୟୁନିୟନ୍ ହୋମ୍ ୨. ୟୁନିୟନ୍ ଆଶିୟାନା ବ୍ୟକ୍ତିଗତ ଋଣ | ୧୩.୦୭.୨୦୨୫ / ୧୮.୦୭.୨୦୨୫ / ୧୮.୦୭.୨୦୨୫ ସୁଦ୍ଧା ଟ.୧୯,୯୮,୨୫୯.୯୬ | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୪୦୪, ୪ର୍ଥ ମହଲା, "ଶିବଶକ୍ତି ଏନ୍‌କ୍ଲେଭ୍" ୨ ବିଏଚ୍‌କେ, କ୍ଷେତ୍ର: ୧୩୮୨ ବର୍ଗଫୁଟ, ଖାତା ନଂ.: ୧୫୯, ଅନୁରୂପ ଖାତା ନଂ.: ୩୧୧/୪୩୨, ପ୍ଲଟ୍ ନଂ.: ୩୩୧ (ସ୍ଥିତିବାନ), କିସମ: ଘରବାରୀ, ମୌଜା: କଣ୍ଟିଲୋ, ଏସ୍‌ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| **ଭୁବନେଶ୍ୱର ମୁଖ୍ୟ ଶାଖା /** **୧) ଋଣଗ୍ରହୀତା: ୧(କ) ମେସର୍ସ ବିଜିନେସ୍.କମ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା, ୧(ଖ) ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା / ୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ୨(କ) ଶ୍ରୀ ବିଶ୍ୱଜିତ୍ ସାହୁ,** ପିତା: ସ୍ୱ ଗୌରାଙ୍ଗ ଚରଣ ସାହୁ, **୨(ଖ) ଶ୍ରୀ ବିଶ୍ୱବିଜୟ ସାହୁ,** ପିତା: ସ୍ୱ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ / **୩) ମୃତକ ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୩(କ) ଶ୍ରୀ ବିଶ୍ୱଜିତ୍ ସାହୁ,** ପିତା: ସ୍ୱ ଗୌରାଙ୍ଗ ଚରଣ ସାହୁ, **୩(ଖ) ଶ୍ରୀ ବିଶ୍ୱବିଜୟ ସାହୁ,** ପିତା: ସ୍ୱ ଗୌରାଙ୍ଗ ଚରଣ ସାହୁ, **୩(ଗ) କିରଣବାଳା ସାହୁ,** ସ୍ୱାମୀ: ସ୍ୱ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮, **୩(ଘ) ଶ୍ରୀମତୀ ନଳିନୀ ପ୍ରଭା ସାହୁ,** ପିତା: ସ୍ୱ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଇ୨/୮, ୧ ନଂ. ବୃନ୍ଦାବନ କଲୋନୀ, ବଡପଡିଆ, ପାରାଦୀପ, ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୪୨, **୩(ଙ) ମିସ୍ ନନ୍ଦିନୀ ପ୍ରଭା ସାହୁ,** ପିତା: ସ୍ୱ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଜିକେଭି-୫୮, ଗତି କୃଷ୍ଣ ଭିଲ୍ଲା, ବ୍ରହ୍ମେଶ୍ୱର ମନ୍ଦିର, ଟଙ୍କପାଣି ରୋଡ, ବଡଗଡ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ | ୧. ସିସି ହାଇପୋଥିକେସନ୍ ୨. ମିଆଦୀ ଋଣ | ୨୩.୦୭.୨୦୨୫ / ୨୫.୦୭.୨୦୨୫ / ୨୪.୦୭.୨୦୨୫ ସୁଦ୍ଧା ଟ.୫,୦୧,୩୭,୬୩୭.୨୫ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର **(କ) ଶ୍ରୀ ବିଶ୍ୱବିଜୟ ସାହୁ, ଶ୍ରୀ ବିଶ୍ୱଜିତ୍ ସାହୁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୬, ପ୍ଲଟ୍ ନଂ.: ୩୫୭/୨୩୨୩, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, **(ଖ) ମୃତକ ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୭, ପ୍ଲଟ୍ ନଂ.: ୩୫୭/୨୩୨୪, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, **(ଗ) ଶ୍ରୀ ବିଶ୍ୱବିଜୟ ସାହୁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୫୯, ଅନୁରୂପ ଖାତା ନଂ.: ୭୫୫/୫୧୪, ପ୍ଲଟ୍ ନଂ.: ୩୫୭/୨୫୫୭, କ୍ଷେତ୍ର: ଏକର ୦.୦୧୦ ଡିସିମିଲି |
| **ଓଏମ୍‌ସି କ୍ୟାମ୍ପସ୍ ଶାଖା /** **୧) ଋଣଗ୍ରହୀତା: ମେସର୍ସ ଜୟଦୁର୍ଗା ଟ୍ରାନ୍ସପୋର୍ଟ, ଅଂଶୀଦାରମାନେ: (କ) ଶ୍ରୀ ଶୁଭେନ୍ଦୁ କୁମାର ଦାସ, (ଖ) ଶ୍ରୀ ଚିତ୍ତରଞ୍ଜନ ଓଝା,** ଉଭୟଙ୍କ **ଠିକଣା-୧:** ବ୍ଲକ୍-ସି, ପ୍ଲଟ୍ ନଂ.: ୨୨୯, ଜଗନ୍ନାଥ ବିହାର, ରୋଡ ନଂ.: ୬, ଝାରପଡା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, **ଠିକଣା-୨:** ରୁମ୍ ନଂ.: ଏ-୧, ପ୍ଲଟ୍ ନଂ.: ୨୩୩୫/୪୦୬୧/୫୧୫୪, ସା: ଜଗତ୍‌ପୁର, ଗୋଲେଇ ଛକ, ଦୁର୍ଗା ମଣ୍ଡପ ନିକଟ, ଜଗତ୍‌ପୁର, କଟକ - ୭୫୪୦୨୧ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ ଓଝା (ଅଂଶୀଦାର),** ପିତା: ଶ୍ରୀ ନିତ୍ୟାନନ୍ଦ ଓଝା, ସା: ବ୍ରାହ୍ମଣ ମଣିଯୋରି, କଟକ, ଓଡ଼ିଶା - ୭୫୪୨୦୬ / **୩) ବନ୍ଧକଦାତା: ଶ୍ରୀ ଶୁଭେନ୍ଦୁ କୁମାର ଦାସ (ପରିଚାଳନା ଅଂଶୀଦାର),** ପିତା: କୃଷ୍ଣ ଚନ୍ଦ୍ର ଦାସ, ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା - ୭୫୪୨୦୦ | ଏସ୍‌ଓଡିଜିଇଏନ୍ | ୨୯.୦୫.୨୦୨୫ / ୨୧.୦୭.୨୦୨୫ / ୩୦.୦୬.୨୦୨୫ ସୁଦ୍ଧା ଟ.୫୫,୦୫,୧୯୯.୫୧ | **ଶୁଭେନ୍ଦୁ କୁମାର ଦାସଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୬୬/୧୮୦୨, ପ୍ଲଟ୍ ନଂ.: ୯୦୩/୨୩୮୭, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା ନଂ.: ୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କ୍ଷେତ୍ର: ଏକର ୦.୦୪୦ ଡିସିମିଲି କିମ୍ବା ୧୭୪୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୦୪, ପଶ୍ଚିମ: ପ୍ଲଟ୍ ନଂ.: ୯୦୩ର ଅବଶିଷ୍ଟ |
| **ରସୁଲଗଡ ଶାଖା /** **୧) ଋଣଗ୍ରହୀତା/ଆପ୍ଲିକାଣ୍ଟ/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚି ନାରାୟଣ ବେହେରା / ୧(ଖ) କୋ-ଆପ୍ଲିକାଣ୍ଟ / ବନ୍ଧକଦାତା: ଶ୍ରୀ ରବିନ୍ଦ୍ର କୁମାର ବେହେରା,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୭୧, ସା: ନହରକଣ୍ଟା, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୨୧୦୧ | ଏଚ୍‌ଏଲ୍‌ପିଜିଏନ୍ | ୨୯.୦୭.୨୦୨୫ / ୦୧.୦୮.୨୦୨୫ / ୩୧.୦୭.୨୦୨୫ ସୁଦ୍ଧା ଟ.୧୯,୫୫,୭୩୭.୧୨ | **ଶ୍ରୀ ବିରଞ୍ଚି ନାରାୟଣ ବେହେରା** ଏବଂ **ଶ୍ରୀ ରବିନ୍ଦ୍ର କୁମାର ବେହେରାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୧/୨୧୮୧/୨୭୬୫, ଖାତା ନଂ: ୬୦୯/୮୪୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୧, ଖାତା ନଂ: ୭୨୦/୧୧୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୪୫ ଡିସିମିଲି,** ଉପରୋକ୍ତ ୨ଟି ପ୍ଲଟ୍‌ର ମୌଜା: ନହରକଣ୍ଟା, ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର (କାଗଜାତ୍ ଅନୁଯାୟୀ)ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ, ପୂର୍ବ: ସବ୍ ପ୍ଲଟ୍ ନଂ.: ½, ପଶ୍ଚିମ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ |
| **ଖୋର୍ଦ୍ଧା ଶାଖା /** **୧) ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ବୈଜୟନ୍ତୀ ରାଣୀ ତ୍ରିପାଠୀ, ମେସର୍ସ ପାପାଲି ପେପର ପ୍ରଡକ୍ଟସ୍‌ର ସ୍ୱତ୍ତ୍ୱାଧିକାରୀ, ଠିକଣା-୧:** ସ୍ୱାମୀ: ସତ୍ୟବ୍ରତ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, **ଠିକଣା-୨:** ସ୍ୱାମୀ: ସତ୍ୟବ୍ରତ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ସତ୍ୟବ୍ରତ ମିଶ୍ର, ଠିକଣା-୧:** ପିତା: ସଚ୍ଚିଦାନନ୍ଦ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, **ଠିକଣା-୨:** ପିତା: ସଚ୍ଚିଦାନନ୍ଦ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ | କ୍ୟାଶ୍ କ୍ରେଡିଟ୍ | ୨୬.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୬୮,୭୭,୯୧୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୦୧/୧୦୭୪, ବର୍ତ୍ତମାନର ଖାତା ନଂ.: ୩୭୫/୫୬, କ୍ଷେତ୍ର: ଏକର ୦.୨୮୦ ଡିସିମିଲି, ମୌଜା: ମଲ୍ଲିପୁର, ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, କିସମ: ପତିତ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର/ଦକ୍ଷିଣ/ପଶ୍ଚିମ: ସରକାରୀ ରାସ୍ତା, ପୂର୍ବ: ବିରଞ୍ଚି ନାରାୟଣ ମିଶ୍ର |
| **ପୁବାଶାସନ ଶାଖା /** **୧) ଋଣଗ୍ରହୀତା: ଶ୍ରୀ ତଥାଗତ ଭରଦ୍ୱାଜ,** ପିତା: ଆର୍ତ୍ତତ୍ରାଣ ଜେନା / **୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ୨(କ) ଶ୍ରୀ ଆର୍ତ୍ତତ୍ରାଣ ଜେନା,** ପିତା: ସ୍ୱ କୁଞ୍ଜ ବିହାରୀ ଜେନା, **୨(ଖ) ଶ୍ରୀ ମନ ଆନନ୍ଦ ସାଗର,** ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା, ସମସ୍ତଙ୍କ ଠିକଣା- ସା/ଗ୍ରାମ: କାକରୁଦ୍ରପୁର, ପୋ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୨ | ମିଆଦୀ ଋଣ | ୦୧.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୭,୬୨,୦୮୮.୩୫ | ପଞ୍ଜିକୃତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୦, ବର୍ତ୍ତମାନର ଖାତା ନଂ.: ୨୩, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ମୌଜା: କାକରୁଦ୍ରପୁର, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାରି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପଶ୍ଚିମ: ରାଜ କିଶୋର ଜେନା, ପୂର୍ବ: ବିମଳ ଚନ୍ଦ୍ର ଜେନା |
| **ଶ୍ରୀକ୍ଷେତ୍ର ଶାଖା /** **୧) ଋଣଗ୍ରହୀତା/ବନ୍ଧକଦାତା: ନିବେଦିତା ମିଶ୍ର,** ସ୍ୱାମୀ: ସ୍ୱ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟି, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ଥାନା: କୁମ୍ଭାରପଡା, ପୋ: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨ / **୨) କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସ୍ମିତା ମହାନ୍ତି,** ସ୍ୱାମୀ: ଅଶେଷ କୁମାର ମହାନ୍ତି, **ଠିକଣା-୧:** ସା: ସାଇ ନାରାୟଣ ବିଦ୍ୟାମନ୍ଦିର, ନବକଳେବର ରୋଡ, ଜିଲ୍ଲା: ପୁରୀ - ୭୫୨୦୦୨, **ଠିକଣା-୨:** ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ - ୭୫୩୦୧୦ | ୧. ଗୃହ ଋଣ ୨. ବନ୍ଧକ ଋଣ | ୨୯.୦୫.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୯,୪୮,୧୦୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର ୦.୦୨୯ ଡିସିମିଲି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, କିସମ: ଘରବାରୀ |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୦୬.୦୮.୨୦୨୫**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**


# ଶିକ୍ଷୟିତ୍ରୀଙ୍କ ଘରେ ଚାଲୁଛି ଅଙ୍ଗନବାଡ଼ି କେନ୍ଦ୍ର




ବେତନଟୀ, ୬।୮(ସମିସ): ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ଯୋଗାଣ ପାଇଁ ବିଶେଷ ଗୁରୁତ୍ୱ ଦେଉଥିବା ଦାବି କରୁଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ପଞ୍ଚାୟତର ଆଦିବାସୀ ସାହିରେ ଅଙ୍ଗନାବାଡି କେନ୍ଦ୍ର ନ ଥିବାରୁ ଶିଶୁ, ଗର୍ଭବତୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସାହିରେ ଥିବା କେନ୍ଦ୍ରଟି ଦୀର୍ଘବର୍ଷ ହେଲା ଜଣେ ଶିକ୍ଷୟିତ୍ରୀଙ୍କ ଘରେ ଚାଲୁଛି। ଗାଁରୁ ପ୍ରାୟ ୧ କିମି ଦୂରରେ ଚାଲୁଛି କେନ୍ଦ୍ର। ଫଳରେ ଶିଶୁ, ଗର୍ଭବତୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବାସିନ୍ଦା ଠାକୁରା ହାଁସଦାଙ୍କ ଅଭିଯୋଗ ଅନୁସାରେ, ସେ ଏହି ସମସ୍ୟା ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି; କିନ୍ତୁ ଫଳ ଶୂନ। ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ନ ଥିବାରୁ ଶିଶୁ ଓ ଗର୍ଭବତୀ ଏକ କିମି ଯିବାକୁ ବାଧ୍ୟ ହେଉଛନ୍ତି। ଗର୍ଭବତୀଙ୍କୁ ପୁଷ୍ଟିକର ଖାଦ୍ୟ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏକକିମି ଯିବା କଷ୍ଟକର ବୋଲି ଶ୍ରୀ ହାଁସଦା କ୍ଷୋଭ ପ୍ରକାଶ କରିଛନ୍ତି। ଏହା ସରକାରୀ ଯୋଜନାର ଉଦ୍ଦେଶ୍ୟକୁ ବିଫଳ କରୁଛି ଏବଂ ଆଦିବାସୀ ସମୁଦାୟର ସ୍ୱାସ୍ଥ୍ୟ ଓ ଶିକ୍ଷା ବିକାଶରେ ବାଧା ସୃଷ୍ଟି କରୁଛି। ସ୍ଥାନୀୟ ଲୋକେ ଗାଁ ମଧ୍ୟରେ ଏକ ସ୍ୱତନ୍ତ୍ର ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ କରିବା ପାଇଁ ଦାବି କରିଛନ୍ତି।

# ୧୧ ପୁରୁଣା ୱାରେଣ୍ଟି କୋର୍ଟ ଚାଲାଣ

ମୋରଡ଼ା, ୬।୮(ସମିସ): ମୋରଡ଼ା ଥାନା ଅଧିକାରୀ ସୁମିତ କୁମାର ସରେନ ମଙ୍ଗଳବାର ଓ ବୁଧବାର ବିଭିନ୍ନ ମାମଲାରେ ଜଡିତ ୧୧ ଜଣ ପୁରୁଣା ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଝିଙ୍କିରିଆର ଧୂମଲତା ବେହେରା, ଧାନଶୋଳର ଦିଲ୍ଲୀପ କୁମାର ମହାନ୍ତ ଓ ଅର୍ଣ୍ଣପୂର୍ଣ୍ଣା ମହାନ୍ତ, କୁଣ୍ଡେଇ ଗ୍ରାମର ବିମଳା ମହାନ୍ତ ଓ ହରେନ୍ଦ୍ର ମହାନ୍ତ, ଚିତ୍ରଡାର ଏମଡି ଜଲାଲ, ଗଣ୍ଡଗୁହାଳିର ଲକ୍ଷ୍ମଣ ଦାସ, ସୋମବାରୀ ମୁର୍ମୁ, ସମାଇଡିହିର ବିନୋଦ ଟୁଡୁ। ଏମାନେ ପୂର୍ବରୁ ମାମଲାରେ କୋର୍ଟକୁ ଅବମାନନା କରିଥିଲେ। ସେଥିପାଇଁ ଏହି ସମସ୍ତ ଅଭିଯୁକ୍ତଙ୍କ ନାଁରେ ଜାମିନବିହୀନ ୱାରେଣ୍ଟ ଜାରି କରାଯାଇଥିଲା।


# ସାପ କାମୁଡ଼ାରେ ବୃଦ୍ଧ ମୃତ

ଗୋରୁମହିଷାଣୀ, ୬।୮(ସମିସ): ଗୋରୁମହିଷାଣୀ ଥାନା ଅନ୍ତର୍ଗତ କେନ୍ଦୁମୁଣ୍ଡି ଗ୍ରାମର ଗୁମାଇ ମୁଣ୍ଡା (୬୦)ଙ୍କୁ ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ସୋମବାର ରାତିରେ ତଳେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ଚିତିସାପ ତାଙ୍କୁ କାମୁଡି ଦେଇଥିଲା। ପରେ ପରିବାର ଜାଣିବାରୁ ତାଙ୍କୁ ପ୍ରଥମେ ଗୋରୁମହିଷାଣୀ ଏବଂ ପରେ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ; ହେଲେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୁଲିସ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରିଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

କୁଆଁମରା, ୬।୮(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆଁମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କୁଆଁମରା ସାରସ୍ୱତ ଯୁକ୍ତ ଦୁଇ କଲେଜର ରାସାୟନ ବିଜ୍ଞାନ ଅଧ୍ୟାପକ ଗଜେନ୍ଦ୍ରନାଥ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରମୋହନ ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ଜଗଦୀଶ ମହାପାତ୍ର, ସାରସ୍ୱତ ଡିଗ୍ରୀ କଲେଜ୍ର ଅଧ୍ୟାପକ ଗୋପୀନାଥ ପଣ୍ଡା, ସାମ୍ବାଦିକ ଚିତ୍ତରଞ୍ଜନ ଦଳେଇ, ସମାଜସେବୀ ସଚିଦାନନ୍ଦ ଭୋଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଶାନ୍ତ କୁମାର ପରିଡ଼ା, ସମ୍ପାଦକ ମନମୋହନ ମହାପାତ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ମହାପାତ୍ର ଓ ସମ୍ପୃକ୍ତ ବିଦ୍ୟାଳୟର ଗୁରୁମା ଗୀତାଞ୍ଜଳି ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ବାଲବାଟିକା, ଶିଶୁ ବର୍ଗ, ବାଲ ବର୍ଗ ଓ ସ୍ୱତନ୍ତ୍ର ବର୍ଗରୁ ମୋଟ ୧୧୩ଟି ପ୍ରକଳ୍ପ ସ୍ଥାନ ପାଇଥିଲା। କୁଆଁମରା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗିରିଜା ଶଙ୍କର ପାତ୍ର, ମଧ୍ୟ ଇଂରାଜୀ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ନମିତା ଜେନା, କୁଆଁମରା ବାଳିକା ଉଚ୍ଚ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅତଶୀ ପଣ୍ଡା ପ୍ରକଳ୍ପର ମୂଲ୍ୟାୟନ କରିଥିଲେ।

# ଅଚିହ୍ନା ମହିଳାଙ୍କ ମୃତଦେହ ସଂରକ୍ଷିତ




ବାରିପଦା, ୬।୮(ସମିସ): ବାରିପଦା ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ପରିସରରୁ ଉଦ୍ଧାର ଅଚିହ୍ନା ମହିଳାଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କୁ ଷ୍ଟେସନ ବଜାର ଅଞ୍ଚଳରୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ବୟସ ୪୦ରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଏନେଇ ବାରିପଦା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଶବ ବ୍ୟବଚ୍ଛେଦ ପରେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ମୃତଦେହକୁ ଚିହ୍ନଟ ପାଇଁ ୪୮ ଘଣ୍ଟା ସଂରକ୍ଷିତ ରଖାଯାଇଛି। ପରିଚୟ ଜାଣିଥିବା ବ୍ୟକ୍ତି ହସ୍ପିଟାଲରେ ପୁଲିସ ଫାଣ୍ଡି ଅଧିକାରୀ ଗୋପାଳ ମାଝୀଙ୍କ ସହ ମୋବାଇଲ ନମ୍ବର ୯୯୩୭୪୩୫୨୩୬ ଯୋଗାଯୋଗ କରିବାକୁ କୁହାଯାଇଛି।

## ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ବଦଳି ଅନିୟମିତତାର ଫିଟୁଛି ଗୁମର

# ଶିକ୍ଷାଦାନ ବାଟବଣା; ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲା ଭଞ୍ଜସେନା

ବାରିପଦା, ୬।୮(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଅନୁସୂଚିତ ଜାତିଜନଜାତି ଉନ୍ନୟନ ବିଭାଗରେ ଶିକ୍ଷକ ବଦଳି ଅନିୟମିତତା ନେଇ ଗୁମର ଫିଟୁଥିବା ବେଳେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ପହଞ୍ଚିଲାଣି। ବଦଳି ନିୟମକୁ ବେଖାତିର କରି କମିଟି ମନୋମୁଖିଭାବେ ବାରମ୍ବାର ଏକକ ଓ ସାମୂହିକ ବଦଳି ତାଲିକା ପ୍ରକାଶ କରି ଚାଲିଥିବାରୁ ଜିଲ୍ଲାରେ ଉତ୍ତମ ଶିକ୍ଷାଦାନ ବାଟବଣା ହେଲାଣି। ଏ ନେଇ ନିର୍ବାଚିତ ଜନପ୍ରତିନିଧି ମୁହଁ ଖୋଲୁ ନଥିବା ବେଳେ ସେମାନଙ୍କ ନାମରେ ବଦଳି ସୁପାରିସ କର୍ତ୍ତୃପକ୍ଷଙ୍କୁ ଅନିୟମିତତା କରିବାରେ ସହାୟକ ହୋଇଛି ; ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅଧିକାରୀଙ୍କ ମାତ୍ରାଧିକ ବ୍ୟବସାୟ ନୀତିକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୁଇ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ କାର୍ଯ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ରେସନାଲାଇଜେସନ ନିୟମକୁ ଅଣଦେଖା କରାଯାଇ ମନମୁଖି ଭାବେ ସୁହାଇଲା ଭଳି ବଦଳି କରାଯାଇଛି। ଯାହାକୁ ନେଇ ଶିକ୍ଷକମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ବେଳେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଛନ୍ତି। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶରେ ଗୋଡିପୋଖରୀ ଆଶ୍ରମ ବିଦ୍ୟାଳୟର ଶିକ୍ଷୟିତ୍ରୀ ଚିନ୍ମୟୀ ଜେନାଙ୍କୁ ଜୁନ ୧୩ ତାରିଖରେ ଟିକାୟତପୁରକୁ ବଦଳି କରାଯାଇଥିଲା। ମାସେ ନ ପୁରୁଣୁ ପୁଣି ଜୁଲାଇ ୯ ତାରିଖରେ ଉଦଳା ବ୍ଲକ ଶାଳଖୁଣ୍ଟା ହାଇସ୍କୁଲକୁ ବଦଳି କରାଯାଇଥିଲା। ତେଣୁ ସେ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ରାସଗୋବିନ୍ଦପୁର ବ୍ଲକ ହାଟସାହି ଆଶ୍ରମ ବିଦ୍ୟାଳୟର ଶିକ୍ଷକ ରଞ୍ଜନ କୁମାର ପ୍ରଧାନଙ୍କୁ ଜୁନ ୧୩ରେ ପିଭିଟିଜି ଲୋଧା ଆଶ୍ରମ ବିଦ୍ୟାଳୟ ଏବଂ ପୁଣି ଜୁଲାଇ ୯ରେ ବାଙ୍କିଶୋଳ ଆଶ୍ରମ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ କୁଳିଅଣା ବ୍ଲକ ଅସନଯୋଡା କନ୍ୟାଶ୍ରମ ବିଦ୍ୟାଳୟରେ ଦୁଇ ଜଣ ଶିକ୍ଷକ ଦୀର୍ଘ ୧୫ ବର୍ଷ ଧରି ଅବସ୍ଥାପିତ ଥିବାବେଳେ ସେମାନଙ୍କ ପ୍ରତି କୌଣସି ବଦଳି ନିୟମ ଲାଗୁ ହୋଇପାରୁନାହିଁ। ସେହି ସ୍କୁଲର ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ମୌସୁମୀ ଜେନାଙ୍କର ପାତିହିଞ୍ଜା ଆଶ୍ରମ ସ୍କୁଲକୁ ୨୦୨୩ ଅକ୍ଟୋବରରେ ବଦଳି ହୋଇଥିଲେ ମଧ୍ୟ ଏ ଯାଏ ତାଙ୍କୁ ରିଲିଭ କରାଯାଇନାହିଁ। ବଦଳି ସମୟରେ ଉଚ୍ଚ ବିଦ୍ୟାଳୟର ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଭାବେ ବଦଳି କରାଯାଉଥିବାରୁ ଖାଲି ପଡୁଥିବା ପଦବୀ ସ୍କୁଲରେ ବିଷୟ ଭିତ୍ତିକ ଶିକ୍ଷାଦାନ ପାଇବାରେ ୯ମ ଓ ଦଶମ ଶ୍ରେଣୀ ପିଲା ବଞ୍ଚିତ ହେଉଛନ୍ତି। ପାଠପଢ଼ାକୁ ଗୁରୁତ୍ୱ ଦିଆନଯାଇ ବଦଳି ଅନିୟମିତତାରେ ବାରିପଦା ନିକଟବର୍ତ୍ତୀ ସ୍କୁଲରେ ହାଉଜାଉ ଶିକ୍ଷକ ଓ ରାଇରଙ୍ଗପୁର ଏବଂ କରଞ୍ଜିଆ ଉପଖଣ୍ଡରେ ଶିକ୍ଷକ ମରୁଡ଼ି ଚିନ୍ତାଜନକ ହୋଇଛି। ଫଳରେ ଜିଲ୍ଲାର ଆଦିବାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ତେବେ ଜିଲ୍ଲାପାଳ ହେମକାନ୍ତ ସଏ ବଦଳି ଆଦେଶର ତଦନ୍ତ କରାଯିବ ବୋଲି କହିଛନ୍ତି।

# ସମ୍ପାଦକୀୟ



ସୂର୍ଯ୍ୟ ଓ ସତ୍ୟକୁ ଅଧିକ ଦିନ ପର୍ଯ୍ୟନ୍ତ ଲୁଚାଇ ରଖିହେବ ନାହିଁ।
-ଗୌତମ ବୁଦ୍ଧ

ସକାଳ
THE SAKALA

## ଟ୍ରମ୍ପଙ୍କୁ ଜବାବ

ମଧ୍ୟପ୍ରାଚ୍ୟ ଓ ପୂର୍ବ ୟୁରୋପରେ ସଂଘଟିତ ଦୁଇଟି ଯୁଦ୍ଧକ୍ଷେତ୍ରର ଘଟଣାକ୍ରମକୁ ଅନୁଧ୍ୟାନ କଲେ ୟୁକ୍ରେନ ଅପେକ୍ଷା ଗାଜାପଟିର ପରିସ୍ଥିତି ଅଧିକ ଶୋଚନୀୟ। ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଅମାନବୀୟ ଓ ଅସମ୍ବେଦନଶୀଳ ମନୋଭାବରୁ ନିରୀହ ଶିଶୁ ଓ ମହିଳା ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। ଜାତିସଂଘର ରିଲିଫ ପହଞ୍ଚିବାକୁ ଦିଆଯାଉନି। ବଦଳରେ କ୍ଷୁଧାତୁରଙ୍କ ନିପୀଡ଼ନ ଓ ନିର୍ଯ୍ୟାତନା ସୀମାଲଂଘନ କରୁଥିଲେ ମଧ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସେମାନଙ୍କ ପ୍ରତି ସାମାନ୍ୟତମ ସମ୍ବେଦନଶୀଳତା ଥିଲା ଭଳି ମନେ ହେଉନି। ନେତାନ୍ୟାହୁଙ୍କ ପ୍ରତି ତାଙ୍କର ଦୁର୍ବଳତା କାହିଁକି? ଅନ୍ୟପକ୍ଷରେ ୟୁକ୍ରେନ୍‌ରେ ନିଜ ଶକ୍ତି ଓ ସାମାର୍ଥ୍ୟର ପରୋକ୍ଷ ପରାଜୟକୁ ରୋକିବା ସକାଶେ ରୁଷ ଉପରେ ତାଙ୍କର ଚାପ ପ୍ରଭାବଶୂନ୍ୟ ହୋଇଥିବାରୁ ସେ ଏବେ ନାନା ଅବାସ୍ତବ କଥା କହିବା ଆରମ୍ଭ କରିଛନ୍ତି। ତେଣୁ କଥା କଥାରେ ଭାରତକୁ ନାଲିଆଖି। ଗତ ୩୦ ତାରିଖରେ ଭାରତୀୟ ଉତ୍ପାଦ ଉପରେ ୨୫% ଶୁଳ୍କ ଲାଗୁ କରିଥିବା ଟ୍ରମ୍ପ ସପ୍ତାହ ପରେ ୫୦%କୁ ବୃଦ୍ଧି କରିଛନ୍ତି। ଟ୍ରମ୍ପଙ୍କ ଦୃଷ୍ଟିରେ ରୁଷିଆରୁ ତେଲ କିଣିବା ହେଉଛି ଭାରତର ଅପରାଧ। ନୋବେଲ ଶାନ୍ତି ପୁରସ୍କାର ପାଇଁ ଆଶାୟୀ ଟ୍ରମ୍ପଙ୍କ ମନେରଖିବା ଉଚିତ ଯେ କେବଳ ରୁଷିଆ ନୁହେଁ, ଇସ୍ରାଏଲ ମଧ୍ୟ ନରସଂହାର ଓ ଯୁଦ୍ଧ ବିଭୀଷିକା ପାଇଁ ଅନୁରୂପ ଭାବେ ଦାୟୀ। ଏଠାରେ ମନେ ରଖିବାକୁ ହେବ ଯେ ବାଣିଜ୍ୟ ଶୁଳ୍କ ଆଳରେ ଭାରତର ସବୁ ନିଷ୍ପତ୍ତିକୁ ଦଳିଚକଟି ଦିଆଯାଇ ପାରିବ ନାହିଁ। ବହୁତ ହୋଇଗଲା, ଆଉ ନୁହେଁ। ରୁଷ ସହ ବାଣିଜ୍ୟିକ ସଂପର୍କ ନେଇ ଭାରତ ମଧ୍ୟ ରୋକଠୋକ ଶୁଣାଇଛି ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘକୁ।

ସମୟର ଆବଶ୍ୟକତାକୁ ଚାହିଁ ରାଷ୍ଟ୍ରୀୟ ସ୍ୱାର୍ଥରକ୍ଷା ଓ ଜନସମୁଦାୟଙ୍କ ଚାହିଦା ପୂରଣକୁ ଦୃଷ୍ଟିରେ ରଖି ରୁଷରୁ ତୈଳ ସଂଗ୍ରହ ଭାରତର ଏକ ଯଥାର୍ଥ ନିଷ୍ପତ୍ତି। ପାରମ୍ପରିକ ତୈଳ ଯୋଗାଣ ୟୁରୋପ ଅଭିମୁଖୀ ହୋଇଯିବା ପରେ ରୁଷରୁ ତୈଳ ସଂଗ୍ରହ ସକାଶେ ଆମେରିକା ପ୍ରୋତ୍ସାହିତ କରିଥିଲା। ସେହି ବ୍ୟବସ୍ଥା ଏବେ ମଧ୍ୟ ବଳବତ୍ତର ରହିଛି। ଯୋଗାଣ ଓ ସଂଗ୍ରହ କ୍ଷେତ୍ରରେ ଅନୁସୃତ ନୀତି ନିୟମ ହଠାତ୍ କାହା କଥାରେ ପରିବର୍ତ୍ତନ କରି ହୁଏନି। ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହୋଇଯିବା ପରେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ର ସଂଘ ପୁଣି ଓଲଟି ପଡ଼ି ଭାରତ ଉପରେ ଚାପ ପ୍ରୟୋଗ କରିବାର କୌଣସି ଯଥାର୍ଥତା ନାହିଁ। ନିଜର ସ୍ୱାର୍ଥରକ୍ଷା ପାଇଁ ଏପ୍ରକାର ଦୋ ମୁହାଁ ନୀତିକୁ ଭାରତ ରୋକ୍‌ଠୋକ୍ ପ୍ରତ୍ୟାଖ୍ୟାନ କରିଛି। ୧୪୦ କୋଟି ଦେଶବାସୀଙ୍କ ଇନ୍ଧନ ଆବଶ୍ୟକତା ପୂରଣ ସହ ରାଷ୍ଟ୍ରର ଅର୍ଥନୈତିକ ସ୍ୱାର୍ଥ ସଂଶ୍ଳିଷ୍ଟ ଥିବାରୁ ଘଡ଼ିକେ ଘୋଡ଼ା ଛୁଟିଲା ଭଳି ନିଷ୍ପତ୍ତି ପରିବର୍ତ୍ତନକୁ ମାନିନେବା ଏତେ ସହଜ ନୁହେଁ। ଏଠାରେ ଉଲ୍ଲେଖ କରାଯାଇପାରେ କି ଇରାନ ଓ ଆଜରବୈଜାନ୍ ଉପରେ ପ୍ରତିବନ୍ଧକ ଲାଗାଯାଇ ଥିବାରୁ ସେଠାରୁ ତୈଳ ସଂଗ୍ରହକୁ ଭାରତ ବନ୍ଦ ରଖିଛି।

ରୁଷ ସହ ବାଣିଜ୍ୟିକ ସଂପର୍କ ଆମେରିକା ସମେତ ସମଗ୍ର ୟୁରୋପ ରଖିଥିବା ବେଳେ ଭାରତ ପ୍ରତି ଏପ୍ରକାର ଏକତରଫା ଚାପ କାହିଁକି? ରୁଷରୁ ତୈଳ ସଂଗ୍ରହ କଲେ ଭାରତ କ୍ଷତିଗ୍ରସ୍ତ ହେବ ଏକଥା ସତ। ତୁଳନାତ୍ମକ ଭାବେ ଅନ୍ୟ ରାଷ୍ଟ୍ରରେ ବାଣିଜ୍ୟ କାରବାର ଅବ୍ୟାହତ ରହିଥିବା ବେଳେ ଭାରତ ନିଷ୍ପତ୍ତି ବଦଳାଇ ଦେଲେ ରୁଷର ଅର୍ଥନୀତି ଭୁଶୁଡ଼ି ପଡ଼ିବାର ସମ୍ଭାବନା ଊଣା। ଆମେରିକା ନିଜର ଆବଶ୍ୟକତା ପୂରଣ ପାଇଁ ୟୁରାନିୟମ,ହେକ୍ସାଫ୍ଲୋରାଇଡ୍, ପାଲାଡିୟମ, ସାର ଓ ରାସାୟନିକ ଦ୍ରବ୍ୟ ରୁଷରୁ ଆମଦାନୀ କରୁଛି। ୟୁରୋପୀୟ ରାଷ୍ଟ୍ର ସଂଘର ଦୋମୁହାଁ ନୀତି ସଂପର୍କରେ ଭାରତ ଉଲ୍ଲେଖ କରି ଦର୍ଶାଇଛି ଯେ ୨୦୨୪ ରେ ରୁଷ ସହ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ଥିଲା ୬୭.୫ ବିଲିୟନ ୟୁରୋ, ଅଥଚ ତା' ପୂର୍ବବର୍ଷର ପରିମାଣ ୧୭.୨ ବିଲିୟନରେ ସୀମିତ ଥିଲା। କ୍ରମାଗତ ଭାବେ ରାଷ୍ଟ୍ରସଂଘର ବାଣିଜ୍ୟ କାରବାର ବଢ଼ି ଚାଲିଥିବା ବେଳେ ଭାରତ ଉପରେ ଚାପ ପ୍ରୟୋଗ କରିବାର କୌଣସି ଯଥାର୍ଥତା ନାହିଁ। ରୁଷ ସହ ଭାରତର ମୋଟ ବାଣିଜ୍ୟଠାରୁ ସେମାନଙ୍କ ବେପାର ଯଥେଷ୍ଟ ଅଧିକ। ସେହିଭଳି ୟୁରୋପ ରାଷ୍ଟ୍ର ସମୂହ ୨୦୨୪ରେ ରୁଷରୁ ରେକର୍ଡ ପରିମାଣର ଅର୍ଥାତ୍ ୧୬.୫ ନିୟୁତ ଟନ ଏଲ୍‌ଏନ୍‌ଜି ସଂଗ୍ରହ କରିଛି। ରୁଷ-ୟୁକ୍ରେନ ଯୁଦ୍ଧ ତ ଏବର କଥା ନୁହେଁ। ତେବେ ଯେଉଁମାନେ ଭାରତ ଉପରେ ଚାପ ପକାଉଛନ୍ତି ସେମାନେ ନିଜ ଆବଶ୍ୟକତା ପୂରଣ ପାଇଁ କିଛି ବିକଳ୍ପ ବ୍ୟବସ୍ଥା କରିଛନ୍ତି ତ? ଆମ ଓଡ଼ିଆରେ ଗୋଟିଏ ଢଗ ଅଛି କହି ଦେଉଥାଏ ପରକୁ ବୁଦ୍ଧି ନ ଦିଶଇ ଘରକୁ।

ଟ୍ରମ୍ପ ଧମକ ଦେଇ କହିଥିଲେ ଯେ ଭାରତ କେବଳ ନିଜର ଘରୋଇ ଆବଶ୍ୟକତା ପୂରଣ ପାଇଁ ରୁଷରୁ ତୈଳ ସଂଗ୍ରହ କରୁନି ଏଥିରୁ ବିପୁଳ ଲାଭ ମଧ୍ୟ ଉଠାଉଛି। ରୁଷର ଯୁଦ୍ଧାସ୍ତ୍ରରେ କେତେ ୟୁକ୍ରେନବାସୀଙ୍କ ମୃତ୍ୟୁ ଘଟୁଥିଲେ ମଧ୍ୟ ସେଥିପ୍ରତି ଭାରତର ଖାତିରି ନାହିଁ। ତେଣୁ ଭାରତର ରପ୍ତାନି ସାମଗ୍ରୀ ଉପରେ ସେ ଅତିରିକ୍ତ ଶୁଳ୍କ ଲାଗୁ କରିବେ। ଏକଥା ଉଲ୍ଲେଖ କଲାବେଳେ ଗାଜାପଟିରେ ଚାଲିଥିବା ନରସଂହାର ତାଙ୍କୁ କିଭଳି ବ୍ୟଥିତ କରୁନି ବୋଲି ଯଦି କେହି ପ୍ରଶ୍ନ କରେ ତାହା ନିଶ୍ଚୟ ଅବାନ୍ତର ହେବ ନାହିଁ। ଆମେରିକାରେ ଇହୁଦୀ ଲବିର ଅଖଣ୍ଡ ପ୍ରଭାବ, ସର୍ବୋପରି ମୋସାଡ୍ ମାଧ୍ୟମରେ ସଂଗୃହୀତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଟ୍ରମ୍ପଙ୍କୁ ମଧ୍ୟ ଆତଙ୍କିତ କରିରଖିଛି। ସେହିଭଳି ମଧ୍ୟପ୍ରାଚ୍ୟର ତୈଳ ବାଣିଜ୍ୟ ଉପରେ ନିୟନ୍ତ୍ରଣ ଜାହିର କରିବା ୟୁରୋପର ଧନଶାଳୀ ରାଷ୍ଟ୍ରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଉଦ୍ଦେଶ୍ୟମୂଳକ ଭାବେ ଇସ୍ରାଏଲର ପ୍ରାଧାନ୍ୟକୁ ପ୍ରୋତ୍ସାହିତ କରାଯାଉଛି।

ଏଠାରେ ମନେ ରଖିବାକୁ ହେବ ଯେ ବିଶ୍ୱ ବ୍ୟବସ୍ଥାରେ ଏକାଧିପାତ୍ୟରେ ଯୁଗ ଶେଷ ହୋଇ ଆସୁଛି। ଟ୍ରମ୍ପଙ୍କ ଭୁଲ ଗୋଟିଚାଳନା ଏହି ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିଛି। ଆନ୍ତର୍ଜାତିକ ସଂପର୍କ କ୍ଷେତ୍ରରେ ଏକାଧିକ କ୍ଷମତା ନିଜ ଶକ୍ତି ଓ ସାମର୍ଥ୍ୟ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଆଗେଇ ଆସୁଛନ୍ତି। ସେମାନଙ୍କୁ ନାଲି ଆଖି ଦେଖାଇ ସବୁଦିନ ଯେ ଜବତ କରିହେବ ଏକଥା ନୁହେଁ। ଭୂ-ରାଜନୈତିକ ଆବଶ୍ୟକତାକୁ ଚାହିଁ ମୁଣ୍ଡ ଟେକୁଥିବା ଫୋରମ କ୍ରମାଗତ ଭାବେ ଶକ୍ତି ବୃଦ୍ଧି କରିଚାଲିଛନ୍ତି। ସେ ଦୃଷ୍ଟିରୁ ଟ୍ରମ୍ପଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିମଧ୍ୟରେ କାନାଡ଼ା ଓ ଅନ୍ୟ କେତେକ ଆଫ୍ରିକୀୟ ରାଷ୍ଟ୍ର ଏହି ଫୋରମ ସହ ଯୋଗାଯୋଗରେ ଅଛନ୍ତି। ଯେତେଦୂର ମନେ ହୁଏ ଟ୍ରମ୍ପଙ୍କ ଉଠାପକା କୁଟନୀତି 'ବ୍ରିକ୍ସ'ର କାୟାବିସ୍ତାର କରିବାରେ ସହାୟକ ହେବ।

# ଆଧୁନିକତାର ଚକ୍ରବ୍ୟୂହରେ ବୈବାହିକ ଜୀବନ

**ଡ.ବିମଳ ଷଡ଼ଙ୍ଗୀ**

ନିକଟରେ ଭୁବନେଶ୍ୱରର ଜଣେ ଉଚ୍ଚଶିକ୍ଷିତା କର୍ମଜୀବୀ ମହିଳା ତାଙ୍କ ପତିଙ୍କ ବିରୁଦ୍ଧରେ ବିବାହ ପରର ଉତ୍ତରଦାୟିତ୍ୱରେ ଅବହେଳା ଓ ନିର୍ଯ୍ୟାତନା ଅଭିଯୋଗ ଆଣିଛନ୍ତି। ସେହିପରି ତାଙ୍କ ଉଚ୍ଚଶିକ୍ଷିତ ସରକାରୀ ଅଧିକାରୀ ପତି ମଧ୍ୟ ପାଲଟା ପତ୍ନୀଙ୍କ ଉପରେ ମାନସିକ ଚାପ ଓ ନିର୍ଯ୍ୟାତନାର ଅଭିଯୋଗ ଆଣିଛନ୍ତି, ଯାହା ଏବେ ବିଚାରାଧୀନ ଅଛି। ଗତବର୍ଷ ଡିସେମ୍ବର ମାସରେ ବେଙ୍ଗାଲୁରୁର ଯନ୍ତ୍ରୀ ଅତୁଲ ସୁଭାଷ ପତ୍ନୀଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ଆତ୍ମହତ୍ୟା କରିଥିଲେ। ସେହିପରି ପତ୍ନୀ ନିର୍ଯ୍ୟାତନାରେ ଓଡ଼ିଶାର ଜଣେ ଯୁବ ବନ ଅଧିକାରୀଙ୍କ ମୃତ୍ୟୁ ଘଟଣା ଏବେ ବି ରହସ୍ୟ ଘେରରେ। ତେବେ ଏପରି ଅନେକ ଦୁଃଖଦ ଘଟଣା ପ୍ରତିଦିନ ଆମେ ବିଭିନ୍ନ ଗଣମାଧ୍ୟମରୁ ଜାଣୁଛନ୍ତି। ୨୦୨୫, ଜାନୁଆରୀ ମାସରେ ଓଡ଼ିଶାର ପରିବାର ଅଦାଲତଗୁଡ଼ିକରେ ଦୈନିକ ହାରାହାରି ୮୭ଟି ହିସାବରେ ମୋଟ ୨୭୦୭ଟି ନୂତନ ଛାଡ଼ପତ୍ର ଆବେଦନ ଦାଖଲ ହୋଇଥିଲା। ଓଡ଼ିଶା ସରକାର ଯୁବଦମ୍ପତିଙ୍କ ମଧ୍ୟରେ ଛାଡ଼ପତ୍ର ଧାରା ବୃଦ୍ଧିକୁ ରୋକିବା ପାଇଁ ୨୦୨୫ ମସିହାକୁ 'ଛାଡ଼ପତ୍ର ନିବାରଣ ବର୍ଷ' ଭାବରେ ଘୋଷଣା କରି ରାଜ୍ୟବ୍ୟାପୀ ବିବାହ ପୂର୍ବ ପରାମର୍ଶ ପାଇଁ 'ମାତୃ ଅଦାଲତ କେନ୍ଦ୍ର' ସ୍ଥାପନା କରିଛନ୍ତି।ଏହାପଛରେ ଥିବା କେତେକ ବ୍ୟବସ୍ଥାଗତ ତ୍ରୁଟି ଉପରେ ଆମେ ଦୃଷ୍ଟିପାତ କରିବା।

ଭାରତୀୟ ସଂସ୍କୃତିରେ ସ୍ୱାମୀମାନେ ଇଚ୍ଛା କରନ୍ତି ଯେ ବିବାହ ପରେ ସ୍ତ୍ରୀମାନେ ସେମାନଙ୍କ ପରିବାର ସଦସ୍ୟଙ୍କ ସହିତ ମିଶି ରହିବେ। ମାତ୍ର ଆଜିକାଲିର ସ୍ତ୍ରୀମାନେ ଚାହାନ୍ତି ସ୍ୱାମୀଙ୍କ ଉପରେ କେବଳ ସେମାନଙ୍କର ଅଧିକାର। ସ୍ୱାମୀଙ୍କ ପିତା, ମାତା, ଭାଇ ବା ଭଉଣୀଙ୍କ ସହିତ ସମ୍ପର୍କ ଛିନ୍ନ କରି ସୁଖଦ ଜୀବନଯାପନ ସେମାନଙ୍କର ପ୍ରଥମ ଲକ୍ଷ୍ୟ ଥାଏ।ଏପରି ସ୍ଥଳେ ଯଦି କାହାର ହସ୍ତକ୍ଷେପ ହୁଏ ତେବେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ସମସ୍ୟା ଉପୁଜିଥାଏ। ଆପୋସ ସମାଧାନ କରିବା ପରିବର୍ତ୍ତେ ସେମାନେ ନିଜ ନିଜର ମାତାପିତା, ବନ୍ଧୁ କିମ୍ବା ଆଇନର ସହାୟତା ନେଇ ନିଜର ବୈବାହିକ ଜୀବନକୁ ଶେଷ କରନ୍ତି। ଯେଉଁଠାରେ ସ୍ୱାମୀଟି ସ୍ତ୍ରୀର କଥା ମାନି ନିଜର ପିତାମାତାଙ୍କୁ ହତାଦର କରେ, ସେଠାରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଭଲ ସମ୍ପର୍କ ରହିଥାଏ। ସେହିପରି ଯେଉଁଠି ଗୋଟିଏ ଝିଅ କିମ୍ବା ଦୁଇଟି ଝିଅ ଥା'ନ୍ତି, ସେଠାରେ ଝିଅଙ୍କ ଇଚ୍ଛା ଥାଏ ବିବାହପରେ ସେମାନଙ୍କ ସ୍ୱାମୀ ନିଜର ପିତାମାତାଙ୍କ ଭବିଷ୍ୟତ ଦାୟିତ୍ୱ ନିଅନ୍ତୁ। ଯେଉଁଠି ଏହାର ବିରୋଧ ହୁଏ ସେଠାରେ ବିବାହ ବିଚ୍ଛେଦ ଘଟେ।

ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ମଧୁର ସମ୍ପର୍କ ଗଭୀର ପରିପୂର୍ଣ୍ଣତାର ଏକ ଉତ୍ସ ବୋଲି ଧରାଯାଏ, ଯାହାକୁ ସମସ୍ତେ ନିଜର ଭାଗ୍ୟ ବୋଲି ଅଭିହିତ କରନ୍ତି। ମାତ୍ର ସମସ୍ତଙ୍କୁ ମାନିବାକୁ ହେବ ଯେ ପରସ୍ପର ପ୍ରତି ସମ୍ମାନ, ସଂବେଦନଶୀଳତା ଓ ଗଭୀର ଚେଷ୍ଟା ଦ୍ୱାରା ସୁସ୍ଥ, ପ୍ରେମପୂର୍ଣ୍ଣ ଘନିଷ୍ଠ ସମ୍ପର୍କ ସୃଷ୍ଟି ହୁଏ। ଗବେଷକଙ୍କ ମତରେ ଯୁବକଯୁବତୀମାନେ ସେମାନଙ୍କର ପ୍ରାରମ୍ଭିକ ବୟସରେ ପରିପକ୍ୱତାର ଅଭାବରୁ ସାମାଜିକ, ଶାରୀରିକ କିମ୍ବା ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଅନେକ ପରିବର୍ତ୍ତନ ଦେଇ ଗତି କରନ୍ତି। ଫିନଲେଙ୍କ ମତରେ ପରିପକ୍ୱତାର ସଂଜ୍ଞା ହେଉଛି 'ମନର ଅନିଶ୍ଚିତତା, ପରିସ୍ଥିତି କିମ୍ବା ପରିବେଶକୁ ଉପଯୁକ୍ତ ଢଙ୍ଗରେ ସହ୍ୟ କରିବାର କ୍ଷମତା'। ସେହିପରି ମେନିଞ୍ଜରଙ୍କ ମତରେ ଭାବପ୍ରବଣତାର ପରିପକ୍ୱତା ହେଉଛି, 'ବାସ୍ତବତା ସହିତ ଗଠନାତ୍ମକ ଭାବରେ ମୁକାବିଲା କରିବାର କ୍ଷମତା'।

ସରଳରେ ଭାବପ୍ରବଣ ପରିପକ୍ୱତା ହେଉଛି ପରିସ୍ଥିତିଗୁଡ଼ିକୁ ଅଯଥା ଅତିରଞ୍ଜିତ ନକରି ସେଗୁଡ଼ିକର ସହଜ ଉପାୟରେ ସମାଧାନ କରିବାର କ୍ଷମତା ବୃଦ୍ଧି କରିବା। ଭାବପ୍ରବଣ ପରିପକ୍ୱତା ନ ଥିବା ବ୍ୟକ୍ତିମାନେ ସାଧାରଣତଃ ସେମାନଙ୍କର କାର୍ଯ୍ୟ ପାଇଁ ଉତ୍ତରଦାୟୀ ହୁଅନ୍ତି ନାହିଁ ଏବଂ ନିଜକୁ ଆତ୍ମନିରୀକ୍ଷଣ କରିବାରେ ଅଭାବ ଯୋଗୁଁ ସେମାନଙ୍କର କ୍ରୋଧ, ଦୁଃଖ କିମ୍ବା ଯେକୌଣସି କଷ୍ଟକର ପରିସ୍ଥିତି ପାଇଁ ଅନ୍ୟମାନଙ୍କୁ ଦୋଷ ଦିଅନ୍ତି। ଏହି ଲୋକମାନଙ୍କର ମୌଳିକ ସମସ୍ୟା ହେଉଛି ଯେ ସେମାନେ ସର୍ବଦା ଚାହାନ୍ତି ଯେ ଅନ୍ୟମାନେ ସେମାନଙ୍କର ଦୃଷ୍ଟିକୋଣକୁ ବୁଝନ୍ତୁ ଏବଂ ସେମାନେ ସମସ୍ତଙ୍କ ଚିନ୍ତାଧାରାକୁ ନିୟନ୍ତ୍ରଣ କରିବେ। ସେମାନଙ୍କର ଦୃଷ୍ଟିକୋଣକୁ ସର୍ବଦା ଯଥାର୍ଥ ବୋଲି ଭାବି ଅନ୍ୟମାନଙ୍କୁ ଖରାପ ବ୍ୟବହାର କରନ୍ତି, ଯାହା ଆଜିର ଯୁବପିଢ଼ିର ପ୍ରକୃତ ରୂପ। ଅନେକ ନିଜର ସାମାଜିକ କର୍ତ୍ତବ୍ୟ, ଭାବପ୍ରବଣତାର ପରିଚାଳନା, ସମ୍ବେଦନଶୀଳତା ଇତ୍ୟାଦିକୁ ସହଜରେ ଜାଣି ନ ଥା'ନ୍ତି, ଯାହା ସେମାନଙ୍କ ପରବର୍ତ୍ତୀ ବୈବାହିକ ଜୀବନକୁ ବ୍ୟଥିତ କରିବା ସହିତ ବିବାହ ପରର ଚାପକୁ ସହଜରେ ସମ୍ମୁଖୀନ ହୋଇପାରି ନଥା'ନ୍ତି।

ଯୁବ ପିଢ଼ି ବ୍ୟକ୍ତିଗତ ଖୁସି ଏବଂ ସ୍ୱାୟତ୍ତତାକୁ କ୍ରମଶଃ ମୂଲ୍ୟବାନ ମନେକରନ୍ତି। ତ'ଦ୍ୱାରା ଯେତେବେଳେ ଦମ୍ପତିମାନେ ଅନୁଭବ କରନ୍ତି ଯେ ସେମାନଙ୍କର ଆବଶ୍ୟକତା ପୂରଣ ହେଉନାହିଁ ସେତେବେଳେ ଅସନ୍ତୁଷ୍ଟ ହୋଇ ଛାଡ଼ପତ୍ର ପାଇଁ ଅଧିକ ଇଚ୍ଛୁକ ହୋଇପଡ଼ନ୍ତି। ଲିଙ୍ଗଗତ ସମାନତା ମହିଳାଙ୍କ ପାଇଁ ଶିକ୍ଷା, ସ୍ୱାଧୀନତା ଓ ସଶକ୍ତୀକରଣ ବୃଦ୍ଧି କରିଥାଏ। ଛାଡ଼ପତ୍ର ପଛର ଏହା ମଧ୍ୟ ଏକ କାରଣ। ଯେଉଁଠାରେ ଉଭୟ ପତିପତ୍ନୀ ସେମାନଙ୍କ ଦାବି ଓ ନିଷ୍ପତ୍ତି ଗ୍ରହଣ ପରସ୍ପର ମଧ୍ୟରେ ବାଣ୍ଟି ନିଅନ୍ତି ସେତେବେଳେ ସେମାନଙ୍କ ଜୀବନ ସୁଖମୟ ହୁଏ। ଯେତେବେଳେ ଏହି ସହଭାଗିତା ସାକାର ହୁଏ ନାହିଁ ଅଥବା ବୁଝାମଣାର ଅଭାବ ଥାଏ ତାହା ଅସନ୍ତୋଷ ଓ ଛାଡ଼ପତ୍ରକୁ ଉତ୍ସାହିତ କରେ।

ପରିବର୍ତ୍ତନଶୀଳ ସାମାଜିକ ନିୟମାବଳୀ ଆଜିର ଯୁବପିଢ଼ିଙ୍କୁ ସେମାନଙ୍କର ଜୀବନସାଥୀ ବାଛିବାରେ ଅଧିକ ସ୍ୱାଧୀନତା ଦେଇଛି। ପ୍ରେମ ଓ ବ୍ୟକ୍ତିଗତ ସମ୍ପର୍କ ଉପରେ ଆଧାରିତ ବିବାହ ଆଜି ପାରମ୍ପରିକ ବିବାହ ଅପେକ୍ଷା ଅଧିକ ପ୍ରଚଳିତ। ଯଦିଓ ଏହା ବିବାହକୁ ସୁଖମୟ କରିପାରେ, ଭାବପ୍ରବଣତା ଓ ସଂବେଦନଶୀଳତା ପାଇଁ ଅଧିକ ଆଶା କରିପାରେ। ଯେତେବେଳେ ଦମ୍ପତିମାନେ ଅନୁଭବ କରନ୍ତି ଯେ ଏହି ଆଶା ପୂରଣ ହେଉନାହିଁ ସେତେବେଳେ ସେମାନେ ଛାଡ଼ପତ୍ର ବିଷୟରେ ବିଚାର କରିବାର ସମ୍ଭାବନାକୁ ପ୍ରାଥମିକତା ଦେଇଥା'ନ୍ତି। କିଛି ଦମ୍ପତି ବିବାହକୁ ଜୀବନସାରା ଅତୁଟ ବନ୍ଧନ ପରିବର୍ତ୍ତେ ଏକ ଅସ୍ଥାୟୀ ଓ ନମନୀୟ ପ୍ରତିଶ୍ରୁତିବଦ୍ଧତା ଭାବରେ ଦେଖନ୍ତି। ଏହି ଧାରଣା ବ୍ୟକ୍ତିବିଶେଷଙ୍କ ପାଇଁ ବିବାହ ସହିତ ସୃଷ୍ଟ ଆହ୍ୱାନର ସମ୍ମୁଖୀନ ହେବା ସମୟରେ ଛାଡ଼ପତ୍ରକୁ ଆଦରି ନିଅନ୍ତି। ସହରାଞ୍ଚଳରେ ପ୍ରାୟତଃ ଗଣମାଧ୍ୟମ, ଶିକ୍ଷା ଏବଂ ବିଭିନ୍ନ ସମ୍ପ୍ରଦାୟ ସହିତ ଆଲୋଚନା ମାଧ୍ୟମରେ ପାଶ୍ଚାତ୍ୟ ଜୀବନଶୈଳୀ ଏବଂ ମୂଲ୍ୟବୋଧ ପ୍ରତି ଅଧିକ ଆକର୍ଷଣ ହେତୁ ଛାଡ଼ପତ୍ରକୁ ଅଧିକ ଗ୍ରହଣଯୋଗ୍ୟ ବିକଳ୍ପ ଭାବରେ ଦେଖାଯାଏ। ମାତ୍ର ଗ୍ରାମାଞ୍ଚଳରେ ଛାଡ଼ପତ୍ର ଏବେ ବି ଗୁରୁତ୍ୱପୂର୍ଣ୍ଣ କଳଙ୍କ ଭାବରେ ଗଣାଯାଏ। ଶିକ୍ଷିତ ବ୍ୟକ୍ତିମାନେ ଏକ ଦୁଃଖୀ ବିବାହ ବନ୍ଧନରେ ରହିବା ଅପେକ୍ଷା ବ୍ୟକ୍ତିଗତ ଖୁସି ଓ ମଙ୍ଗଳକୁ ପ୍ରାଥମିକତା ଦେଇଥା'ନ୍ତି। ବେଳେବେଳେ ଯୌତୁକ ଉତ୍ପୀଡ଼ନ, ହିଂସା, ଯୌନ ସୁସଙ୍ଗତର ଅଭାବ, ଜୀବନଶୈଳୀ ପସନ୍ଦରେ ପାର୍ଥକ୍ୟ, ଅଭିଭାବକତ୍ୱ ଶୈଳୀ ଏବଂ ଆଶାରେ ପାର୍ଥକ୍ୟ ଓ ମତଭେଦ ଛାଡ଼ପତ୍ର ପ୍ରକ୍ରିୟାକୁ ସହଯୋଗ କରିଥାଏ।

ବୃଦ୍ଧି ପାଉଥିବା ଛାଡ଼ପତ୍ର ହାରରୁ ସମାଜକୁ ରକ୍ଷା କରିବା ପାଇଁ କେତୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଦୃଷ୍ଟିଦେଲେ ଭବିଷ୍ୟତ ଭାରତରେ ଏକ ସୁସ୍ଥ ପରମ୍ପରା ବିକଶିତ ହୋଇପାରିବ। ପ୍ରଥମେ ଯୁବକ ବା ଯୁବତୀ ଉଭୟଙ୍କୁ ପରିବାର, ଶିକ୍ଷାନୁଷ୍ଠାନ ସହାୟତାରେ ପିଲାଦିନରୁ ସହାନୁଭୂତି, ସମବେଦନଶୀଳତା, ଭାବପ୍ରବଣତା, ଦୟା, କ୍ଷମା, ପରୋପକାର, ପୂଜ୍ୟପୂଜା ଉପରେ ସଚେତନ କରାଯିବା ଉଚିତ। ବିପରୀତ ପରିସ୍ଥିତିରେ ନିଜକୁ କିପରି ପ୍ରସ୍ତୁତ କରିବାକୁ ପଡ଼ିବ, ତାହା ସେମାନଙ୍କୁ ଜଣାଇବାକୁ ପଡ଼ିବ। ଚାକଚକ୍ୟ ଦୁନିଆ ବାହାରେ ଆଉ ଗୋଟିଏ ସୁନ୍ଦର ଦୁନିଆ ଅଛି, ଯାହା ମଣିଷକୁ ଆନନ୍ଦ ଦେଇପାରିବ ଏବଂ ଦୈହିକ ସୁଖଠାରୁ ମାନସିକ ସୁଖର ଗୁରୁତ୍ୱକୁ ବୁଝାଇବାକୁ ପଡ଼ିବ। ବିବାହ କେବଳ ଦୈହିକ ସୁଖ ବା ଭୋଗ ନୁହେଁ; ତାହା ବିଶ୍ୱକୁ ଏକ ନୂତନ ସୃଷ୍ଟି ଦେଇ ଆଲୋକିତ କରିଥାଏ। ସେ ନୂତନ ସୃଷ୍ଟିକୁ ଆଣି ତାକୁ ସଂପୂର୍ଣ୍ଣ ବିକଶିତ କରିବା ପାଇଁ ବହୁତ ତ୍ୟାଗ କରିବାକୁ ପଡ଼ିଥାଏ। ପରିବର୍ତ୍ତିତ ସାମାଜିକ ପରିସ୍ଥିତି ଅନୁସାରେ ପିତାମାତାମାନଙ୍କୁ ମଧ୍ୟ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ କରିବାକୁ ପଡ଼ିବ। ଏକ ଅପରିଚିତ ଝିଅକୁ ଘରକୁ ବୋହୂ କରି ଆଣିବା ପରେ ତା'କୁ ଶାଶୂ ଶ୍ୱଶୁର ନୁହେଁ, ବରଂ ବାପମାଆ ହୋଇ ନିଜ ଝିଅପରି ସ୍ନେହ ଦେଇ ମିଠା କଥାରେ ତା'କୁ ନିଜର କରିବାକୁ ପଡ଼ିବ।

ସେହିପରି ଝିଅର ପିତାମାତାଙ୍କୁ ଝିଅ ପରିବାରର ଦୈନନ୍ଦିନ ବ୍ୟାପାରରେ ହସ୍ତକ୍ଷେପ ନକରିବା ସହିତ ଉଭୟ ପରିବାର ମଧ୍ୟରେ ସୁସମ୍ପର୍କ ରକ୍ଷା କରିବାର ଆବଶ୍ୟକତା ରହିଛି। ପିତାମାତା, ବନ୍ଧୁ ପରିବାର, ସମାଜ, ସରକାର, ନ୍ୟାୟିକ ବ୍ୟବସ୍ଥା ସମସ୍ତେ ସେମାନଙ୍କୁ ଏ ଦିଗରେ ସଚେତନ ଓ ସହାନୁଭୂତିର ହାତ ବଢ଼ାଇ ସମ୍ପର୍କ ରଖିବାରେ ସହାୟତା ଦେବା ସହିତ ବୁଝାଇବାକୁ ପଡ଼ିବ ଯେ ଭାରତୀୟ ସମାଜ ପାଇଁ ଏକାଙ୍ଗ ପରିବାର କେବେହେଲେ ସୁନ୍ଦର ସୃଷ୍ଟିର ମାର୍ଗ ହୋଇ ନ ପାରେ। ଏକାନ୍ନ ପରିବାର ହିଁ ଏକମାତ୍ର ବିକଳ୍ପ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

# ବନ୍ଧୁତ୍ୱର ଭିନ୍ନ ପରିଭାଷା

**ଅର୍ଜୁନ ଘଡ଼େଇ**

ଜୀବନ ଭିତରେ ଅନେକ ବନ୍ଧୁ ବା ସାଥୀ ହୁଅନ୍ତି। କେତେକଙ୍କ ଅକୁଣ୍ଠିତ ସାହାଯ୍ୟ, ସହଯୋଗ ଓ ଉପଯୁକ୍ତ ପରାମର୍ଶ ପାଇ ଜୀବନ ଆଗକୁ ବଢ଼େ, ଅସଜଡ଼ା ଜୀବନ ସଜାଡ଼ି ହୋଇଥାଏ। ଆଉ କେତେକଙ୍କ ଅନ୍ତର୍ନିହିତ ମନ୍ଦ ଉଦ୍ଦେଶ୍ୟ ଯୋଗୁଁ ସେମାନଙ୍କ ପରାମର୍ଶ, ପ୍ରୋତ୍ସାହନ, ଗତିଶୀଳ ଜୀବନ ପଥକୁ କଣ୍ଟକିତ କରିଥାଏ କିମ୍ବା ସ୍ୱପ୍ନର ପାହାଡ଼ ଭାଙ୍ଗିଯାଏ। ଏପରି ବନ୍ଧୁମାନଙ୍କ ଭିତରେ 'ଉସୁକା' ବନ୍ଧୁ ବି ଅନେକ ଥା'ନ୍ତି, ଯେଉଁମାନେ ଅନେକ ସମୟରେ ଅନାବଶ୍ୟକ କାର୍ଯ୍ୟ କରିବାକୁ ଉସୁକାଇଥା'ନ୍ତି। ଆଉ ସେମାନଙ୍କର ଉସୁକାଉଥିବାର ଅର୍ଥକୁ ସଠିକ୍ ଭାବେ ବୁଝି ନ ପାରି ଆମେ ଯଦି ତାଙ୍କ କଥାରେ ପ୍ରୋତ୍ସାହିତ ହେଇଯାଉ ଭୟାବହ ପରିଣାମ ଭୋଗିବାକୁ ପଡ଼େ। ନା ସିଏ ଥା'ନ୍ତି ସାଥୀରେ ବନ୍ଧୁ ପରି, ନା ଥାଏ ତାଙ୍କର ସହଯୋଗ। ବରଂ ଆଖି ଆଢୁଆଳରେ ଏକ ନିରାପଦ ଦୂରତ୍ୱରେ ରହି ସେ ଦେଖୁଥା'ନ୍ତି ବନ୍ଧୁର ଅଭାବନୀୟ ପରିସ୍ଥିତି। ଖୁସି ହୋଇ ତାଳି ମାରୁଥା'ନ୍ତି ଲକ୍ଷ୍ୟ ସାଧନରେ ସଫଳ ହୋଇଥିବାରୁ। ଆଜିର ସମାଜରେ ଏଇ ଉସୁକାଉଥିବା ବନ୍ଧୁମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେଉଁମାନଙ୍କର ପ୍ରେରଣା ଓ ପରାମର୍ଶ ପ୍ରତାରଣାର ଶକ୍ତି ବହନ କରି ବିଧ୍ୱସ୍ତ କରି ଦେଉଛି ଆମର ସାମାଜିକ ଜୀବନକୁ।

'ଉସୁକାଇବା' ଏକ ଦେଶଜ ଶବ୍ଦ। ଆଧୁନିକ ସଭ୍ୟ ସମାଜରେ ଏ ଶବ୍ଦର ବ୍ୟବହାର ବିଭିନ୍ନ ରୂପରେ ବ୍ୟବହୃତ ହେଉଛି। କୌଣସି କାର୍ଯ୍ୟ ପାଇଁ କାହାକୁ ଉତ୍ସାହିତ, ପ୍ରୋତ୍ସାହିତ, ଉତ୍ତେଜିତ ଆଦି କରିବାକୁ ଗାଁ ଗହଳି ଲୋକମାନେ 'ଉସୁକେଇବା' ବୋଲି କହିଥା'ନ୍ତି। ନିଜ ହୃଦୟ ଭିତରେ ମାନସିକ ସ୍ତରରେ କୌଣସି କାର୍ଯ୍ୟ ପାଇଁ ପ୍ରବଳ ଆଗ୍ରହୀ ହେବା, ଉତ୍ତେଜିତ ହେବା ଏକ ଇନ୍ଦ୍ରିୟାସକ୍ତ ମାନସିକ ପ୍ରକ୍ରିୟା। ଏହି ପ୍ରକ୍ରିୟା ମନ ଭିତରେ ସୃଷ୍ଟି ହେବା ବେଳେ ନିଜର ସ୍ଥିର, ଚିତ୍ତ, ବିଚାରବୋଧର ଆବଶ୍ୟକତା ଥାଏ। ଯେଉଁମାନେ ଅତି ଆନ୍ତରିକତା ଦେଖାଇବାକୁ ଯାଇ ଏପରି ପ୍ରେରଣା, ପ୍ରୋତ୍ସାହନ, ଉତ୍ସାହ ଆଦି ସୃଷ୍ଟି କରିଥା'ନ୍ତି, ସେମାନଙ୍କ କଥା ବେଳେବେଳେ ଉଦ୍ଦେଶ୍ୟନିହିତ ଭାବେ ବିଚାର କଲେ ସୁଫଳ ମିଳିଥାଏ।

ଉସୁକାଉଥିବା ବନ୍ଧୁ ସବୁକ୍ଷେତ୍ରରେ ଯେ କ୍ଷତିକାରକ ଏକଥା କହିବା ଠିକ୍ ନୁହେଁ। କିନ୍ତୁ ନିଜ ଅଭିଜ୍ଞତାରୁ, ବନ୍ଧୁଭାବେ ଅଭିନୟ କରି, ଉସୁକାଇ ଉଦ୍ଦେଶ୍ୟ ହାସଲ କରିଥିବା ଅବନ୍ଧୁ ଅନେକ କ୍ଷତି ସାଧନ କରିଥିବା ଆମେ ଅନୁଭବ କରୁଛେ। ଏଥିପାଇଁ ଜୀବନ ଯନ୍ତ୍ରଣାର ସ୍ୱର ଏତେ ତୀବ୍ର ହୋଇଛି ଯେ 'ଅଜାଗା ଘା' ଦେଖିହୁଏନି କି ଦେଖାଇ ହୁଏନି' ଏମିତି ଅବସ୍ଥା ବି ଭୋଗିଛେ। ଏପରି ଉସୁକା ବନ୍ଧୁ ଜୀବନରେ କେବେ ବି ନ ଆସନ୍ତୁ ଭଗବାନଙ୍କୁ ପ୍ରାର୍ଥନା କରିଛେ। ଏପରି ବନ୍ଧୁ ଶତ୍ରୁଠାରୁ ବି ଆହୁରି ବିପଦଜ୍ଜନକ ଓ ଭୟଙ୍କର। ଅହିତାକାଂକ୍ଷୀ ଚରିତ୍ରମାନେ ସମାଜରେ ସୃଷ୍ଟି ହେଲେ ବନ୍ଧୁତ୍ୱର ଅର୍ଥ, ପରିଭାଷା ବଦଳିଯିବ ନିଶ୍ଚୟ। ବନ୍ଧୁତ୍ୱ ହେଉଛି ଦୁଇଟି ହୃଦୟ ମଧ୍ୟରେ ଏକ ଭାବନାତ୍ମକ ସମ୍ପର୍କ ଏହା ଭୁଲିବା ଉଚିତ ନୁହେଁ।

ଉସୁକା ବନ୍ଧୁମାନେ କେବଳ ଦାଉ ସାଧନ୍ତିନି, ଜୀବନର ଶେଷ ପରିଣତି ସୃଷ୍ଟି ପାଇଁ ପରିସ୍ଥିତି ବି ସୃଷ୍ଟି କରିପାରନ୍ତି। ଅନେକ ଉସୁକା ବନ୍ଧୁଙ୍କ ପରାମର୍ଶରେ ଆତ୍ମହତ୍ୟା, ଆତ୍ମଦାହ କରିବା ପରି ପରିସ୍ଥିତି ଆମ ଅନିଚ୍ଛାସତ୍ତ୍ୱେ ସୃଷ୍ଟି ହୋଇଯାଏ, ଯାହା ଆମେ କାହାର ପ୍ରୋତ୍ସାହନରେ, ଉତ୍ତେଜନାର ବଶବର୍ତ୍ତୀ ହୋଇ କରିଥାଉ। ଟିକିଏ ଧୈର୍ଯ୍ୟ, ସହନଶୀଳତା ଭାବ ନେଇ ସମୟ ଅତିବାହିତ କରିଦେଲେ ସେଇ ଦୁଃସମୟ ଅପସରିଯିବ। ନିଜ ବିଚାରବୋଧ, ଜ୍ଞାନର ଉଦ୍ରେକ ହେବ ଏକଥା ବୁଝିବା ଦରକାର। ଯେଉଁମାନେ ଅନ୍ୟକୁ ଉସୁକାଇବା ପ୍ରବୃତ୍ତି ନିଜ ଭିତରେ ସୃଷ୍ଟି କରୁଛନ୍ତି ସେମାନଙ୍କ ପାଇଁ ବନ୍ଧୁତ୍ୱ ଏକ ବାହାନା, ସ୍ୱାର୍ଥ କାମନା ହିଁ ଶ୍ରେୟ।

ଯେକୌଣସି ଭଲ କାର୍ଯ୍ୟପାଇଁ ବ୍ୟଗ୍ରତା, ଉତ୍ସୁକତା, ଉତ୍କଣ୍ଠା ମନ ଭିତରେ ସୃଷ୍ଟି ହେବା ଭଲ ମଣିଷର ପ୍ରବୃତ୍ତି ହୋଇପାରେ। କିନ୍ତୁ ଏଥିପାଇଁ ଯେତେବେଳେ କିଏ ପ୍ରବର୍ତ୍ତାଇବା, ପ୍ରରୋଚନା ଦେବା, ପ୍ରଣୋଦିତ କରିବା କିମ୍ବା ପ୍ରଭାବିତ କରିବା ପରି ଉସୁକାଇବା ପରି ଚରିତ୍ରମାନେ ଆଖି ଆଗକୁ ଆସିବେ ତା'ର ଉପଯୁକ୍ତ ବିଚାର କରି କାର୍ଯ୍ୟପନ୍ଥା ନିର୍ଣ୍ଣୟ କଲେ ମଙ୍ଗଳ ହେବ। ଅନ୍ୟଥା ସେଇ ନଷ୍ଟ ଚରିତ୍ରମାନେ ନିଜ ସ୍ୱାର୍ଥ ସାଧନ ପାଇଁ ହିତାକାଂକ୍ଷୀ ବନ୍ଧୁ ଭାବେ ପରିଚୟ ସୃଷ୍ଟି କରି ଅନେକ କ୍ଷତି ସାଧନ କରିବେ, ଏହା ସୁନିଶ୍ଚିତ। ସାବଧାନ ହେଲେ ଉସୁକା ବନ୍ଧୁମାନେ ବିଫଳତା ପାଇଁ ନିରବି ଯାଇ ଆତ୍ମଗ୍ଲାନିରେ ଜର୍ଜରିତ ହୋଇଯାନ୍ତୁ ପଛେ, ଆମେ ତ ବଞ୍ଚିଯିବା ଆମର ଅଭାବନୀୟ ପରିସ୍ଥିତିରୁ। ଉସୁକେଇବା, ପ୍ରବର୍ତ୍ତନା ଦେବା ସହଜ, କିନ୍ତୁ କୁକର୍ମ, ଅପରିଣାମଦର୍ଶିତାରୁ ନିବୃତ୍ତାଇବା ଅସମ୍ଭବ ହୋଇଥାଏ। ବିଚାରଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱମାନେ ବିଶ୍ଳେଷଣ କଲେ ବୁଝିପାରିବେ ନିଶ୍ଚୟ। ନିଜର ଶକ୍ତି ସାମର୍ଥ୍ୟକୁ ପରଖି ଆଗକୁ ବଢ଼ିବା ଉଚିତ।

ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮୦୪୮ ୬୧୫

# ନବଭାରତର ପ୍ରଜ୍ଞା-ପୁରୁଷ ନୀଳକଣ୍ଠ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ପଣ୍ଡିତ ନୀଳକଣ୍ଠ ଦାସଙ୍କ ତ୍ୟାଗପୂତ ଜୀବନ ଓ ବହୁମୁଖୀ ପ୍ରତିଭାର ଆକଳନ ପ୍ରତି ସଚେତନ ଦୃଷ୍ଟି ନିକ୍ଷେପ କଲେ, ସେ ଯେ ନବଭାରତର ଜଣେ ଅସାମାନ୍ୟ ପ୍ରଜ୍ଞା-ପୁରୁଷ; ଏ ନିରାଟ ସତ୍ୟ ଯେକେହି ସ୍ୱୀକାର କରିବେ ନିଶ୍ଚୟ। ଯେଉଁ ବ୍ୟକ୍ତିର ଚେତନା ହୋଇଉଠେ ପ୍ରଜ୍ଞାର ଆଲୋକରେ ଦୀପ୍ତିମନ୍ତ, ସେ ନିଜେ ହିଁ ଆବିଷ୍କାର କରିପାରେ ତା' ଜୀବନର ଲକ୍ଷ୍ୟ ଓ ପଥ। ନୀଳକଣ୍ଠ-ମାନସ ରହିଥିଲା ସେଇ ଉଜ୍ଜ୍ୱଳତାରେ ଚିରଉଦ୍ଭାସିତ। ସେଥିପାଇଁ ସାମାଜିକ କୁସଂସ୍କାର ପ୍ରତି ଭ୍ରୂକ୍ଷେପ ନ କରି ନିଜସ୍ୱ ବ୍ୟକ୍ତି ସ୍ୱାଧୀନତାରେ ରହିପାରିଥିଲେ ଅବିଚଳିତ। ଜୀବନକାଳରେ ସ୍ୱଦେଶକୁ ଯେଉଁ ରୂପରେ ଦେଖୁଛନ୍ତି, ଶେଷ ନିଃଶ୍ୱାସ ତ୍ୟାଗ ସମୟରେ ଏହାକୁ ଉନ୍ନତ ଅବସ୍ଥାରେ ଦେଖି ପୃଥିବୀରୁ ବିଦାୟନେବେ ବୋଲି ଗୋପବନ୍ଧୁ ଗୋଦାବରୀଶଙ୍କ ସହ ସେ ଯେପରି ଶପଥବଦ୍ଧ ହୋଇଥିଲେ, ସେଇ ଦୃଶ୍ୟ ଆଜି ବି ଥରାଇଦିଏ ଛାତି। କାହିଁ କେଉଁ ଉଚ୍ଚଶିକ୍ଷିତ କୌଣସି ତରୁଣ ଗୋଷ୍ଠୀ ସେପରି ପ୍ରତିଜ୍ଞାବଦ୍ଧ ହେବାର ଅନ୍ତର୍ଭେଦୀ ଦୃଶ୍ୟ ଆଉ ଆମର ଦୃଷ୍ଟିପଥାରୂଢ଼ ହେଉ ନାହିଁ ତ ଆଜି!

ଏହି ଦୃଢ଼ତା ନୀଳକଣ୍ଠଙ୍କ ମଧ୍ୟରେ ରହିଥିଲା ଏକ ଜ୍ୟୋତିର୍ମୟ ସୁଉଚ୍ଚ ସ୍ତମ୍ଭ ସଦୃଶ। ସେହି ସାହସ, ଶକ୍ତି ଓ ଶ୍ରଦ୍ଧା ହୃଦୟରେ ଧରିରଖି ସେ ଗ୍ରହଣ କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ। ବାହ୍ୟ ରୂପରେ ଯିଏ ଅତ୍ୟନ୍ତ କଠୋର, ଦୃଷ୍ଟି ଯାହାଙ୍କ ଛୁରିକା ଠାରୁ ଆହୁରି ତୀକ୍ଷ୍ଣ ସେ ପୁଣି ରାମଚଣ୍ଡୀଠାରେ ନିଜ ଛାତ୍ରମାନଙ୍କ ଗଭୀର ସୁଷୁପ୍ତି ମଧ୍ୟରେ ଉତ୍କଳର ଗୌରବମୟ ଅତୀତକୁ ଦେଖିପାରନ୍ତି ସାରାରାତ୍ରି ବିନିଦ୍ର ରହି! ଛାତ୍ରମାନେ ଯାହା ସ୍ୱପ୍ନରେ ଦେଖୁଥିଲେ ତାହାକୁ ନୀଳକଣ୍ଠ ବର୍ଣ୍ଣନା କରିଛନ୍ତି ନା ଛାତ୍ରମାନଙ୍କ ମାନସ ପଟରେ ନିଜେ ସୃଷ୍ଟି କରିଦେଇଛନ୍ତି ଏକ ସ୍ୱତନ୍ତ୍ର ସ୍ୱପ୍ନ ରାଜ୍ୟ? ଯେଉଁମାନେ ଉଚ୍ଚକୋଟୀର ଶିକ୍ଷକ ସେମାନେ ନିଜେ କେବଳ ସ୍ୱପ୍ନ ଦେଖନ୍ତି ନାହିଁ। ସେମାନେ ରହନ୍ତି ଜାଗ୍ରତ ଆଉ ଛାତ୍ରମାନଙ୍କୁ ଉତ୍ତୋଳିତ କରିନେଇ ପାରନ୍ତି ନିଜ ଆକାଂକ୍ଷା ଅନୁସାରେ ଏକ ମହତ୍ତର ସ୍ୱପ୍ନର ଅପୂର୍ବ ଜଗତକୁ। 'କୋଣାର୍କେ' କାବ୍ୟ ରଚନା କରି ନୀଳକଣ୍ଠ ତାହା ହିଁ କରିପାରିଛନ୍ତି। ସେ ନିଜ ସୃଜନଶୀଳ ଆତ୍ମାକୁ ଯୋଡ଼ି ଦେଇ ପାରୁଥିଲେ ବିଶ୍ୱସାହିତ୍ୟର ଶ୍ରେଷ୍ଠସ୍ରଷ୍ଟାମାନଙ୍କ ସହିତ। ଏହି ରହସ୍ୟମୟ ସଂଯୋଗ ଦ୍ୱାରା ଇଂରାଜୀ କବି ଟେନିସନ ପ୍ରବେଶ କଲେ ନୀଳକଣ୍ଠଙ୍କ ଅନ୍ତର ଭିତରେ। ରୂପାନ୍ତରିତ କରିଦେଲେ ନିଜକୁ ନୀଳକଣ୍ଠ ରୂପରେ ଆଉ ନିଜ ଇଂରାଜୀ କାବ୍ୟକୁ ରୂପାୟିତ କରିଦେଲେ ଖାଣ୍ଟି ଓଡ଼ିଆରେ। କିଏ ଟେନିସନ ଆଉ କିଏ ନୀଳକଣ୍ଠ ତାହା ବିଚକ୍ଷଣ ସମାଲୋଚକମାନେ ମଧ୍ୟ ଭିନ୍ନ ଭିନ୍ନ କରି ପ୍ରମାଣିତ କରିଦେଇ ପାରିବେନି 'ଦାସ ନାଏକ' ଓ 'ପ୍ରଣୟିନୀ' କାବ୍ୟ ଦୁଇଟିରେ।

କାବ୍ୟଶିଳ୍ପୀ ଭାବରେ ନୀଳକଣ୍ଠ ଯେପରି ପାଠକର ହୃଦୟକୁ ଉଦବେଳିତ କରିଦେଇପାରନ୍ତି, ଗଦ୍ୟଶିଳ୍ପୀ ରୂପରେ ସେହିପରି ଚେତନା ଉଦ୍ରେକ-କ୍ଷମ ଭୂମିକା ଗ୍ରହଣ କରନ୍ତି ନିର୍ଭୀକ ଭାବରେ। ନୀଳକଣ୍ଠଙ୍କ ପ୍ରବନ୍ଧ ପାଠ କଲେ ଜାତୀୟତାବୋଧର ଭିତ୍ତିଭୂମି ସୁଦୃଢ଼ ହୋଇଯିବ ଯେକୌଣସି ସ୍ୱାଭିମାନୀ ତରୁଣ ଆତ୍ମାରେ। 'ଅଛୁ ଓ ହେବୁ' ପ୍ରବନ୍ଧଟି ପାଠ କରନ୍ତେ କି ଓଡ଼ିଶାର ଛାତ୍ର ସମାଜ! ଆମେ ଯେପରି ଅଛୁ ସେଇପରି ଅପରିବର୍ତ୍ତିତ ହୋଇଥିବାରେ କି ବା ସ୍ୱାଦ କି ସାର୍ଥକତା ନିହିତ? ନୀଳକଣ୍ଠଙ୍କ ସଂସ୍କାରଅଭିମୁଖୀ ଲେଖନୀ ସୃଷ୍ଟି କରିପାରେ 'ମୋ ନିଶ' ପରି ପ୍ରବନ୍ଧ। ସାମ୍ପ୍ରତିକ ପରିସ୍ଥିତିରେ ସଂସ୍କାର ଆଣିବା ପାଇଁ ପ୍ରେରଣାର ଏହା ଏକ ଜ୍ୟୋତିଶିଖା।

ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଲେଖି ସେ ସାହିତ୍ୟର ଇତିହାସକୁ ଉପସ୍ଥାପନ କରିବାରେ ଯେଉଁ ନୂତନ ଚାହାଣୀ ଓ ଚମକର ପରିଚୟ ଦେଇଛନ୍ତି, ତାହା ଆମ ଚଳଣି ଉପରେ ପ୍ରଭାବ ନ ପକାଇବ କିପରି? ନୀଳକଣ୍ଠ ଜାତୀୟସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି ରାଜନୈତିକ ଜୀବନରେ। ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷଙ୍କ ସଂସ୍ପର୍ଶରେ ଆସିବାର ବିରଳ ସୁଯୋଗ ପାଇଛନ୍ତି। ନିଜ ଦ୍ୱାରା ପ୍ରକାଶିତ ପତ୍ରିକାର ନାମକରଣ 'ନବଭାରତ' ରଖିବା କେତେ ତାତ୍ପର୍ଯ୍ୟ ବହନ କରେ ପ୍ରକୃତରେ! ଆଜିବି ତାହାର ନୂତନ ପ୍ରସ୍ଥ ଦୈନିକ 'ସମାଜ'ରେ ପ୍ରତି ରବିବାର ଦିନ ଲକ୍ଷାଧିକ ପାଠକଙ୍କ ସୁଦୃଷ୍ଟି ଆକର୍ଷଣ କରିପାରେ। ଆତ୍ମଜୀବନୀର ପୃଷ୍ଠା ଓଲଟାଇବା ମାତ୍ରକେ କେତେ ଅନୁଦଘାଟିତ ସତ୍ୟ ଉପରୁ ପରଦା ହଟିଯାଏ। ନୀଳକଣ୍ଠଙ୍କ ପରି ଆଉ ଦ୍ୱିତୀୟ ପ୍ରଜ୍ଞାପୁରୁଷଙ୍କ ଆବିର୍ଭାବ ସମ୍ଭବ ହୋଇ ନାହିଁ ଆଜିପର୍ଯ୍ୟନ୍ତ। ଭବିଷ୍ୟତରେ ତାଙ୍କ ଚେତନାର ଆଲୋକ ଆଉ ଥରେ ସମୁଜ୍ଜ୍ୱଳ କରିଦେଇ ପାରିବ ନାହିଁ ଓଡ଼ିଶା ମାଟିକୁ? ଏହା କ'ଣ ଅସମ୍ଭବ??

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗୃହ ବିଭାଗ ଅସୁସ୍ଥ, ମୁଖ୍ୟମନ୍ତ୍ରୀ ଅସହାୟ: ବିଜେଡି



■ ସରକାରଙ୍କ ଦାୟିତ୍ୱହୀନତା ଓ ନିଷ୍କ୍ରିୟତା ପାଇଁ ଜଳୁଛନ୍ତି ଛାତ୍ରୀ

■ ଆଉ କେତେଜଣ ଜଳିଲେ ଚେତିବେ ଡବଲ ଇଞ୍ଜିନ ସରକାର

ଭୁବନେଶ୍ୱର,୬।୮ (ସମିସ): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ , ବଲଙ୍ଗା ନାବାଳିକାଙ୍କୁ ପୋଡ଼ି ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ, ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବଡ଼ପଡ଼ା ପଞ୍ଚାୟତରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ କିରୋସିନ ଢାଳି ହୋଇ ଆତ୍ମାହୁତି ଦେଇଛନ୍ତି। ଏହି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଛି। ଘଟଣାରେ ସରକାରଙ୍କ ନିଷ୍କ୍ରିୟତା ଓ ପୁଲିସ୍ ବିଭାଗର ଦାୟିତ୍ୱହୀନତାକୁ ବିଜେଡି କଡ଼ା ନିନ୍ଦା ସହ ଗୃହ ବିଭାଗ ଅସୁସ୍ଥ ଓ ମୁଖ୍ୟମନ୍ତ୍ରୀ ଅସହାୟ ବୋଲି ଆକ୍ଷେପ କରିଛି।

ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି, ମୁଖପାତ୍ର ଇପ୍ସିତା ସାହୁ ଓ ସୋଫିଆ ଆଲାମ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ପୁଲିସର ନିଷ୍କ୍ରିୟତା ଓ ଦୁର୍ବଳ ଶାସନ ପାଇଁ ପୁଣି ଜଣେ ଛାତ୍ରୀଙ୍କୁ ଜୀବନ ହାରିବାକୁ ପଡ଼ିଛି। ବିଜେପି ସରକାରକୁ ଆସିବା ପରେ ଶାନ୍ତିପ୍ରିୟ ଓଡ଼ିଶାରେ ନାରୀ ନିର୍ଯାତନା ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ପୀଡ଼ିତା ଛାତ୍ରୀ ଜନୈକ ଯୁବକଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଲା ପରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ଗ୍ରହଣ ପରିବର୍ତ୍ତେ ଧମକ ଆସୁଥିବା ଫୋନ ନମ୍ବରକୁ ବ୍ଲକ କରି ନିରାପଦରେ ରହିବା ପାଇଁ ଓଲଟି ପୁଲିସ ପରାମର୍ଶ ଦେଇଥିଲା। ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ମୁଖ୍ୟମନ୍ତ୍ରୀ ଜିରୋ ଏଫଆଇଆର ରେଜିଷ୍ଟ୍ରେସନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ନିର୍ଦ୍ଦେଶକୁ କ'ଣ ପାଇଁ ପୁଲିସ୍ ଓ ଡିଜିପି କାର୍ଯ୍ୟକାରୀ କଲେ ନାହିଁ? ଯଦି ପୁଲିସ୍ ପୀଡ଼ିତାଙ୍କ ଏତଲାକୁ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେଇଥାନ୍ତା, ତାହେଲେ ଆଜି ଆଉ ଜଣେ ଛାତ୍ରୀଙ୍କ ଅମୂଲ୍ୟ ଜୀବନ ବଞ୍ଚିଯାଇ ଥାଆନ୍ତା ବୋଲି ବିଜେଡି କହିଛି।

ସେହିପରି ପୀଡ଼ିତା ମୃତ୍ୟୁବରଣ କଲା ପରେ କେନ୍ଦ୍ରାପଡ଼ା ଏସ୍‌ପି ସେ ତଦନ୍ତ ଦାୟିତ୍ୱ ହାତକୁ ନେଇଥିବା କହିଛନ୍ତି। ତେଣୁ ପୁଲିସ୍ ତା' କାର୍ଯ୍ୟରେ ଶତପ୍ରତିଶତ ଅବହେଳା କରିଥିବା ପ୍ରମାଣିତ ହୋଇଛି। ପୁଲିସର ଦାୟିତ୍ୱହୀନତା ପାଇଁ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଚଳାଇବାରେ ଅସହାୟ। ଏହି ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ଅନ୍ୟ କାହାକୁ ହସ୍ତାନ୍ତର କରନ୍ତୁ ଏବଂ ଅପାରଗ ପୁଲିସ୍ ମହାନିର୍ଦ୍ଦେଶକ ତାଙ୍କ ଦାୟିତ୍ୱରୁ ଅବ୍ୟାହତି ନିଅନ୍ତୁ ବୋଲି ବିଜେଡି ଦାବି କରିଛି।

# ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ; ୩ ଗିରଫ

ଅନୁଗୋଳ / ଛେଣ୍ଡିପଦା, ୬।୮ (ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଯୁବକ ଥିବାବେଳେ ଅନ୍ୟ ଦୁଇଜଣ ନାବାଳକ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ପାଲଲହଡ଼ା ଥାନା ଅଞ୍ଚଳର ଜନୈକା ମହିଳା ତାଙ୍କ ସମ୍ପର୍କୀୟଙ୍କୁ ଦେଖା କରିବାକୁ ଗତ ୩ ତାରିଖରେ ଆସିଥିଲେ। ଅପରାହ୍ଣ ପ୍ରାୟ ୩ ଟାରେ ସେ ତାଙ୍କ ଭଣଜା ସହିତ ବାଇକ୍‌ରେ ଚାରିବାଟି ପେଟ୍ରୋଲ ପମ୍ପ ନିକଟରୁ ତେଲ ପକାଇ ଫେରୁଥିଲେ। ବାରମଞ୍ଜାର ରାସ୍ତାରେ ଏକ ଟ୍ରାକ୍ଟର ଧରି କିଛି ଶ୍ରମିକ ଗାଡ଼ି ଅଟକାଇ ସମ୍ପର୍କୀୟ ଯୁବକଙ୍କୁ ମାଡ଼ମାରି ମହିଳାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇଥିଲେ। ସେଠାରେ ୩ ଯୁବକ ଗଣଦୁଷ୍କର୍ମ କରିବା ପରେ ଟ୍ରାକ୍ଟର ଧରି ଚମ୍ପଟ ମାରିଥିଲେ। ସେହିଦିନ ପୀଡ଼ିତା ଓ ତାଙ୍କ ଭଣଜା ପଳାଇ ଯାଇଥିଲେ। ପରେ ୫ ତାରିଖ ଦିନ ପୀଡ଼ିତା ବାଗଡିଆ ଥାନା ଆସି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୁଲିସ ପୀଡ଼ିତା ଓ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରି ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। ଏଥିସହିତ ଘଟଣାରେ ଗୋଟିଏ ଟ୍ରାକ୍ଟର ଓ ଦୁଇଟି ମୋବାଇଲକୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ବାରମଞ୍ଜା ଗାଁର ରଞ୍ଜନ ମୁଖି ଓ ଅନ୍ୟ ଦୁଇଜଣ ନାବାଳକଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି। ଛେଣ୍ଡିପଦା ବ୍ଲକ୍ ଅଞ୍ଚଳରେ ଏପରି ଲଜ୍ଜାଜନକ ଘଟଣାକୁ ବିଜେଡି ଓ କଂଗ୍ରେସ ପକ୍ଷରୁ ଘୋର୍ ନିନ୍ଦା କରାଯିବା ସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

■ ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣା

# ଭିସିରେ ହାଜର ହେଲେ ଗିରଫ ଅଧ୍ୟାପକ ସମୀର ସାହୁ

ବାଲେଶ୍ୱର, ୬।୮ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ଅଧ୍ୟାପକ ସମୀର ସାହୁ ଜେଲ୍‌ରେ ଅଛନ୍ତି। ଆଜି ଦ୍ୱିତୀୟ ଥର ପାଇଁ ସମୀର ଏସଡିଜେଏମ୍‌ଙ୍କ କୋର୍ଟରେ ଭିସିରେ ହାଜର ହୋଇଥିଲେ। ଏସଡିଜେଏମ କିଶୋର କୁମାର ନାଥ ତାଙ୍କୁ ବିଭିନ୍ନ ପ୍ରସଙ୍ଗ ଉପରେ ପଚରାଉଚରା କରିବା ସହ ଖାଦ୍ୟ ଗ୍ରହଣ ସଠିକ ଭାବେ ହେଉଛି କି ନାହିଁ ପଚାରିଥିଲେ। ତେବେ ପୁଣିଥରେ ତାଙ୍କୁ ଆସନ୍ତା୧୯ ତାରିଖରେ ଭିସିରେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଅନ୍ୟପଟେ ଏସଡିଜେଏମ କୋର୍ଟରେ ସମୀରଙ୍କ ଜାମିନ ଆବେଦନ ଖାରଜ ହୋଇଯିବା ପରେ ଗିରଫ ଅଧ୍ୟାପକ ଶ୍ରୀ ସାହୁ ଉପର କୋର୍ଟ ଅର୍ଥାତ ଜିଲ୍ଲା ଦୌରାଜଜ କୋର୍ଟରେ ଚଳିତ ମାସ ୧ତାରିଖରେ ଜାମିନ ଆବେଦନ କରିଥିଲେ। ଆଜି କୋର୍ଟରେ ତଳ କୋର୍ଟର ରେକର୍ଡ ଅର୍ଥାତ (ଏଲସିଆର) ଏବଂ ସିଡି କଲ ହୋଇଥିଲା। ଆସନ୍ତା ୧୨ ତାରିଖରେ ତାଙ୍କର ଜାମିନ ଆବେଦନର ଶୁଣାଣି ହେବ ବୋଲି ଜଣାଯାଇଛି।

# ସବୁ ରେଲୱେ ଷ୍ଟେସନ୍ ଓ ବସ୍‌ଷ୍ଟାଣ୍ଡରେ ଖୋଲିବ ସ୍ତନ୍ୟପାନ କେନ୍ଦ୍ର

■ ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୫ ପାଳିତ

■ ରାଜ୍ୟ ମହିଳା ଆୟୋଗ କାର୍ଯ୍ୟାଳୟରେ ଶିଶୁ ସ୍ତନ୍ୟପାନ କକ୍ଷ ଲୋକାର୍ପଣ

ଭୁବନେଶ୍ୱର,୬।୮ (ସମିସ): ଏଣିକି ସମସ୍ତ ସରକାରୀ ଓ ବେସରକାରୀ ସର୍ବସାଧରଣ ସ୍ଥାନରେ ଶିଶୁ ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା କରାଯିବ। ସମସ୍ତ ରେଲୱେଷ୍ଟେସନ୍, ବସ୍ ଷ୍ଟପ୍‌ରେ ମଧ୍ୟ ରହିବ ସ୍ତନ୍ୟପାନ କରାଇବାର ସୁବିଧା। ସେହିପରି ଯେଉଁ ସ୍ଥାନକୁ ମହିଳାମାନେ ଆସୁଛନ୍ତି ସେହି ସ୍ଥାନରେ ବା ୱିମେନ୍ ଫ୍ରେଣ୍ଡଲି ପରିବେଶରେ ଛୁଆମାନଙ୍କୁ ସ୍ତନ୍ୟପାନ କରାଇବା ପାଇଁ ସେଣ୍ଟର ଖୋଲାଯିବା ସହ ବିଶେଷକରି ରେଳଷ୍ଟେସନ୍‌ରେ ମହିଳା ଆଟେଣ୍ଡାଣ୍ଟ ରହିବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ବୁଧବାର ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନ କନ୍‌ଭେନସେନ୍ ସେଣ୍ଟରରେ ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୫ ପାଳନ ଅବସରରେ ମୁଖ୍ୟଅତିଥି ଭାବେ




ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ସ୍ତନ୍ୟପାନ ଯୋଗୁଁ ଶିଶୁ ମା'ର କ୍ଲୋଜ୍ ଟୁ ହାର୍ଟ ଅର୍ଥାତ୍ ମା' ହୃଦୟର ଆହୁରି ନିକଟତର ହେବା ସହ ସ୍ତନ୍ୟପାନ ଦ୍ୱାରା ଉଭୟ ମା' ଓ ଶିଶୁର ସ୍ୱାସ୍ଥ୍ୟ ଭଲ ରହିବ ବୋଲି ମତବ୍ୟକ୍ତ କରିଛନ୍ତି। ବିଶେଷକରି ସ୍ତନ୍ୟପାନ ଦ୍ୱାରା ମହିଳାମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ସ୍ତନ କର୍କଟ ଓ ଜରାୟୁ କର୍କଟ ଭଳି ଭୟଙ୍କର ରୋଗକୁ ବହୁମାତ୍ରାରେ ଏଡ଼ାଇ ଦିଆଯାଇ ପାରିବ। ଶିଶୁର ପ୍ରାରମ୍ଭିକ ୬ ମାସର ନିରନ୍ତର ସ୍ତନ୍ୟପାନ ଉଭୟ ମା' ଓ ଶିଶୁର ମାନସିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକେଇଥାଏ ବୋଲି କହିବା ସହ ଆଭାସୀ ମାଧ୍ୟମରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ କାର୍ଯ୍ୟାଳୟରେ ଏକ ଶିଶୁ ସ୍ତନ୍ୟପାନ କକ୍ଷକୁ ଉଦ୍‌ଘାଟନ କରିଛନ୍ତି।

ସେହିପରି ଅଙ୍ଗନବାଡ଼ି ହେଲା ଶିଶୁର ଦ୍ୱତୀୟ ମା' ଘର ବୋଲି କହି ଅଙ୍ଗନବାଡ଼ିକୁ ଆହୁରି ଉନ୍ନତ କରିବା ପାଇଁ ଅଗଷ୍ଟ ୧୫ରୁ 'ଆସ ବୁଲିଯିବା ଅଙ୍ଗନବାଡ଼ି' ଅଭିଯାନରେ ଅଙ୍ଗନବାଡ଼ି ପରିଦର୍ଶନ ପାଇଁ ଜନସାଧାରଣଙ୍କୁ ଶ୍ରୀମତୀ ପରିଡ଼ା ଆହ୍ୱାନ ଦେଇଛନ୍ତି। ଏହି ଅବସରରେ 'ଲୋକ କଲ୍ୟାଣ' ଅନ୍‌ଲାଇନ ୱେବ୍ ଲିଙ୍କ୍ ଫର୍ମ ଲୋକାର୍ପଣ କରିଥିଲେ। ଏହି ୱେବ୍ ଲିଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ (ଡବ୍ଲ୍ୟୁସିଡି) ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ (ଏସଏସଡବ୍ଲ୍ୟୁବି) ଦ୍ୱାରା ପରିଚାଳିତ ହେବ। ଏହି ପଞ୍ଜୀକରଣ ମାଧ୍ୟମରେ ଓଡିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ(ଓଏସଏସଡବ୍ଲ୍ୟୁବି) ଏକ ସକ୍ରିୟ ଏନ୍‌ଜିଓ ଡାଟାବେସ୍ ପ୍ରସ୍ତୁତ କରିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶର ପ୍ରମୁଖ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହକାରୀ ନିର୍ଦ୍ଦେଶିକ ଡ. ଆଦିତ୍ୟ ମହାପାତ୍ର, ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର-ଜୁନାଗଡ଼ ରୋଡ୍- ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ ଏଲ୍‌ଏଚ୍‌ବି ସହ ଚଳାଚଳ କରିବ

ଭୁବନେଶ୍ୱର, ୬।୮ (ସମିସ): ଭୁବନେଶ୍ୱର-ଜୁନାଗଡ଼ ରୋଡ ମଧ୍ୟରେ ଚାଲୁଥିବା ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସରେ ଗୋଟିଏ ରେକ୍ଟୁ ଆଧୁନିକ ଲିଙ୍କେ ହଫମ୍ୟାନ୍ ବୁଶ୍ ଏଲ୍‌ଏଚ୍‌ବି କୋଚ୍ ରହିବ। ଯାହା ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା, ନିରାପତ୍ତା ଏବଂ ଆରାମ ପ୍ରଦାନ କରିଥାଏ। ଯାତ୍ରୀମାନେ ୮ ଅଗଷ୍ଟରୁ ଏହି ସୁବିଧା ପାଇ ପାରିବେ। ବର୍ତ୍ତମାନ ଏହି ଟ୍ରେନଟି ପାରମ୍ପରିକ ଆଇସିଏଫ୍ କୋଚ୍ ସହିତ ଚଳାଚଳ କରୁଛି। ଏଲ୍‌ଏଚ୍‌ବ ରେକ୍ ସହିତ ଅପଗ୍ରେଡ୍ ଟ୍ରେନ୍ କମ୍ପୋଜିସନ୍‌ରେ ଦ୍ୱିତୀୟ ଏସିର ୨ଟି କୋଚ୍, ତୃତୀୟ ଏସିର ୪ଟି କୋଚ୍, ସ୍ଲିପର୍ କ୍ଲାସର ୫ଟି କୋଚ୍, ଦ୍ୱିତୀୟ ଶ୍ରେଣୀ ସିଟିଂର ୪ଟି କୋଚ୍, ଗାର୍ଡ କମ୍ ପାୱାର କାର୍‌ର ୧ ଏବଂ ୧ ଗାର୍ଡ କମ୍ ଦ୍ୱିତୀୟ ଶ୍ରେଣୀ କୋଚ୍ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ରହିବ। ଏଲ୍‌ଏଚ୍‌ବି କୋଚ୍ ପ୍ରଚଳନ ଏହି ଗୁରୁତ୍ୱପୂର୍ଣ୍ଣ ରୁଟରେ ଯାତ୍ରୀଙ୍କ ସୁବିଧା ଏବଂ କାର୍ଯ୍ୟକ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଯାହା ଓଡ଼ିଶାର ଉପକୂଳବର୍ତ୍ତୀ ଏବଂ ଆଦିବାସୀ ଅଞ୍ଚଳ ଏବଂ ଆନ୍ଧ୍ରପ୍ରଦେଶର ପ୍ରମୁଖ ସହରଗୁଡ଼ିକୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହିତ ସଂଯୋଗ କରୁଛି ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି।

# ଆଜି କେନ୍ଦ୍ରାପଡ଼ା ଯିବ ପିସିସି ଅନୁଧ୍ୟାନ କମିଟି

ଭୁବନେଶ୍ୱର,୬।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡ଼ା ଗ୍ରାମରେ ଜଣେ + ୩ ଶେଷ ବର୍ଷ ଛାତ୍ରୀ ଆତ୍ମାହୁତି ଦେବା ଘଟଣାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏକ ୮ ଜଣିଆ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରାଯାଇଛି। ପିସିସି ଉପସଭାପତି ସସ୍ମିତା ବେହେରା କମିଟିର ଅଧ୍ୟକ୍ଷା ରହିଥିବା ବେଳେ ସମ୍ପାଦିକା ଡଃ ଦେବସ୍ମିତା ଶର୍ମା, ସସ୍ମିତା ପଣ୍ଡା, ପିସିସି ମୁଖପାତ୍ର ସୋନାଲି ସାହୁ, ଡଃ ମନିଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ପିସିସି ପାନେଲିଷ୍ଟ ଅମ୍ରିତା ଦାସ ଓ ମଧୁସ୍ମିତା ଆଚାର୍ଯ୍ୟ ସଦସ୍ୟା ଭାବରେ ରହିଛନ୍ତି। ଏହି ଟିମ୍ ଗୁରୁବାର ସକାଳେ ଘଟଣାସ୍ଥଳ ପରିଦର୍ଶନ କରି ଏକ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତକୁ ୫୦%...

ଆମେରିକା ରାଷ୍ଟ୍ରପତିଙ୍କ ଏହି ୯-ସୂତ୍ର ନିର୍ଦ୍ଦେଶରେ କୁହାଯାଇଛି ଯେ ଭାରତ ସରକାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ରୁଷଠାରୁ ତୈଳ ଆମଦାନୀ କରୁଛନ୍ତି। ତେଣୁ ଏଭଳି ସ୍ଥିତିରେ ଆମେରିକାକୁ ଆସୁଥିବା ଭାରତୀୟ ସାମଗ୍ରୀ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଯିବ। ତେବେ କିଛି ସ୍ୱତନ୍ତ୍ର ପରିସ୍ଥିତିରେ ଏହି ଶୁଳ୍କରୁ ଆଶ୍ୱସ୍ତି ଦିଆଯିବ। ଯଦି କୌଣସି ସାମଗ୍ରୀ ଆସିବା ପାଇଁ ଜାହାଜରେ ଲଦା ହୋଇ ସାରିଛି କିମ୍ବା ମାର୍ଗରେ ଅଛି, କିମ୍ବା କିଛି ନିର୍ଦ୍ଦିଷ୍ଟ ତାରିଖରେ ଆମେରିକା ପହଞ୍ଚି ସାରିଛି ତେବେ ତାହା ଉପରେ ଅତିରିକ୍ତ ଶୁଳ୍କ ଲାଗିବ ନାହିଁ। ତେବେ ଷ୍ଟିଲ, ଆଲୁମିନିୟମ, ଫାର୍ମା ସାମଗ୍ରୀକୁ ଏହି ଶୁଳ୍କରୁ ବାଦ୍ ଦିଆଯାଇଛି। ଏହି ଶୁଳ୍କ ଘୋଷଣା କରି ରୁଷ୍‌ରୁ ସାମଗ୍ରୀ ଆମିବା ଉପରେ କଟକଣା ଲଗାଉଥିବା ବିଭିନ୍ନ ଆଇନ ବିଷୟରେ ଟ୍ରମ୍ପ ଆଲୋଚନା କରିଛନ୍ତି। ରୁଷ୍‌ଠାରୁ ସାମଗ୍ରୀ ଆଣିବା ଦ୍ୱାରା ଦେଶର ବୈଦେଶିକ ନୀତି ପ୍ରଭାବିତ ହେଉଛି ବୋଲି ଟ୍ରମ୍ପ କହିଛନ୍ତି। ସେ ଭାରତ ସହିତ ଅନ୍ୟ ଦେଶମାନଙ୍କୁ ମଧ୍ୟ ଧମକ ଦେଇଛନ୍ତି। ଆମେରିକା ବିରୋଧରେ ଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ନୂଆ ନିର୍ଦ୍ଦେଶକୁ କଡ଼ା କଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଏଥିରେ ସଂଶୋଧନ କରିପାରନ୍ତି ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି। ଏହା ସହିତ ରୁଷ୍ ସହ ବାଣିଜ୍ୟ କାରବାର କରୁଥିବା ଅନ୍ୟ ଦେଶମାନଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହା ପୂର୍ବରୁ ୨୪ ଘଣ୍ଟା ତଳେ କହିଥିଲେ ଯେ ଭାରତ, ରୁଷ୍ ସହ ବ୍ୟବସାୟ କରି ୟୁକ୍ରେନ ଯୁଦ୍ଧକୁ ଇନ୍ଧନ ଯୋଗାଉଛି। ଏଥିଯୋଗୁଁ ଆମରିକାକୁ କଡ଼ା ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସେ ଧମକ ଦେଇ ୨୪ ଘଣ୍ଟା ମଧ୍ୟରେ ଅତିରିକ୍ତ ଶୁଳ୍କ ଲଗାଇବେ ବୋଲି କହିଥିଲେ।

### ୬୫ ଲକ୍ଷର ହିସାବ...

କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ବେଳେ ପ୍ରଶାନ୍ତ ଭୂଷଣ ଅଭିଯୋଗ କରିଥିଲେ ଯେ ସଂଶୋଧିତ ତାଲିକାରେ ଏମିତି ୭୫ ଭାଗ ଭୋଟରଙ୍କ ନାମ ସ୍ଥାନ ପାଇଛି, ଯେଉଁମାନେ ଭୋଟର ଫର୍ମ ପୂରଣ କରିଛନ୍ତି, କିନ୍ତୁ ପ୍ରମାଣ ଲାଗି ଯେଉଁ ୧୧ଟି ପ୍ରମାଣପତ୍ରର ସର୍ତ୍ତ ରଖାଯାଇଛି, ସେଥିରୁ ଗୋଟିଏ ହେଲେ ଦସ୍ତାବିଜ ଦାଖଲ କରି ନାହାନ୍ତି। କିନ୍ତୁ ବୁଥ୍ ଅଫିସରଙ୍କ ସୁପାରିସ କ୍ରମେ ସେମାନଙ୍କ ନାମକୁ ସଂଶୋଧିତ ତାଲିକାରେ ସାମିଲ କରାଯାଇଛି। କେଉଁ ଆଧାରରେ କମିସନ ଏଭଳି ପଦକ୍ଷେପ ନେଇଛନ୍ତି? ଏହା ଏକ ଗୁରୁତର ପ୍ରସଙ୍ଗ ଏବଂ ସମଗ୍ର ସଂଶୋଧନ ପ୍ରକ୍ରିୟାକୁ ସନ୍ଦେହ ଘେରକୁ ଟାଣି ଆଣିଛି। ଏହି ଅଭିଯୋଗ ଶୁଣିବା ପରେ କୋର୍ଟ କହିଲେ ଯେ ଆସନ୍ତା ୧୨ ତାରିଖରେ ଏହି ମାମଲା ଉପରେ ଶୁଣାଣି କରାଯିବ। ସେହି ସମୟରେ ଆବେଦନକାରୀ ତଥ୍ୟ ସହିତ ଏହି ଅଭିଯୋଗ ଉପସ୍ଥାପିତ କରିପାରିବେ।

ସୂଚନାଯୋଗ୍ୟ ଯେ ନିର୍ବାଚନ କମିସନ ଜୁନ୍ ୨୪ ତାରିଖରେ ଦେଇଥିବା ଏସ୍‌ଆଇଆର୍ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ ହୋଇଛି। ଏହାକୁ ବିଚାର ପାଇଁ ଗ୍ରହଣ କରି ସୁପ୍ରିମ କୋର୍ଟ କମିସନଙ୍କୁ ନୋଟିସ ଜାରି କରିବା ସହିତ ଆସନ୍ତା ୧୨ ଓ ୧୩ ତାରିଖରେ ମାମଲାର ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କାରିଛନ୍ତି। କୋର୍ଟ ଏହାସହିତ ସ୍ପଷ୍ଟ କରିଥିଲେ ଯେ ତାଲିକା ସଂଶୋଧନ ବେଳେ ବହୁସଂଖ୍ୟାରେ ଭୋଟର ବାଦ୍ ପଡ଼ିଲେ କୋର୍ଟ ହସ୍ତକ୍ଷେପ କରିବାକୁ ବାଧ ହେବେ।

ଗତ ଅଗଷ୍ଟ ପହିଲା ତାରିଖରେ ନିର୍ବାଚନ କମିସନ ବିହାର ଭୋଟରଙ୍କ ଚିଠାତାଲିକା ପ୍ରକାଶ କରିଥିଲେ। ଏଥିରେ ୭ କୋଟି ୨୪ ଲକ୍ଷ ଭୋଟର ସ୍ଥାନ ପାଇଥିବା ବେଳେ ୬୫ ଲକ୍ଷ ନାମକୁ ବାଦ୍ ଦିଆଯାଇଛି। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ଯେଉଁମାନଙ୍କର ନାମ ବାଦ୍ ପଡ଼ିଛି, ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ଲୋକ ମୃତ, ୩୬ ଲକ୍ଷ ଲୋକ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ ୭ ଲକ୍ଷ ଲୋକଙ୍କ ନାମ ଏକାଧିକ ରାଜ୍ୟରେ ସ୍ଥାନ ପାଇଛି। ତେବେ ସେମାନଙ୍କର ନାମ ଦିଆଯାଇ ନାହିଁ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.25-KUR-TRD-OT-2025-26

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ କୋଲକାତା-ଚେନ୍ନାଇ ମେନ୍ (Main) ଲାଇନ୍‌ରେ ହରିଦାସପୁର (HDS)-ଧାନମଣ୍ଡଳ (DNM) ଷ୍ଟେସନଗୁଡ଼ିକ ମଧ୍ୟସ୍ଥ NH-200(ନୂଆ NH-53)ର କି.ମି.370/25-27 ଠାରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):15,29,188.76, EMD (ଟଙ୍କାରେ) : 30,600/-, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.08.08.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.08.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-437/Q/25-26

**OFFICE OF THE PARADEEP MUNICIPALITY, PARADEEP**

**Quotation Call Notice no. 4434 / dt.05.08.2025**

The Executive Officer, Paradeep Municipality Paradeep invites sealed Quotation Call Notice from interested/ intending eligible Firms/ Fabricator Agencies/ Contractors for **"Supplying, providing and fixing of Pre-Cast RCC slab over drain at different places of Paradeep Municipality area"** DTCN alongwith terms & conditions can be obtained in the office of the Paradeep Municipality, Paradeep during office hours on payment of ₹4,000.00 (Rupees:- Four thousand) only (not refundable) and also available on office website www.paradeepmunicipality.in. from dt.07.08.2025 to dt.18.08.2025. Paper cost shall be paid as per the same method noted in DTCN downloaded online. The firms/ agencies/ febricator must be accompanied with photo copy of valid (i) PAN (ii) GSTIN (iii) Complete Organisation details, Authenticated proof of the firm (iv) Cost of tender paper and (v) EMD. The sealed Quotation and other documents will be received offline on or before dt.19.08.2025 upto 1.00 PM and will be opened on the same day at 4.00 PM in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

Executive Officer
Paradeep Municipality

OIPR-13120/11/0063/2526 C-817

GOVERNMENT OF ODISHA

**PANCHAYAT SAMITI: NARAYANPATNA**

PR & DW DEPARTMENT, ODISHA

E-Mail ID – ori-narayanpatna@nic.in

Letter No. 2630/2025/TCN.06/2025-26 / Dated. 06.08.2025

NOTICE INVITING TENDER

Bid Identification No. 06 of 2025-26 of B.D.O. Narayanpatna

1. Bid documents consisting of specification, the Bill of Quality, and the Tender Call Notice can be seen in the Govt. website: http://tendersorissa.gov.in/nicgep/app.

2.The Block Development Officer, Narayanpatna, Dist- Koraput, Pin-764014 (Odisha) invites Percentage rate Bids in Single cover System on behalf of Governor of Odisha in electronic tendering system for the construction works detailed in the table conforming with the terms and conditions of D.T.C.N. from the eligible civil contractors as mentioned in column (4), registered with the Odisha State Govt. and contractors of equivalent grade/class registered with Central Govt. The amount put to tender and bid security may be changed and confirmed at the time of available of tender documents. The bidders may participate for any bids or all the following works.

| Sl. No | Name of the Work | Amount put to Tender (Approx. In Lakhs) | Class of Contractor | Cost of Tender Paper | E.M.D. (Bid Security) in Rs | Period of completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of 1 Nos of Addl. Classroom at Rangapani PS | 14,14,652.00 | "C" & "D" | 6000/- | 14200/- | 06 Months |
| 2 | Construction of 1 Nos. of Addl. Classroom at Jhodipadar PS | 8,87,232.00 | "C" & "D" | 6000/- | 9000/- | 06 Months |
| 3 | Construction of 1Nos of Addl. Classroom at Kelubadi UPS | 8,95,637.00 | "C" & "D" | 6000/- | 9000/- | 06 Months |

03 (Three) No. of works only

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | From **11.08.2025** at 11.00 Hours to **25.08.2025** up to 17.30 Hours |
| Bid clarification start date & closing date | **11.08.2025 to 25.08.2025** during office hours |
| Offline documents received through Speed Post/ Registered Post | **From 11.08.2025 at 17.30Hours to 30.08.2025 at 11.00 Hours** |
| Date, time and venue of opening of bid online | (**01.09.2025 at 11.00 Hours**), Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participate, bidders in chamber of BDO Narayanpatna | **01.09.2025 at 11.00** Hours onwords. |
| If stipulation arises the tender will be decided through Lottery System | (**01.09.2025 at 11.30 Hours**) Office of the Block Development Officer, Panchayat Samiti, Narayanpatna |

Block Development Officer
Narayanpatna

**AFFIDAVIT**

By virtue of an affidvit no.1191, dtd. 21.06.2025 before the Notary Public, Koraput, I, Singisetty Jayashree, have changed my name from Maddi Jayashree to Singisetty Jayashree. Henceforth I shall be known as Singisety Jayashree vide Aadhaar no. 331308857113 also for all purposes.

Sd/- Singisetty Jayashree

**NOTICE**

By virtue of an affidavit sworn before The Notary Public, Sunabeda dated 04/08/2025, I, Smt. Muktarbanu Bibi, D/o- Rahimat Khan, Vill.- Patrapandi, Po.- Thuba, Ps.- Padwa, District- Koraput declare that I have changed my name from **Muktarban Begam** to **Muktarbanu Bibi**. Henceforth, I shall be known as **Muktarbanu Bibi** for all purposes.

Sd/- **Muktarbanu Bibi**

**AFFIDAVIT**

By virtue of an affidavit sworn before the Executive Magistrate, Badasahi, Mayurbhanj, dated 05.08.2025, I Manarama Mandal, Address At-Singtia, Po-Singtia, Ps-Badasahi, Dist-Mayurbhanj, State- Odisha, Pin-757026 declare that I have changed my name from Manorama Mandal to Manarama Mandal. Henceforth , I shall be known as Manarama Mandal for all purpose.

Manarama Mandal

**AFFIDAVIT**

By virtue of an affidavit before the Executive Magistrate, Balasore, I Shaikh Azad Alli, S/o- Sk Maphijuddin, At-Khaparapada P/S-Sahadevkunta, P.o/Dist: Balasore, Pin -756001, Odisha declared by this affidavit no-8395 dt-22.07.2025 that now onwards I shall be known as **Shaikh Azad Alli** instead of Shaikh Ajad Alli and Sk Ajad Alli for all future purpose .

**NOTICE**

By virtue of an affidavit sworn before The Notary Public, Sunabeda dated 24/07/2025, I, Sri Narayan Hantal, S/o- Kanda Hantal, Vill.- P. Khilaput, Po.- Bheja, Ps.- Padwa, District- Koraput declare that I have changed my daughter's name from **Iswari Hantal** to **Bhumika Hantal**. Henceforth, my daughter shall be known as **Bhumika Hantal** for all purposes.

Sd/- **Narayan Hantal**

**AFFIDAVIT**

By virtue of an affidavit sworn before the Notary Public, Nuapada dated 04/08/2025, I REENA MAJHI of village Kureswar, PO- Kureswar, PS- Komna, Dist.: Nuapada (Odisha) PIN- 766106 do hereby declare that I have changed my name Reena Majhi, D/o- Damburudhar Majhi from Gharamani Majhi D/o- Damburudhar Majhi. Henceforth, I shall be known as Reena Majhi for all purposes.

Reena Majhi

**AFFIDAVIT**

By virtue of an affidavit no. 274 dtd 07/04/2025 in the court of the Executive Magistrate, Nabarangpur, I Sabetri Soura, and Debaki Soura are same person, Worngly mentioned as Debaki Soura on my AADHAR, Henceforth I shall be known as Sabetri Soura as per my aadhar bearing number 643176179768 for all purpose.

Sd/- Sabetri Soura

**AFFIDAVIT**

I, Priyanka Priyadarsni Panda, D/o- Muna Panda, resident of At- Bajarakbati Road, Professorpada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN-753003, Odisha declared by this affidavit No. 1530, dtd- 01/08/2025 that now onwards I shall be known as **PRIYANKA PRIYADARSHANI PANDA** for all future purposes.

**AFFIDAVIT**

I, Sarbeswar Samantarya, S/o- Lochan Samantaray, resident of At- Krushnapur, Po- Narendrapur, Ps- Banpur, Pin- 752031, Dist- Khurda, Odisha declared by this affidavit No-615, dtd- 05/08/2025 that now onwards I shall be known as **SARBESWAR SAMANTARAY** for all future purposes.

**AFFIDAVIT**

I, Ranjan Kumar Samantarya, S/o- Sarbeswar Samantaray, resident of At- Krushnapur, Po-Narendrapur, Ps- Banpur, Pin- 752031, Dist- Khurda, Odisha declared by this affidavit No. 616, dtd- 05/08/2025 that now onwards I shall be known as **RANJAN KUMAR SAMANTARAY** for all future purposes.

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 06/08/2025. I, **Jyosna Bhoi,** aged about 44 years, W/o- Jalandhara Bhoi, Permanent resident of At- Sinapali, P.O. Rigdul, P.S. Titilagarh, Dist- Bolangir, (Odisha), PIN- 767033, now residing at the same place affirm that I have changed my minor daughter's name from **Lipsha Bhoi** (old name) to **Lily Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Lily Bhoi** (new name).

**JYOSNA BHOI**

**AFFIDAVIT**

I Ranjan Khatua, S/o- Banshidhar Khatua, resident of village- Daruha, Po-Katisahi, Ps-Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.2792/ dtd- 25/07/2025 that my actual name is Ranjan Khatua in all educational Certificates and Voter ID, that wrongly mentioned as Ranjita Khatua in Adhar. Ranjan Khatua and Ranjita Khatua is one & same person.Hence I shall be known as Ranjan Khatua for all future purpose.

**ଘୋଷଣା**

ମୁଁ ଜେ. ସନ୍ତୋଷ ପୃଷ୍ଟି, ପିତା-ଜେ. ମୋହନ ପୃଷ୍ଟି, ଠିକଣା- ଏଲ୍‌ବି-୨୪୪,ଫେଜ-୨, ଭୀମଟାଙ୍ଗି, ଥାନା-ଏୟାରଫିଲ୍ଡ, ଜିଲ୍ଲା- ଖୋର୍ଦ୍ଧା ଘୋଷଣା କରୁଅଛି ଯେ, ମୋ ବାପାଙ୍କ ବୟସାଧିକ ହେତୁ ତାଙ୍କର ମାନସିକ ଭାରସାମ୍ୟ ଠିକ ରହୁନାହିଁ। ମୁଁ ଜାଣିବାକୁ ପାଉଛି ଯେ ମୋ ବାପାଙ୍କ ନାମରେ ଥିବା ସମ୍ପତ୍ତି ମୌଜା- ଭୁବନେଶ୍ୱର ସହର, ୟୁନିଟ୍-୩୩, କପିଳପ୍ରସାଦ, ଖାତା ନଂ- ୧୨୦୬/୪୮୩, ପ୍ଲଟ ନଂ-୧୫୪୩/୩୧୨୯, ଏରିଆ ୦.୦୩୧ ଡେସିମିଲକୁ କିଛି ଖଳ ପ୍ରକୃତିର ଲୋକ କିଣାବିକା ଏବଂ ହାତେଇବା ପାଇଁ ଚେଷ୍ଟା କରୁଛନ୍ତି। ଏଣୁ ଯଦି କେହି ଏହି ସମ୍ପତ୍ତିକୁ କିଣାବିକା କରିଥାଆନ୍ତି ସେଥିପାଇଁ ଆମେ ଦାୟୀ ରହିବୁ ନାହିଁ ଏବଂ ସମ୍ପୂର୍ଣ୍ଣ ବେଆଇନ ଅନୁଯାୟୀ ବିବେଚିତ ହେବେ।

ଜେ. ସନ୍ତୋଷ ପୃଷ୍ଟି

## ମାର୍ଶାପାଳରୁ ମହୁଲି ମଦ ଜବତ

ଆନନ୍ଦପୁର, ୬।୮ (ସମିସ): ଏବେ ଆକ୍ସନ ମୋଡରେ ଘସିପୁରା ପୁଲିସ। ଘସିପୁରା ଥାନା ମାର୍ଶାପାଳ ଗାଁରେ ଥାନା ଅଧିକାରୀ ମାନସ କୁମାର ବାରିକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଚଢ଼ଉ କରି ୯୦୦ ଲିଟର ମହୁଲି ପୋଚକୁ ନଷ୍ଟ କରିବା ସଙ୍ଗେ ସଙ୍ଗେ ୧୦ ଲିଟର ଦେଶୀ ମଦକୁ ଜବତ କରିଛନ୍ତି। ଜଳାକାର ସାହୁଙ୍କୁ ଗିରଫ କରିବା ସହିତ ୧୧୫ ବୋତଲ ବିଦେଶୀ ମଦ ଜବତ କରିଥିବା ଜଣାପଡ଼ିଛି।

## ସହାୟତାରୁ ବଞ୍ଚିତ ଭିନ୍ନକ୍ଷମ ନାବାଳକ

ତେଲକୋଇ, ୬।୮ (ସମିସ): ତେଲକୋଇ ବ୍ଲକ ଭୀମକାଣ୍ଡ ଗ୍ରାମର କୃଷ୍ଣ ମୁଣ୍ଡାଙ୍କ ଭିନ୍ନକ୍ଷମ ନାବାଳକ ପୁଅ ଅବିନାଶ (୧୪) ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଅବିନାଶଙ୍କୁ ଅଦ୍ୟାବଧି ଭିନ୍ନକ୍ଷମ ସହାୟତା ମିଳିନଥିବାବେଳେ ସେ ୬୫ ପ୍ରତିଶତ ଭିନ୍ନକ୍ଷମଥିବା ପ୍ରମାଣପତ୍ରକୁ ଧରି ବାରମ୍ବାର ହେଉଛନ୍ତି। କେତେବେଳେ ପଞ୍ଚାୟତ ତ କେତେବେଳେ ବ୍ଲକ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ହାଲିଆ ହେଲେଣି। ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି। ତୁରନ୍ତ ଅବିନାଶଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଛି।

## ଆବାସ ଯୋଜନାରେ ଆର୍ଥିକ ଅନିୟମିତତା !

ତେଲକୋଇ, ୬।୮ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ଆବାସ ଯୋଜନାରେ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଖୁଣ୍ଟାପଡ଼ା ପଞ୍ଚାୟତ ମଧୁସୂଦନପୁର ଗ୍ରାମର ଜଣେ ଆବାସ ହିତାଧିକାରୀଙ୍କ ଟଙ୍କା ମୃତ ବ୍ୟକ୍ତିଙ୍କ ଜମାଖାତାକୁ ଯାଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟରତ ଜିଆରଏସ ତଥା ଏଡିଓଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଯାହାକୁ ନେଇ ଆବାସ ହିତାଧିକାରୀ ବାବୁଲି ନାଏକ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେ ଦୀର୍ଘ ଦିନ ସରକାରଙ୍କ ତରଫରୁ ମିଳିଥିବା ଆବାସ ଗୃହ ନିର୍ମାଣ କରିଥିଲେ ସୁଦ୍ଧା ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ମନରେଗା ଅର୍ଥ ପାଇ ପାରି ନାହାନ୍ତି। ଜବ କାର୍ଡ ନମ୍ବର ରେ ସଂପୃକ୍ତ ଏଡିଓ ଶ୍ରମିକ ମଜୁରୀ ନଦେଇ ତିନି ଜଣ ମୃତ ବ୍ୟକ୍ତି ରଘୁ ନାଏକ, ଧନେଶ୍ୱର ନାଏକ ଓ ବ୍ରହ୍ମାନନ୍ଦ ନାଏକଙ୍କ ନାମରେ ଅର୍ଥ ପ୍ରଦାନ କରିଛନ୍ତି। ଏହାକୁ ନେଇ ସଂପୃକ୍ତ ଏଡିଓ ହିତାଧିକାରୀଙ୍କୁ ଗାଳିଗୁଲଜ କରିବା ସହିତ ପାଖରେ ରଖିଥିବା ଗୁଣ୍ଡା ଦ୍ୱାରା ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ କହିଛନ୍ତି, ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଦାଦନ ଯୁବକ ନିଖୋଜ



ବାଲିବନ୍ଧ, ୬।୮ (ସମିସ): ସାଙ୍ଗମାନଙ୍କ ଗହଣରେ କାମ ଅନ୍ୱେଷଣରେ ଯାଉଥିଲେ, ହେଲେ ଅଧା ବାଟରୁ ଯୁବକ ନିଖୋଜ ହେବାନେଇ ରେଲୱେ ଥାନାରେ ଅଭିଯୋଗ ହୋଇଛି। ଆନ୍ଧ୍ରପ୍ରଦେଶର ଘୁଣ୍ଟକାଲ ରେଲୱେ ଷ୍ଟେସନରେ ଏଭଳି ଘଟିଥିବା ଅଭିଯୋଗ ଆଣିଛନ୍ତି ନିଖୋଜ ଯୁବକଙ୍କ ଭାଇ ରାଉତ ନାଏକ। ନିଖୋଜ ଯୁବକ ଜଣକ ହେଲେ ବାମେବାରୀ ଥାନା ଅନ୍ତର୍ଗତ ମଳଦା ପଞ୍ଚାୟତ ଲୁଣଗାଡ଼ିଆ ଗ୍ରାମର କରୁଣାକର ନାଏକଙ୍କ ୩୮ ବର୍ଷର ପୁଅ ବିରଞ୍ଚି। ଟ୍ରେନ ଯୋଗେ ଏହି ଯୁବକମାନେ କାମ ଅନ୍ୱେଷଣରେ ବେଙ୍ଗାଲୁରୁକୁ ଯାଉଥିଲେ। ୨୬ ତାରିଖରେ ନିକଟସ୍ଥ ନୟାଗଡ଼ ରେଲୱେ ଷ୍ଟେସନରୁ ଟ୍ରେନରେ ଭୁବନେଶ୍ୱର ଏବଂ ସେଠାରୁ ବାଙ୍ଗାଲୁର ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶର ଘୁଣ୍ଟକାଲ ରେଲୱେ ଷ୍ଟେସନରୁ ୨୮ ତାରିଖରେ ବିରଞ୍ଚି ନିଖୋଜ ହୋଇଥିବା ଲିଖିତ ଅଭିଯୋଗ ହୋଇଛି। ପରିବାରବର୍ଗ ଏବଂ ସାଙ୍ଗମାନେ ବହୁ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ମିଳିପାରି ନାହିଁ।

## ଦୁଇଦିନିଆ ବିପର୍ଯ୍ୟୟ ପ୍ରଶମନ ତାଲିମ

କେନ୍ଦୁଝର, ୬।୮ (ସମିସ): ଓସଡମା ସହଯୋଗରେ କେନ୍ଦୁଝର ଆପତକାଳୀନ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସମ୍ପ୍ରସାରଣ ତାଲିମ କେନ୍ଦ୍ରରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦୁଇଦିନିଆ ବିପର୍ଯ୍ୟୟ ପ୍ରଶମନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମଦନଧର ମହାଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲା ବେଳେ ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ ଜେନା କାର୍ଯ୍ୟକ୍ରମର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ରେଡକ୍ରସ ଯୁଗ୍ମସମ୍ପାଦକ ତଥା ଜାତୀୟସ୍ତରୀୟ ମାଷ୍ଟର ତାଲିମଦାତା ଏଆର ଖାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଇଜାଜ ଇକବାଲ ଶିବିରରେ ୫୭ ଜଣ ପିଇଓଙ୍କୁ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଅବଗତ କରିଥିଲେ। ମାଷ୍ଟର ଟ୍ରେନର ରଞ୍ଜନ ପଟ୍ଟନାୟକ, କେଦାରନାଥ ଆରୁକ, ଡକ୍ଟର ମହାରଣା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ତାଲିମ ପ୍ରଦାନ କରିଥିଲେ। ଝସକେତନ ମହାନ୍ତ, ସେକ ମହମ୍ମଦ ସହନାୱାଜ, ସନ୍ଦୀପ ପଟନାୟକ, ମାନସ ସେଠୀ, ସସ୍ମିତାରାଣୀ ଧର ଶିବିର ପରିଚାଳନା କରିଥିଲେ।

## ଚାଷୀ ପଞ୍ଜୀକରଣ ରଥର ଶୁଭାରମ୍ଭ

ଚମ୍ପୁଆ, ୬।୮ (ସମିସ): ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଖରିଫ ଋତୁରେ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ନିମନ୍ତେ ଏକ ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ଯୋଡା, ଚମ୍ପୁଆ ଓ ଝୁମ୍ପୁରା ଅଞ୍ଚଳରେ ପରିକ୍ରମା କରି ଚାଷୀ ପଞ୍ଜୀକରଣର ପ୍ରକ୍ରିୟା, ଆବଶ୍ୟକ କାଗଜପତ୍ର ଓ ପଞ୍ଜୀକରଣ ସମୟରେ ଆଧାର ଭିତ୍ତିକ ଇ-କେୱାଇସି ବିଷୟରେ ଚାଷୀକୁ ଅବଗତ କରିବା ସହିତ ଅବଧି ବିଷୟରେ ସୂଚନା ପ୍ରଦାନ କରିବ। ଭାଗ ଚାଷୀ, କ୍ଷୁଦ୍ର ଓ ନାମ ମାତ୍ର ଚାଷୀ କିପରି ଓ କିଭଳି ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବେ ତାହା ଲକ୍ଷ୍ୟ ରଖାଯାଇଛି। ଏହାସହ ସମିତିର ଦାୟିତ୍ୱ, ହେଲ୍ପଡେସ୍କ ଓ ହେଲ୍ପଲାଇନ ମାଧ୍ୟମରେ ସୁବିଧା ପାଇପାରିବେ ବୋଲି ଜଣାଯାଇଛି। ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ବରିଷ୍ଠ ନାଗରିକ ଧିରେନ ଦାସ ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନ ପ୍ରମୁଖ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। **ଆନନ୍ଦପୁର:** ସେହିପରି ଆନନ୍ଦପୁର ଆରଏମସି ପକ୍ଷରୁ ଆଜି ଏକ ଧାନ ପ୍ରଚାର ରଥର ଶୁଭାରମ୍ଭ ହୋଇଛି। କାର୍ଯ୍ୟାଳୟ ସମ୍ପାଦକ ଶକ୍ତିଧର କାଣ୍ଡିଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ପତାକା ଦେଖାଇ ଏହି ଗାଡିର ଶୁଭାରମ୍ଭ କରିଥିଲେ। ଏଆରସିଏସ ରାମଚନ୍ଦ୍ର ବିଶ୍ୱାଳ, ଜଳଧର ସିଂ, ଶକ୍ତିପ୍ରସାଦ ମିଶ୍ର. ଅମୀୟ ପଟନାୟକ, ସୁବ୍ରତ ବେହେର. ଚିତ୍ରସେନ ପାତ୍ର, ଦିଲୀପ ସାହୁ, ଲିଙ୍କି ଜେନା ପ୍ରମୁଖ ସହଯୋଗ କରିଥିଲେ।

# ସମାକୋଇ ନଦୀରୁ ଚାଲିଛି ବାଲି ଲୁଟ୍

ତେଲକୋଇ, ୬।୮ (ସମିସ)



ତେଲକୋଇ ବ୍ଲକର ଜୀବନରେଖା ସମାକୋଇ ନଦୀଗର୍ଭ ଏବେ ବାଲି ମାଫିଆଙ୍କ କବଜାରେ ରହିଛି। ସନ୍ଧ୍ୟା ଓ ଭୋର ପ୍ରାୟ ୩ରୁ ୪ଟା ଯାଏଁ ଶହ ଶହ ଟ୍ରିପ ବାଲି ବେଆଇନ ଚୋରା ଚାଲାଣ ହେଉଛି। ଉକ୍ତ ନଦୀର କଦଳୀକୁଣ୍ଡ, ନୂଆ ବସଷ୍ଟାଣ୍ଡ ତଳମୁଣ୍ଡ, କଣା ଆମ୍ବ ଓ ଉଷାଦରହ ଏବେ ବାଲି ମାଫିଆଙ୍କ ଭୂସ୍ୱର୍ଗ ସାଜିଛି। ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରୁଥିବା କେତେକ ଠିକାସଂସ୍ଥା ଓ କେତେକ ଫ୍ଲାଏ ଆସ ଇଟା ଭାଟି ମାଲିକଙ୍କୁ ମାଫିଆମାନେ ମୋଟା ଅଙ୍କରେ ବାଲି ବିକ୍ରି କରୁଛନ୍ତି। ଏଥିରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ବାଲି ମାଫିଆ ଓ କେତେକ ପ୍ରଶାସନିକ ଅଧିକାରୀଙ୍କ ପକେଟ ଗରମ ହେଉଥିବା ଅଭିଯୋଗ ହୋଇଛି। ବାଲି ମାଫିଆମାନେ ଖଣି ବିଭାଗଠୁ ଆରମ୍ଭ କରି ରାଜସ୍ୱ ବିଭାଗ ଓ ପୁଲିସ ପ୍ରଶାସନକୁ ହାତକରି ଅନାୟସରେ ରାଜସ୍ୱ ଲୁଟ କରୁଛନ୍ତି। ସ୍ଥାନୀୟ ଲୋକେ ଯେତେ ଅଭିଯୋଗ କଲେ ସୁଦ୍ଧା ବେଆଇନ ବାଲି ଚୋରା କାରବାର ଦିଗରେ କେହି ପଦକ୍ଷେପ ଗ୍ରହଣ କରୁ ନଥିବା ସଙ୍ଗୀନ ଅଭିଯୋଗ ହୋଇଛି। ବାଲି ମାଫିଆ ଓ ପ୍ରଶାସନ ମଧ୍ୟରେ ମଧୁଚନ୍ଦ୍ରିକା ଥିବା କୁହାଯାଉଛି। ନଦୀରେ ବନ୍ୟାଜଳ ପ୍ରବାହିତ ହେବା ପରେ ପରେ ନଦୀପଠା ଓ ନଦୀଗର୍ଭରେ ପଡ଼ିଥିବା ବାଲିକୁ ମାଫିଆମାନେ ଜେସିବିରେ ତାଡି ଲୁଟ କରିବାରେ ବ୍ୟସ୍ତ ରହୁଛନ୍ତି। ରାଜସ୍ୱ ଜଗିବାକୁ ଗଠନ ହୋଇଥିବା ସ୍ୱତନ୍ତ୍ର ଟାସ୍କ ଫୋର୍ସ ଟିମ୍ ମାଫିଆଙ୍କ ପ୍ରତି ଆଖି ବୁଜି ଦେଇଛି। ଶାସକ ଦଳର କେତେକ କୁଜି ନେତା ଓ ବିଧାୟକଙ୍କ ଖାସ ଲୋକ ବୋଲାଉଥିବା କେତେକ କର୍ମୀ ଏହି ବେଆଇନ ଚୋରା ବାଲି କାରବାରର ମୁଖ୍ୟ କାର୍ପଟଦାର ସାଜିଥିବା ଅଭିଯୋଗ ହୋଇଛି। କେହି ମୁହଁ ଖୋଲିଲେ କିମ୍ବା ବିରୋଧ କଲେ ସଂପୃକ୍ତ ବାଲି ମାଫିଆମାନେ ଟ୍ରାକ୍ଟର ଚଢାଇ ଜୀବନରୁ ମାରି ଦେବାକୁ ଖୋଲା ଖୋଲି ଧମକଚମକ ମଧ୍ୟ ଦେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ବେଆଇନ ବାଲି କାରବାରକୁ ବନ୍ଦ କରିବା ସହ ବାଲି ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତେଲକୋଇ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ମିଳିତ ଚଢ଼ଉ; ୫ ବାଲି ଟ୍ରାକ୍ଟର ସହ ଜେସିବି ଜବତ

ଆନନ୍ଦପୁର/ବେଲବାହାଳି, ୬।୮ (ସମିସ): ଆନନ୍ଦପୁର ଉପଖଣ୍ଡ ବିଭିନ୍ନ ବାଲିଘାଟରେ ଖଣିବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଚଢଉ ଫଳରେ ୫ ବାଲି ବୋଝେଇ ଟ୍ରାକ୍ଟର, ଏକ ଜେସିବି ମେସିନ୍ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ଜଣେ ଡ୍ରାଇଭରକୁ ଅଟକ ରଖାଯାଇଛି। ଖଣିବିଭାଗ ଘଷିପୁରା ପୁଲିସ୍ ସହାୟତାରେ ପ୍ରଥମେ କୁଶେଇ ନଦୀର ଟୋଲଙ୍କପଡା କୁରୁମେଇ ଘାଟଠାରେ ଚଢଉ କରିଥିଲା। ସେଠାରୁ କେତେକ ଟ୍ରାକ୍ଟର ଖସି ପଳାଇଥିବା ବେଳେ ଗୋଟିଏ ଟ୍ରାକ୍ଟର ସହ ବାଲି ଉତ୍ତୋଳନରେ ବ୍ୟବହୃତ ଜେସିବି ମେସିନ୍‌କୁ ଜବତ କରାଯାଇଛି। ପରେ ବୈତରଣୀ ନଦୀର ଅମାରଙ୍ଗ ଘାଟରୁ ବାଲି ବୋଝେଇ କରି ଆସୁଥିବା ୪ଟି ଟ୍ରାକ୍ଟରକୁ ଜବତ କରିଛି ଖଣିବିଭାଗ। ଏମାନଙ୍କ ବିରୋଧରେ ମୋଟା ଅଙ୍କର ଫାଇନ୍ ହେବାକୁ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ବର୍ଷାଋତୁକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ଜୁନ୍ ମାସ ୫ରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ବାଲି ପରିବହନକୁ ବନ୍ଦ କରାଯାଇଛି। ଏହି ଦୃଷ୍ଟିରୁ ଚୋରା ଚାଲାଣ ଧରପଗଡ଼ ଅଭିଯାନ ନିୟମିତ ବ୍ୟବଧାନରେ ଜାରି ରହିଛି।

## ୬୬୨ ବର୍ଗ ମହାବିଦ୍ୟାଳୟ ସଂଘର ଧାରଣା ଓ ଦାବିପତ୍ର

କେନ୍ଦୁଝର, ୬।୮ (ସମିସ): ବୁଧବାର କେନ୍ଦୁଝର ଜିଲ୍ଲା ୬୬୨ ବର୍ଗ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘର ଅଧ୍ୟାପକ ଓ କର୍ମଚାରୀମାନେ ଜିଲ୍ଲାପାଳଙ୍କ ସମ୍ମୁଖରେ ଧାରଣା ଦେଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ ରାଜ୍ୟର ପ୍ରାୟ ୭୦ ଭାଗ ବିଦ୍ୟାର୍ଥୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିଥାନ୍ତି। ବିଭିନ୍ନ ସମୟରେ ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାର ଅବହେଳା କରି ଆସୁଛନ୍ତି। ପେନସନ୍ ଓ ଚାକିରୀ ସର୍ତ୍ତାବଳୀ ବିହୀନ ଏହି କର୍ମଚାରୀମାନେ ୩୦/୩୫ ବର୍ଷ ସେବା କରି ଖାଲି ହାତରେ ଅବସର ଗ୍ରହଣ କରୁଛନ୍ତି। ଚାକିରୀ ସର୍ତ୍ତାବଳୀ ସହିତ ପେନସନ ପ୍ରଦାନ କରିବାକୁ ଦାବି କରି ଆସୁଥିବା ବେଳେ ଏ ପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ। କେନ୍ଦୁଝର ଜିଲ୍ଲା ସଭାପତି ସତ୍ୟନାରାୟଣ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଏହି ଦାବିପତ୍ର ପ୍ରଦାନ ସମୟରେ ଅଧ୍ୟାପକ ନରେନ୍ଦ୍ର ଶତପଥୀ, ସଂଗ୍ରାମ କେଶରୀ ବେହେରା, ଅଶୋକ ସାହୁ, ପ୍ରକାଶ ଆଚାର୍ଯ୍ୟ, ନାରାୟଣ ସାହୁ, ହିମାଂଶୁ ଶେଖର ମହାନ୍ତ, ତୁଳସୀ ଚରଣ ମହାନ୍ତ, ସ୍ମୃତି ବାନାର୍ଜୀ, ନିରୁପମା ଦାସ, ଏଲିନା ନାୟକ, ଅମୀୟ ସାମନ୍ତରା, ପରେଶ ଧର, ସନ୍ତୋଷ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ଓଏସ୍‌ସିପିସିଆର୍ ସଦସ୍ୟା ହେଲେ ସୁକେଶି ଓରାମ



ଚମ୍ପୁଆ, ୬।୮ (ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ କଦଗଡିଆ ପଞ୍ଚାୟତର ବରିଷ୍ଠ ବିଜେପି ସଭାନେତ୍ରୀ ସୁକେଶି ଓରାମ ହେଲେ ରାଜ୍ୟ ଶିଶୁ ସୁରକ୍ଷା ଓ ଅଧିକାର ସଦସ୍ୟା। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ସଂଖ୍ୟା ୧୯୮୧୪ ତା. ୦୫।୦୮।୨୦୨୫ରେ ବିଧିବଦ୍ଧ ଘୋଷଣା ପରେ ଚମ୍ପୁଆ ବିଜେପିରେ ଖୁସିର ଲହରି ଖେଳିଯାଇଛି। ସୁଶ୍ରୀ ଓରାମ ଭାରତୀୟ ଜନତା ପାର୍ଟିର ଜଣେ ଆଗଧାଡିର ନେତ୍ରୀ ଭାବେ ବେଶ ପରିଚିତ। ପୂର୍ବରୁ ବିଜେପି ପକ୍ଷରୁ ତାଙ୍କୁ ରାଜ୍ୟ ଉପସଭାନେତ୍ରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ନିଜ ଦାୟିତ୍ୱକୁ ନିଷ୍ଠାର ସହ ସମ୍ପାଦନ କରୁଥିବା ଏହି ମହିଳା ଆଜି ଶିଶୁ ସୁରକ୍ଷା ଓ ଅଧିକାର ସଦସ୍ୟା ଭାବେ ମନୋନୀତ ହୋଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି।

## ଶ୍ରୀଝାଡ଼େଶ୍ୱର ପୀଠରେ ଶ୍ରାବଣୀ ଭଜନ ସମାରୋହ


ଆନନ୍ଦପୁର, ୬।୮ (ସମିସ): ଆନନ୍ଦପୁର କଳାକାର ସଙ୍ଘ ପକ୍ଷରୁ ଝାଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶ୍ରାବଣୀ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏସଏନ ମ୍ୟୁଜିକ ପକ୍ଷରୁ କଣ୍ଠଶିଳ୍ପୀ ସୁଦାମ ନାହାକ, ମାନସୀ ପଣ୍ଡା, ସୁଦର୍ଶନ ରଣା, ବଳରାମ ଜେନା, ରଞ୍ଜନ ଜେନା, ପ୍ରଦୀପ ରାମ, ରିୟାଂଶ ସାହୁ ଭଜନ ପରିବେଷଣ କରିଥିଲେ। କଳାକାର ସଙ୍ଘ ସମ୍ପାଦକ ରାଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଭାତ ରାଉତଙ୍କ ସଂଯୋଜନାରେ ପ୍ରେସକ୍ଲବ ସଭାପତି ନାରାୟଣ ସାହୁ, ସମାଜସେବୀ ଜ୍ଞାନଲୋକ ପଣ୍ଡା, ସଙ୍ଗୀତ ଗୁରୁ ମନୋଜ ପତି, ବ୍ରଜକିଶୋର, ଗାୟିକା ମୋହିନୀ ମଞ୍ଜରୀ ନାହାକଙ୍କ ଦ୍ୱାରା ଏକ "ବୋଲବମ ଭଜନ'ର ଉନ୍ମୋଚନ କରାଯାଇଥିଲା। ଆନନ୍ଦପୁରର ଦୁଇ ଶିଶୁ କଣ୍ଠଶିଳ୍ପୀ ନିଶିକାନ୍ତ ଓ ସ୍ମୃତିରେଖା ଗୀତଟିକୁ ଗାଇଥିବା ବେଳେ ସ୍ଥାନୀୟ କଳାକାର, ଗୟାଧର ପତି, ଅନାଦି ସା, କୈଳାଶ ନାୟକ, ମନୋଜ ମହାନ୍ତି, ଅନିଲ ସାହୁ, ଶୁଭଦର୍ଶିନୀ ସାହୁ, ବୃନ୍ଦାବନ ସ୍ୱାଇଁ, ୟୁଟ୍ୟୁବର ବିଦିଶା ଚକ୍ରବର୍ତ୍ତୀ, ଆୟେଷା ଚକ୍ରବର୍ତ୍ତୀ, ମାମାଲି ସାହୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ




ତେଲକୋଇ, ୬।୮ (ସମିସ): ଚାରିଗଡ଼ ମହାବିଦ୍ୟାଳୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନା ଚାରିଗଡ଼ ମହାବିଦ୍ୟାଳୟ ତେଲକୋଇ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ପାର୍ବତୀ ସାହୁ, ଇତିହାସ ବିଭାଗ ଅଧ୍ୟାପକ ଡ. ନିତ୍ୟାନନ୍ଦ କର, ତର୍କଶାସ୍ତ୍ର ବିଭାଗ ଅଧ୍ୟାପକ ସୁରିଆ ଜୁଆଙ୍ଗ, ଗଣିତ ଅଧ୍ୟାପକ ଟୁନାରାମ ମହାନ୍ତ ଏବଂ ଯୁବ ରେଡ୍‌କ୍ରସ ସଂଯୋଜକ ସଞ୍ଜୟ ଦେହୁରୀ ଯୋଗ ଦେଇଥିଲେ। ତେଲକୋଇ ବନ ବିଭାଗ ପକ୍ଷରୁ ଦିଆଯାଇଥିବା ୨୦୦ ଚାରା ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା। ଜାତୀୟ ସେବା ଯୋଜନା ସଂଯୋଜକ ସନ୍ଦୀପ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ବୈତରଣୀ କୂଳରେ କୁଢ଼ କୁଢ଼ ଆବର୍ଜନା



ତୁରୁମୁଙ୍ଗା, ୬।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ପରମେଶ୍ୱର ଶିବ ମନ୍ଦିର ନିକଟ ବୈତରଣୀ ନଦୀର ଅନୁସୟା ଘାଟରେ ଶ୍ରାବଣ ମାସର ସୋମବାର ପାଇଁ ବୁଡ଼ ପକାଇ ପାଣି ଉଠାଇବାକୁ କାଉଡ଼ିଆଙ୍କ ପ୍ରବଳ ସମାଗମ ହୋଇଥିଲା। ପୂଜା ପରେ ପକାଇଥିବା ବର୍ଜ୍ୟବସ୍ତୁ କୁଢ଼ କୁଢ଼ ହୋଇ ପଡ଼ି ରହିଛି। ଏହି ଆବର୍ଜନା ନଦୀ ଘାଟକୁ ଅପରିଷ୍କାର କରିବା ସହ ପରିବେଶ ପ୍ରଦୂଷିତ କରିଥିବା ଦେଖିବାକୁ ମିଳିଛି। କୁଢ଼କୁଢ଼ ହୋଇ ବ୍ୟବହୃତ ପଲିଥିନ, ଶୋଲ ଚଉପତି, ଧୂପ ଜରି, ଦିଆସିଲ ଖୋଳ ଆଦି ଏଣେ ତେଣେ ପଡ଼ି ରହିଥିବାରୁ ଉକ୍ତ ନଦୀଘାଟ ଅସ୍ୱାସ୍ଥ୍ୟକର ହେବା ସହ ପରିବେଶ ପ୍ରଦୂଷିତ ହୋଇ ରହିଛି। ଉକ୍ତ ଘାଟରେ ଏବେ ସ୍ଥାନୀୟ ଲୋକେ ଗାଧୋଇବାକୁ ନାପସନ୍ଦ କରୁଛନ୍ତି। ଏଥିପ୍ରତି ମନ୍ଦିର କର୍ତ୍ତୃପକ୍ଷ, ସ୍ଥାନୀୟ ପ୍ରଶାସନ କିମ୍ବା ସାମାଜିକ କର୍ମୀ ଦୃଷ୍ଟି ଦେଇ ଘାଟର ପରିଷ୍କାର କରିବାର ପରିଲକ୍ଷିତ ହେଉନାହିଁ। ଏସବୁ ବର୍ଜ୍ୟବସ୍ତୁ ପାଣିରେ ପଡ଼ି ନଦୀ ଜଳ ଦୂଷିତ ହେବାର ଆଶଙ୍କା ରହିଛି।

## ଶ୍ରୀଦଧିବାମନଜୀଉଙ୍କ ଝୁଲଣ ଯାତ୍ରା



ଆନନ୍ଦପୁର, ୬।୮ (ସମିସ): ଆରାଧ୍ୟ ଦେବ ଶ୍ରୀଶ୍ରୀଦଧିବାମନଜୀଉଙ୍କ ଝୁଲଣ ଯାତ୍ରା ମନ୍ଦିର ପରିସରରେ ଚାଲିଛି। ସୋମବାରଠାରୁ ଆରମ୍ଭ ହୋଇଥିବା ବେଳେ ଶ୍ରାବଣ ପୂର୍ଣ୍ଣମୀ ଦିନରେ ଶେଷ ହେବ। ମହାପ୍ରଭୁ ଶ୍ରୀଦଧିବାମନଜୀଉଙ୍କ ପ୍ରତିନିଧି ଭାବେ ଶ୍ରୀମଦନମୋହନ ଓ ଭୂଦେବୀ, ଶ୍ରୀଦେବୀଙ୍କୁ ସନ୍ଧ୍ୟା ଆଳତି ପରେ ବେଶ କରାଯାଇ ସ୍ୱତନ୍ତ୍ର ବିମାନ ଯୋଗେ ଘଣ୍ଟଶଙ୍ଖ ହୁଳହୁଳି ଧ୍ୱନିରେ ଓ କୀର୍ତ୍ତନର ତାଳେତାଳେ ଝୁଲଣ ବେଦୀରେ ଉପବେଶନ କରାଯାଇଥାଏ। ମନ୍ଦିରର ରାଜପୁରୋହିତ ଶରତ ମିଶ୍ରଙ୍କ ମନ୍ତ୍ରପାଠରେ ଶ୍ରୀଜୀଉମାନେ ଝୁଲଣ ବେଦୀରେ ବିଜେ କରିଛନ୍ତି। ପୂଜକ ବାବୁଲି ଦାଶ, ସୁଆର ବିଶ୍ୱ ପାତ୍ରଙ୍କ ସମେତ ମଦନ ମୋହନ ମିଶ୍ର, ପରିଚାଳକ ସୁରେନ୍ଦ୍ର ମିଶ୍ର, ମନ୍ଦିର କମିଟି, ଦେବୋତ୍ତର ବିଭାଗର କର୍ମକର୍ତ୍ତା ସେବାୟତ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଝୁଲଣ ଯାତ୍ରା ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି।

# ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଦସ୍ୟଙ୍କ ଗସ୍ତ

ଚମ୍ପୁଆ/ବାଲିବନ୍ଧ, ୬।୮ (ସମିସ)



ରାଜ୍ୟ ଫୁଡ କମିଶନ ସଦସ୍ୟ ଦୟାନିଧି ଦାସ ଓ ସଦସ୍ୟ ଅକ୍ଷୟ ବେହେରା ଚମ୍ପୁଆ ବ୍ଲକ ଗସ୍ତ କରି ବିଭିନ୍ନ ଅଙ୍ଗନବାଡି, ଭଣ୍ଡା ଚିକିତ୍ସାଳୟ, ବିଦ୍ୟାଳୟ, ଛତୁଆ ପ୍ରସ୍ତୁତି କେନ୍ଦ୍ର ଓ ପିଡିଏସ୍ କେନ୍ଦ୍ର ଆଦି ପରିଦର୍ଶନ କରିଛନ୍ତି। ବିଡିଓ ସ୍ମୃତିରଂଜନ ସାହୁ, ସିଡିପିଓ ଲକ୍ଷ୍ମୀକାନ୍ତି ମାରାଣ୍ଡି, ଏସିଏସଓ ମାଙ୍ଗଲ ସିଂ, ଏସଡିଏମଓ ଉମାକାନ୍ତ ସାହୁ, ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ନାଏକ, ଡବ୍ଲୁଇଓ ପ୍ରମୋଦ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମେ ପର୍ଶଲା ପଞ୍ଚାୟତର ପିଡିଏସ କେନ୍ଦ୍ର ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ପରେ କୃଷ୍ଣପୁର, କାଳିକାପ୍ରସାଦ, ଗୁଲୁଦିପୋଶି, କାଶିପାଳ କ୍ରେଜ, କାଶିପାଳ ଉଚ୍ଚ ବିଦ୍ୟାଳୟ, କାଶିପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବଣ୍ଡା ସିଏଚ୍‌ସି ପରେ ଚମ୍ପୁଆ ପାଞ୍ଚପୋଖରିଆସ୍ଥିତ ଛତୁଆ ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ କରିଥିଲେ। କାଶିପାଳରେ ଥିବା ୭ ମାସରୁ ୩ ବର୍ଷର ଛୁଆଙ୍କ ନିମିତ କ୍ରେଜ ସେଣ୍ଟରରେ ମିଳୁଥିବା ଖାଦ୍ୟ, ଖାଦ୍ୟ ପ୍ରସ୍ତୁତି, ପୁଷ୍ଟିକର ଖାଦ୍ୟ ପ୍ରଦାନ ହେଉଛି କି ନାହିଁ ସେ ନେଇ କେନ୍ଦ୍ର ପରିଚାଳିକା ସହ ଆଲୋଚନା କରି କିପରି ଅଧିକରୁ ଅଧିକ ଯତ୍ନ ନିଆଯାଇପାରିବ ସେନେଇ ପରାମର୍ଶ ଦେଇଥିଲେ। ଭଣ୍ଡାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ରୋଗୀସେବା ଆଦି ବିଷୟରେ ପଚାରି ବୁଝିଥିଲେ। ଅପରାହ୍ନରେ ବ୍ଲକ ସଭାଗୃହଠାରେ ଏକ ସମୀକ୍ଷା ବୈଠକ ହୋଇଥିଲା। ପାଞ୍ଚପୋଖରିଆସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ରର ସଭାପତି ଗୀତାଞ୍ଜଳି ଦାସଙ୍କ ସହ ଆଲୋଚନା କରି ଗଚ୍ଛିତ ଥିବା ପଦାର୍ଥ, ପ୍ରସ୍ତୁତି ସ୍ଥାନର ପରିବେଶ ଆଦି ବୁଲି ଦେଖିଥିଲେ। ସଦସ୍ୟମାନେ ଛତୁଆ ସାମଗ୍ରିର ଦରବୃଦ୍ଧି ହେତୁ ଲାଭ କମ ହେଉଥିବା ସୂଚନା ଦେଇଥିଲେ। ସେହିପରି ଉଖୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ, ଝୁମ୍ପୁରାସ୍ଥିତ ଛତୁଆ କେନ୍ଦ୍ର ଆଦି ପରିଦର୍ଶନ କରି ଖାଦ୍ୟ, ରହଣି ବ୍ୟବସ୍ଥା ପରଖିଥିବାବେଳେ ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି।

ସେହିପରି ବାଲିବନ୍ଧ ଅନ୍ତର୍ଗତ ନାଗରପାଳ, ନୟାଧନୁର୍ଜପୁର, ଗଣ୍ଡବରେଇ ଆଦି ଅଙ୍ଗନବାଡି କେନ୍ଦ୍ର ଏବଂ ଆସନପାଟ ଆଶ୍ରମ ବିଦ୍ୟାଳୟ ଏବଂ କନ୍ୟା।।ଶ୍ରମ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ବିଡିଓ ହୃଦାନନ୍ଦ ଅଢା, ଚମ୍ପୁଆ ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ମଙ୍ଗଳ ସିଂ, ଝୁମ୍ପୁରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମଣିମାଳା ନାଏକ, ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ର, ଝୁମ୍ପୁରା ଖାଦ୍ୟ ଯୋଗାଣ ନିରୀକ୍ଷକ ସୌଭାଗ୍ୟ ପ୍ରସାଦ ମିଶ୍ର, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ, ମଙ୍ଗଳ ଅଧିକାରୀ ମନୋରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ସଙ୍ଘର ଦାବିପତ୍ର

ଆନନ୍ଦପୁର ୬।୮ (ସମିସ): ଆନନ୍ଦପୁର ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ବିଦ୍ୟାଳୟରେ ୟୁଏସଏ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିର କରାଯାଇଥିଲା। ବିଦ୍ୟାଳୟ ସ୍ତରରେ ଆବଶ୍ୟକ ଭିତ୍ତିଭୂମି ଯଥା କମ୍ପ୍ୟୁଟର ଶିକ୍ଷକ, ଆବଶ୍ୟକ ମୋବାଇଲ, ଇଣ୍ଟରନେଟ ଇତ୍ୟାଦି ନଥିବାରୁ ସମସ୍ତ ଶିକ୍ଷକବୃନ୍ଦଙ୍କ ପାଇଁ ଏହା ଏକ ଚିନ୍ତାର କାରଣ ହୋଇଛି। ଏଣୁ ସମସ୍ତ ଶିକ୍ଷକଙ୍କ ସାର୍ଥ ଦୃଷ୍ଟିକୋଣରୁ ସଂଘ ତରଫରୁ ଏହାକୁ ବିରୋଧ କରାଯାଇ ଏହାର ପୁନଃବିଚାର କରିବା ପାଇଁ ସରକାରଙ୍କୁ ନିବେଦନ କରାଯାଇଛି।

## ମଇଦାନକେଲ ପିଏଚ୍‌ସିରେ ଚକ୍ଷୁ ପରୀକ୍ଷା ଶିବିର

କେନ୍ଦୁଝର, ୬।୮ (ସମିସ): କେନ୍ଦୁଝର ଡେଭଲମେଣ୍ଟ ଟ୍ରଷ୍ଟ, ମଇଦାନକେଲ ସ୍ୱାସ୍ଥ୍ୟଉପକେନ୍ଦ୍ର ଓ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ମଇଦାନକେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ମଇଦାନକେଲ ପଞ୍ଚାୟତର ହରିହରପୁର, ବାସୁଦେବପୁର, ମଇଦାନକେଲ, କେରୀ, ଜଜପୋଶି, ତାଳପତା ଆଦି ଗ୍ରାମର ୩୯ ଜଣ ଆଦିବାସୀ ଭାଇଭଉଣୀ ପ୍ରାଥମିକ ସେବା ପାଇଛନ୍ତି। କେନ୍ଦୁଝର ଡେଭଲମେଣ୍ଟ ଟ୍ରଷ୍ଟର ସମ୍ପାଦକ ତଥା କେନ୍ଦୁଝର ସିଟିଜେନ ଫୋରମର ବରିଷ୍ଠ ସଦସ୍ୟ ଭକ୍ତବତ୍ସଳ ମହାନ୍ତି ଶିବିର ପରିଚାଳନା କରିଥିଲେ। ପଦ୍ମପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶିବଚରଣ ବାଘଙ୍କ ମାର୍ଗଦର୍ଶନରେ ମଇଦାନକେଲ ପ୍ରାଥମିକ ସ୍ୱାସ୍ଥ୍ୟର ଫାର୍ମାସିଷ୍ଟ ବିଜୟ ବେହେରା, ସ୍ୱାସ୍ଥ୍ୟସେବିକା ସ୍ୱାଗତିକା କର, ଭୂମିକା ଚକ୍ଷୁ ଚିକିତ୍ସାଳୟର ସୟନ ସୁନ୍ଦର ମାଇତି, ଭିଜନ ଟେକନିସିଆନ ଭବସ୍ମିତା ପାତ୍ର, ସୁଶ୍ରୀ ଲକ୍ଷ୍ମୀପ୍ରିୟା ବେହେରା, କ୍ଷେତ୍ରୀୟ ସଂଗଠକ ହିଂମାଶୁ ପାତ୍ର ପ୍ରମୁଖ ୧୨ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରି ପ୍ରାଥମିକ ସେବା ଓ ପରାମର୍ଶ ଯୋଗାଇଥିଲା ବେଳେ ୮ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ଦୃଷ୍ଟି ସମସ୍ୟା ଥିବା ୧୮ ଜଣ ବରିଷ୍ଠ ନାଗରିକଙ୍କୁ ମାଗଣାରେ ଚଷମା ବଣ୍ଟନ କରାଯାଇଛି। ଟ୍ରଷ୍ଟ କୋଷାଧ୍ୟକ୍ଷ ତଥା ଅଧିବକ୍ତା ସଞ୍ଜିବ ପାଇକରାୟ ଓ କାର୍ଯ୍ୟକ୍ରମ ପରାମର୍ଶଦାତା ଡା.ବିମ୍ବାଧର ବେହେରା କେନ୍ଦୁଝର ଜିଲ୍ଲାରେ ଚାଲିଥିବା ଅନ୍ଧତ୍ୱମୁକ୍ତ ଅଭିଯାନରେ ସର୍ବସାଧାରଣ ସହଯୋଗ କରିବାକୁ ନିବେଦନ କରିଛନ୍ତି। ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ଯୁବ ସ୍ୱେଚ୍ଛାସେବୀ, ମଇଦାନକେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀ, ସ୍ୱାସ୍ଥ୍ୟସହାୟକ ଜତିନ ମୁଣ୍ଡା, ଗୀତାଞ୍ଜଳି ମୁଣ୍ଡା, ପଞ୍ଚାୟତ ପ୍ରତିନିଧିଗଣ ସହଯୋଗ କରିଥିଲେ।

## ସରକାରୀ ଜମିରେ ଲାଗିଲା ପ୍ରବେଶ କଟକଣା

ଡୁରୁମୁଙ୍ଗା, ୬।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଟାଙ୍ଗରପଡା ଆର୍‌ଆଇ ସର୍କଲ ଟାଙ୍ଗରପଡା ମୌଜାରେ ଥିବା ମୂଲ୍ୟବାନ ସରକାରୀ ଜମିଗୁଡିକୁ ଚିହ୍ନଟ କରି ରାଜସ୍ୱ ପ୍ରଶାସନ ନିଜ ଦଖଲକୁ ନେଇଛନ୍ତି । ଜବରଦଖଲକାରୀ ଚେତାବନୀ ଦେଇ ଉକ୍ତ ଜାଗାରେ ନାଲି ପତାକା ଲଗାଇବା ସହ ସରକାରୀ ଜମିରେ ଅନାଧିକାର ପ୍ରବେଶ ଆଇନତଃ ଦଣ୍ଡନୀୟ ବୋଲି ପୋଷ୍ଟର ମରାଯାଇଛି । ଏଠାରେ ଥିବା ୪ ଏକର ୨୬ ଡ଼ିସିମିଲ ମୂଲ୍ୟବାନ ସରକାରୀ ଜାଗାକୁ ଜବରଦଖଲ କରି କଖାରୁ ଚାଷ ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ପାଇ ମଙ୍ଗଳବାର ସଂଧ୍ୟାରେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ ପହଞ୍ଚି ଉକ୍ତ ସ୍ଥାନକୁ ଚିହ୍ନଟ କରି ଏଭଳି ପଦକ୍ଷେପ ନେଇଛନ୍ତି । ମୂଲ୍ୟବାନ ସରକାରୀ ଜମିକୁ ଜବରଦଖଲ କଲେ ଓଡ଼ିଶା ଭୂ ଅବୈଧ ଦଖଲ ନିରାକାରଣ ନିୟମ ୧୯୭୨ ଅନୁସାରେ ଦଣ୍ଡନୀୟ କରାଯିବ ବୋଲି ତହସିଲଦାର ଅଶ୍ୱିନୀ କୁମାର ନାଏକ କହିଛନ୍ତି ।

## ବନ୍ୟପ୍ରାଣୀ ଡିଏଫ୍‌ଓଙ୍କୁ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୬।୮ (ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ବିଭାଗୀୟ ସଭାଗୃହରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ନୂତନ ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା, ଏସିଏଫ ଅଶୋକ ବିଶ୍ୱାଳ, ଏସିଏଫ ପବିର ମୁର୍ମୁ, ଏସିଏଫ ଉମାକାନ୍ତ ଦାଶ, ରେଞ୍ଜର ହଦଗଡ଼ ମାର୍ଶାଲ କିସ୍କୁ, ଆନନ୍ଦପୁର ଭାରପ୍ରାପ୍ତ ରେଞ୍ଜର ନବକିଶୋର ନାୟକ, ବ୍ରାହ୍ମଣୀପାଳ ଭାରପ୍ରାପ୍ତ ରେଞ୍ଜର ବ୍ରହ୍ମାନନ୍ଦ ବେହେରା ଓ ବନ କର୍ମଚାରୀମାନେ ବିଦାୟୀ ଡିଏଫଓ ଶ୍ରୀ ଦଳେଇଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ହାତୀ ଉପଦ୍ରବ ଜାରି; ପୁଣି ଭାଙ୍ଗିଲେ ୪ ଘର

ଡୁରୁମୁଙ୍ଗା, ୬।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ଥମୁନି ହାତୀପଲଙ୍କ ଉପଦ୍ରବ । ମଙ୍ଗଳବାର ବିଳମ୍ବିତ ରାତିରେ ପୁଣି ୪ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି ୩୧ ଟିକିଆ ହାତୀପଲ । ରେଞ୍ଜର ତୋଣ୍ଡ ବିଟ୍ ବଣମହୁଲଡିହା ଗ୍ରାମର ମୁଚିଆ ମୁଣ୍ଡା, ରାମ ମୁଣ୍ଡା, ବୁଦ୍ଧିଆ ମୁଣ୍ଡା, ସନାତନ ମୁଣ୍ଡାଙ୍କ ୪ଟି ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି ଏହି ହାତୀପଲ । ଏଥିସହ ଅଞ୍ଚଳରେ ଏକର ଏକର ଧାନ ଚାଷକୁ ପାଦରେ ମାଡି ଚକଟି ହାତୀପଲ ନଷ୍ଟ କରିଦେଇଛନ୍ତି । ହାତୀପଲଙ୍କ ଉପଦ୍ରବରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଥିବା ବେଳେ ବନ ବିଭାଗ ହାତୀପଲଙ୍କୁ ଘଉଡାଇବାରେ ବିଫଳ ଯୋଗୁଁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଖୁବଶୀଘ୍ର ହାତୀପଲଙ୍କୁ ଏ ଅଞ୍ଚଳରୁ ଘଉଡାଇବା ସହ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଲୋକେ ଦାବି କରିଛନ୍ତି ।

### ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିରେ ଅନିୟମିତତା

## ଥାନା ଗାଡ଼ି ଅଟକାଇ ସିଡିପିଓ କାର୍ଯ୍ୟାଳୟ ଘେରିଲେ ମହିଳା

ଡୁରୁମୁଙ୍ଗା, ୬।୮ (ସମିସ):



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଷାପଡ଼ା ଗ୍ରାମରେ ଥିବା ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ଅନିୟମିତତା ସହ ଅଙ୍ଗନବାଡି କର୍ମୀ ଯୁକ୍ତ ଦୁଇ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ନେଇ ଗ୍ରାମର ମହିଳା ଓ ଅଶାୟୀମାନେ ପାଟଣା ସିଡିପିଓଙ୍କ ସହ ଉପଜିଲ୍ଲାପାଳ କେନ୍ଦୁଝରଙ୍କ ନିକଟରେ ପୂର୍ବରୁ ଅଭିଯୋଗ ଆଣିଥିଲେ । କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଗ୍ରାମର ଶତାଧିକ ମହିଳା ମଙ୍ଗଳବାର ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ପ୍ରତିବାଦ କରିଥିଲେ । ବୁଧବାର ଅଙ୍ଗନବାଡି କର୍ମୀ ଅଙ୍ଗନବାଡି କେନ୍ଦ୍ରକୁ ଆସିଥିବା ସମୟରେ ତାଙ୍କୁ ଅଟକ ରଖିଥିଲେ । ପାଟଣା ପୁଲିସ ତାଙ୍କୁ ଉଦ୍ଧାର କରି ଘରେ ନେଇ ଛାଡିବା ପରେ ଉକ୍ତ ସ୍ଥାନରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଆସିଥିବା ପୁଲିସ ଗାଡି ସମ୍ମୁଖରେ ମହିଳାମାନେ ଛିଡା ହୋଇ ପାଟଣା ଥାନାର ଏଏସଆଇ ଧନେଶ୍ୱର ପାତ୍ରଙ୍କ ସହ ପାଟଣା ଥାନା ଗାଡିକୁ ଅଟକ ରଖିଲେ । ଏପଟେ ଚାବି ପଡିଥିବା କାରଣରୁ ସିଡିପିଓଙ୍କ ସହ ଅନ୍ୟ କର୍ମଚାରୀ ଅଫିସ ଭିତରେ ଫସି ରହିଥିଲେ । ପାଟଣା ଥାନାଧିକାରୀ ମାନସ ମହାକୁଳଙ୍କ ସହ ଅନ୍ୟ କର୍ମଚାରୀ ମହିଳାଙ୍କୁ ବୁଝାସୁଝା କରି ତାଲା ଖୋଲି କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ । ସିଡିପିଓ କହିଛନ୍ତି ଯେ ଅଙ୍ଗନବାଡି କର୍ମୀ ମମତା ନାଏକ ପୂର୍ବରୁ ସହାୟିକା ଭାବରେ କାର୍ଯ୍ୟ କରୁଥିଲେ । ପରେ ପଦୋନ୍ନତି କାରାଯାଇ ଅଙ୍ଗନବାଡି କର୍ମୀ ଭାବରେ ମାର୍କସିଟ୍ ଦେଖି ନିଯୁକ୍ତି ଦିଆଯାଇଛି । ଜାଲ୍ ସାର୍ଟିଫିକେଟ ଦେଇ ଚାକିରି ହାତେଇଥିବାର ସତ୍ୟ ପ୍ରମାଣ ମିଳିଲେ ଚାକିରିରୁ ବହିଷ୍କାର କାରାଯିବ ।

## ମହିଳା ଓ ଛାତ୍ରୀଙ୍କ ସୁରକ୍ଷା ପାଇଁ ବିଜେଡିର ସ୍ମାରକପତ୍ର



ବଡବିଲ, ୬।୮ (ସମିସ): ମହିଳା ଏବଂ ଛାତ୍ରୀଙ୍କୁ ସବୁ କ୍ଷେତ୍ରରେ ସୁରକ୍ଷା ଦେବା ସହ ଏମାନଙ୍କ ସହ ଦୁର୍ବ୍ୟବହାର ବା ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଦାବି କରାଯାଇଛି । ଦଳର ବଡବିଲ ଶାଖା ତରଫରୁ ସ୍ଥାନୀୟ ଥାନାଧିକାରୀଙ୍କ ଜରିଆରେରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପୁଲିସ ପ୍ରଶାସନକୁ ଅଧିକ ଦକ୍ଷ କରିବା ସହ ନାରୀଙ୍କୁ ସୁରକ୍ଷା ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ବଡବିଲ ତରଫରୁ ଦାବି କରାଯାଇଛି ।

## ବାତୋ ଗ୍ରାମରେ କଙ୍ଗାରୁ କୋର୍ଟ

ରାମଚନ୍ଦ୍ରପୁର, ୬।୮ (ସମିସ): ରାମଚନ୍ଦ୍ରପୁର ଥାନା ବାତୋ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଗଛରେ ବାନ୍ଧି ପିଟିବା ପରେ ବନ୍ଧା ହେବାର ଫଟୋ ଉଠାଇ ବିଭିନ୍ନ ସୋସିଆଲ ମିଡିଆରେ କରିଛନ୍ତି ଭାଇରାଲ । ହାଟରୁ ସଉଦା ଆଣିବାକୁ ଯାଉଥିବା ବେଳେ ଦଳିତ ସାହିର ଗଣିଆ ଜେନା ଏବଂ ବିଶୁ ଜେନାଙ୍କ ପରିବାର ସଦସ୍ୟ ମିଶି ତାଙ୍କୁ କାବୁ କରିନେଇ ନିକଟରେ ଥିବା ଅଶ୍ୱତ୍ ଗଛରେ ବାନ୍ଧି ପିଟିଥିଲେ । ପରେ ଏନେଇ ସାଇଁକୁଳ ଫାଣ୍ଡିରେ ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ ଏତଲା ଗ୍ରହଣ କରି ନଥିଲା । ଘଟଣାର ତିନି ଦିନ ପରେ ଉଭୟ ପକ୍ଷଙ୍କୁ ଫାଣ୍ଡିକୁ ଡାକି ଆପୋସ ସମାଧାନ କରିବାକୁ ପ୍ରୟାସ କରିଥିଲା, ହେଲେ ଏଥିରେ ତପନ ପରିବାର ଲୋକ ରାଜି ନହେବାରୁ ଉଭୟ ପକ୍ଷଙ୍କ ପକ୍ଷରୁ ଦୁଇଟି ମାମଲା ଗ୍ରହଣ କରିଛି ।

### ବାସନ୍ଦ ପରିବାରକୁ ସେଙ୍ଗେଲର ସହଯୋଗ

## ଜମିରେ ଧାନ ରୋଇଲେ ସେଙ୍ଗେଲ କ୍ରାନ୍ତି



ବାଙ୍ଗିରିପୋଷି, ୬।୮ (ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ ମହିଳା ମୋର୍ଚ୍ଚା କମିଟିର ସଭାପତି ପାନମଣି ହେମ୍ବ୍ରମଙ୍କ ନେତୃତ୍ୱ ଏବଂ ସାରସକଣା ବ୍ଲକ କମିଟିର ସେଙ୍ଗେଲ ସଭାପତି ଅନନ୍ତ ଚରଣ ମାର୍ଣ୍ଡିଙ୍କ ସହଯୋଗରେ ଦୁଇଟି ବ୍ଲକର ସେଙ୍ଗେଲର କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଦିଘି ପଞ୍ଚାୟତ ଦରକଣ୍ଟିଆ ଗ୍ରାମର ସାମାଜିକ ବାସନ୍ଦ ପରିବାର ସୁନ୍ଦର ମୋହନ ମାଝୀଙ୍କ ଚାଷଜମିରେ ହଳ କରାଇବାରେ ସହଯୋଗ କରାଯାଇଛି । ଶ୍ରୀ ମାଝୀଙ୍କୁ ଡାହାଣୀ ସନ୍ଦେହ କରି କରାଯାଇଥିବା ୨୫ ହଜାର ଟଙ୍କା ଜରିମାନା ସେ ଦେଇପାରି ନ ଥିବାରୁ ୧୮ ବର୍ଷ ହେଲା ସାମାଜିକ ବାସନ୍ଦ କରାଯାଇଛି । ଫଳରେ ଗତବର୍ଷ ତାଙ୍କର ୫ ଏକର ଜମିର ଧାନ କାଟିବାକୁ ଦିଆଯାଇ ନ ଥିଲା । ଫଳରେ ସେ ପାଞ୍ଚଲକ୍ଷ ଟଙ୍କାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ । ପରିବାରର ଏପରି ପରିସ୍ଥିତିରେ ଓଡିଶା ପ୍ରଦେଶ ସେଙ୍ଗେଲ କମିଟି ଏବଂ ସେଙ୍ଗେଲ ରାଷ୍ଟ୍ରୀୟ ସଭାପତି ସହ ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ତରଫରୁ ଖାଇବା ପାଇଁ ଚାଉଳ ଏବଂ ଚଳିବା ପାଇଁ ଟଙ୍କା ଆଦି ସହାୟତା ଦିଆଯାଇଥିଲା । ସେହିପରି ଚଳିତବର୍ଷ ମଧ୍ୟ ତାଙ୍କୁ ହଳ କରିବାକୁ ଦିଆଯାଉ ନ ଥିବା ବେଳେ ସେଙ୍ଗେଲ ତରଫରୁ ଟ୍ରାକ୍ଟରରେ ହଳ କରାଇ ଧାନ ରୋଇବାରେ ସହଯୋଗ କରିଛନ୍ତି । ଏପରି ସାମାଜିକ ବାସନ୍ଦ କରିବା ପ୍ରଥାକୁ ହଟାଇ ଗ୍ରାମର ସମସ୍ତ ସ୍ତ୍ରୀ-ପୁରୁଷ ଏକତ୍ରିତ ହୋଇ ଦରକଣ୍ଟିଆକୁ ଏକ ଆଦର୍ଶ ଗାଁ ଭାବରେ ପ୍ରତିଷ୍ଠା କରନ୍ତୁ ବୋଲି ସେଙ୍ଗେଲ ସଭାପତି ନାରାନ ମୁର୍ମୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ନିବେଦନ କରିଛନ୍ତି ।

### ଧରଣୀଧର ବିଶ୍ୱବିଦ୍ୟାଳୟ

## ଓଡ଼ିଆ ବିଭାଗରେ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ର

କେନ୍ଦୁଝର, ୬।୮ (ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୁଲ୍ୟରେ 'ଆଧୁନିକତା ପରିପ୍ରେକ୍ଷୀରେ ଭାଷା ଓ ସାହିତ୍ୟ' ବିଷୟବସ୍ତୁକୁ ଆଧାର କରି ଦ୍ୱିଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ବିଭାଗର ଅଧ୍ୟାପିକା ଡ ଶୁଭସ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭାଗର ମୁଖ୍ୟ ଡ. ସୁମନ୍ତ୍ର ନାୟକ ଆନ୍ତର୍ଜାତୀୟ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ । ତ୍ରିଭୁବନ ବିଶ୍ୱବିଦ୍ୟାଳୟ, ନେପାଳର ପ୍ରଫେସର ଉତ୍ତମ ଭତରାଇ ଭାରତୀୟ ଭାଷା ପରିବାର ଏବଂ ଭାଷାର ଭୂମିକା ସମ୍ପର୍କରେ ତାଙ୍କର ମତ ଉପସ୍ଥାପନ କରିଥିଲେ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ କଥିତ ଭାଷାକୁ ଦିଆଯାଇଥିବା ଗୁରୁତ୍ୱ ସମ୍ପର୍କରେ କହିବା ସହିତ ମୂଲ୍ୟବୋଧ ଶିକ୍ଷା ଲାଭ କରିବାକୁ ହେଲେ ଯୁବପିଢ଼ିଙ୍କୁ ନିଜ ମାଟିକୁ ଭଲ ପାଇବାକୁ ପଡ଼ିବ ବୋଲି ଉପଦେଶ ଦେଇଥାଏ । ଲୋକଜୀବନ ବଞ୍ଚିରହିଲେ ଭାଷା ବଞ୍ଚିରହିଥାଏ ବୋଲି କହିଥିଲେ । ତାଙ୍କ ପରେ ଓଡ଼ିଆ ବିଶ୍ୱବିଦ୍ୟାଳୟ, ପୁରୀର କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ମତରେ ଆଧୁନିକତାର ପ୍ରଭାବ ଭାଷା ଉପରେ କିପରି ପଡୁଛି ସେ ସମ୍ପର୍କର ନିଜ ମତ ରଖିଥିଲେ । ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଭୁପ୍ରସାଦ ଦାସ ଭାଷା ଓ ସାହିତ୍ୟ ସମ୍ପର୍କରେ ଅଭିମତ ରଖିଥିଲେ । ଏହା ପରେ ଆଲୋଚନା ଚକ୍ରରେ ସଭାପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ଭାଷା ଓ ସାହିତ୍ୟକୁ ଆଧୁନିକତାର ପ୍ରଭାବରେ ସଙ୍କୁଚିତ ହେବାରୁ ରକ୍ଷାକରିବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଧରଣୀଧର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ଼. ଅଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

ପ୍ରଫେସର ନାରାୟଣ ସାହୁ ଭାଷା, ସାହିତ୍ୟ ଓ ସଂସ୍କୃତି ସବୁଥିରେ ଆଧୁନିକତାର ପ୍ରବେଶ କିପରି ଘଟୁଛି ସେ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ । ତାଙ୍କପରେ ପ୍ରଫେସର ମହେଶ୍ୱର ପାଢ଼ୀ ତାଙ୍କ ଭାଷଣରେ ସାହିତ୍ୟର କାର୍ଯ୍ୟ ସମ୍ପର୍କରେ କହିବା ସହିତ ଏହା କିପରି ଜୀବନ ଓ ଜଗତ ସହିତ ଜଡିତ ରହି ପରବର୍ତ୍ତୀ ପିଢ଼ିଙ୍କ ପାଇଁ ସାଇତି ରଖିବା ସେ ସମ୍ପର୍କରେ ମତ ଦେଇଥିଲେ । ରମାଦେବୀ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ଡ. ସଂଘମିତ୍ରା ଭଞ୍ଜ କହିଥିଲେ ଯେ ଆଧୁନିକତା ହେଉଛି ମନ ଓ ଆତ୍ମାର ନବୀକରଣ । ଏହା ମୂଳ ଓ ଜଡ଼ିଭୂତ ଚେତନାକୁ ଛାଡ଼ି ନଥାଏ । ଧରଣୀଧର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଜ୍ୟୋତିକିଶୋର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ବିଶ୍ୱଭାରତୀ ଶାନ୍ତି ନିକେତନର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର ମନୋରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ । ତାଙ୍କ ପରେ ଶୀତଳ ପାଲବାବୁ, ମିଆଁମାର ସେ ନିଜର ଅଭିଭାଷଣରେ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ନିଜ ମତ ରଖିଥିଲେ । ତାଙ୍କ ପରେ ଲକ୍ଷ୍ମୀପ୍ରିୟା ବେହେରା ଆଧୁନିକତା ସମୟ ସହ ବଦଳିଥାଏ, ଏହା ଏକ ଚେତନା ବୋଲି ମତବ୍ୟକ୍ତ କରିଥିଲେ । ଅକାଲୁ ପୃଷ୍ଟି ଧନ୍ୟବାଦ ଦେଇଥିଲେ । ସନ୍ଧ୍ୟା ସମୟରେ ଡ଼. ସୁମନ୍ତ୍ର ନାଏକଙ୍କ ରଚିତ, ଡ଼. ତରୁଣ ଗାଙ୍ଗୁଲି ଓ ଡ ଜ୍ୟୋତିକିଶୋର ମହାନ୍ତଙ୍କ ଦ୍ୱାରା ନିର୍ଦ୍ଦେଶନାରେ 'ଉଡା ଡାହାଣୀ' ନାଟକ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ।

## ରାଷ୍ଟ୍ରପତି ଭବନରୁ ସୁରୁ ତିରିଆଙ୍କୁ ନିମନ୍ତ୍ରଣ



ରାଇରଙ୍ଗପୁର, ୬।୮ (ସମିସ): ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ଭବନରେ ହେବାକୁ ଥିବା ଏକ ନୈଶ ଭୋଜିରେ ରାଇରଙ୍ଗପୁର ଅଞ୍ଚଳର ଜଣେ ସାଧାରଣ ଆଦିବାସୀ ମହିଳା ଯୋଗଦେବେ ବୋଲି ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ଆସିଛି । ସୂଚନା ଅନୁଯାୟୀ, ବାମନଘାଟି ଉପଖଣ୍ଡ କୁସୁମୀ ବ୍ଲକ ଅନ୍ତର୍ଗତ ବାସାଘୁଟୁ ଗ୍ରାମର ଆଦିବାସୀ ମହିଳା ସୁରୁ ତିରିଆଙ୍କୁ ଆସିଛି ନିମନ୍ତ୍ରଣ । ରାଇରଙ୍ଗପୁର ଡାକ ମଣ୍ଡଳର ଇନିସପେକ୍ଟର ତନ୍ମୟ କୁମାର ସାହୁ, କାଠଭାରିଆ ଶାଖାର ବିପିଏମ୍ ଅବିନାଶ ହେମ୍ବ୍ରମ୍, କାଠଭାରିଆ ଏବିପିଏମ୍ ଆନନ୍ଦ ରାଇଦାସ ପ୍ରମୁଖ ପହଞ୍ଚି ସୁରୁଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି । ସୁରୁ ଜଣେ ଆଦିବାସୀ ବର୍ଗର ଗରିବ ମହିଳା । ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ନିମନ୍ତ୍ରଣ ପାଇବା ପରେ ଉତ୍ସାହିତ ଅଛନ୍ତି । ସେ ଅବିବାହିତ ଥିବାରୁ ତାଙ୍କ ଭାଇ, ଭାଉଜ, ପୁତୁରା ଓ ନାତି ନାତୁଣୀଙ୍କ ସହିତ ରୁହନ୍ତି । ସେ ଚାଷ କାର୍ଯ୍ୟ ସମେତ ଛେଳି, ଗୋରୁ ଆଦି ଚରାଇବାରେ ପରିବାରକୁ ସହୋଯଗ କରନ୍ତି ।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ବଡ଼ସାହି, ୬।୮ (ସମିସ): ବଡ଼ସାହି ଥାନା ଅଧୀନ ଚନ୍ଦନପୁର ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ଜଣେ ଯୁବକ ଅସ୍ୱାଭାବିକ ଭାବେ ମୃତ୍ୟୁବରଣ କରିଛନ୍ତି । ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର ସୁରେଶ ଗିରି(୩୫) । ସେ ହଠାତ ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ ନେଇ ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କାରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ୨୦ରୁ ଉର୍ଦ୍ଧ୍ୱ ରାସ୍ତା ଅବରୋଧକାରୀଙ୍କ ନାଁରେ ମାମଲା

ବାରିପଦା, ୬।୮ (ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ ଜୟବିଲ୍ଲା ଛକ ନିକଟରେ କାର ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ । ଯାହାକୁ ନେଇ ବାରିପଦା ସଦର ଥାନା ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି । ଦୁଧିଆଶୋଳ ଗ୍ରାମର ପଦ୍ମଲୋଚନ ମହାନ୍ତ ଓ ସରୋଜ କୁମାର ମହାନ୍ତ, ଜୟବିଲ୍ଲା ଗ୍ରାମର ପାଗଲୁ ସିଂ, ଗୌର ମୋହନ ସିଂ, ସୁମନ ସିଂ ଓ ଚୁନୁରାମ ସିଂ, ତୁଳସୀଚୌରା ଅଞ୍ଚଳର ରାମଚନ୍ଦ୍ର ସିଂ, ଜଗନ୍ନାଥପୁର ଗ୍ରାମର କାଳାଚାନ୍ଦ ସିଂ ଓ ସୀତାନାଥ ସିଂ, ଜ୍ୟୋତିପୁର ଗ୍ରାମର ଦିପୁ ମହାନ୍ତ ସମେତ ୨୦ ଜଣରୁ ଉର୍ଦ୍ଧ୍ୱ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି । ରାସ୍ତାରେ ବାଉଁଶ ଓ ଟାୟାର ପୋଡି ଅବରୋଧ କରି ଦେଇଥିଲେ । ଏନେଇ ପୁଲିସ ବୁଝାସୁଝା କରିବା ବେଳେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା । ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇବା ନେଇ ମାମଲା ରୁଜୁ କରାଯାଇଛି । ସୂଚନା ଅନୁଯାୟୀ, ଜୟବିଲ୍ଲା ଛକ ନିକଟରେ ମଙ୍ଗଳବାର ଏକ କାର ଧକ୍କାରେ ଜଣକ ମୃତ୍ୟୁ ହୋଇଥିଲା । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ମୃତକଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ରାସ୍ତା ଅବରୋଧ କରିଥିଲେ ।

## ବଜ୍ରପାତ ଶବ୍ଦରେ ଯୁବତୀଙ୍କ ହୃଦଘାତରେ ମୃତ୍ୟୁ

କରଞ୍ଜିଆ, ୬।୮ (ସମିସ): କରଞ୍ଜିଆ ଏନଏସି ଅନ୍ତର୍ଗତ ୱାଡର୍ ନଂ. ୧୨ ନୂଆସାହିସ୍ଥିତ ନୀଳାମ୍ବର ନାଏକଙ୍କ କନ୍ୟା ଇରାବତୀ ନାଏକ (୩୮) ନିକଟସ୍ଥ ଧାନ ବିଲରେ ସହକର୍ମୀଙ୍କ ସହ ଘାସ କାଟୁଥିଲେ । ଅପରାହ୍ନରେ ଅଳ୍ପଦୂରରେ ବଜ୍ରପାତ ହୋଇଥିଲା । ବଜ୍ରପାତର ପ୍ରଚଣ୍ଡ ଶବ୍ଦ ଶୁଣି ସେ ଛାନିଆ ହୋଇ ଦୌଡ଼ିବାକୁ ଉଦ୍ୟମ କରିଥିଲେ । ପରେ ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ । ସହକର୍ମୀ ଓ ସାହି ଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସାଳୟକୁ ଆଣିଥିଲେ; ହେଲେ ଡାକ୍ତର ତାଙ୍କୁ ହୃଦଘାତ ଜନିତ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ ।

### ଖୋଲା ଛାତ ତଳେ ଉଠା ଦୋକାନୀ

## ଅସ୍ଥାୟୀ ମେଳା ଉଦ୍‌ଘାଟନ କରି ବାହାଃବା ନେଉଛନ୍ତି ବିଧାୟକ

ଉଦଳା, ୬।୮ (ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ସବୁଠାରୁ ପଛୁଆ ଓ ଅବହେଳିତ । ଏହି ଉପଖଣ୍ଡର ଏକମାତ୍ର ସହରାଞ୍ଚଳ ହେଉଛି ଉଦଳା । ଉଦଳାକୁ ନାମକୁ ମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ମିଳିଛି; କିନ୍ତୁ ଆଜିଯାଏ କୌଣସି ଆଖିଦୃଶିଆ ବିକାଶ ହୋଇପାରିନାହିଁ । କେବଳ ଛୋଟ ଛୋଟ ଦୋକାନକୁ ନେଇ ଉଦଳା ବଜାର ଗଢିଉଠିଛି । ଉଦଳା ସହର ବେପାରୀ ଓ ସରକାରୀ ବେତନ ହିଁ ଅର୍ଥନୈତିକ ମେରୁଦଣ୍ଡ । କୃଷି କ୍ଷେତ୍ର କେବଳ ଖାଦ୍ୟ ଭରଣାରେ ଶେଷ । ପ୍ରୋତ୍ସାହନ ନ ଥିବାରୁ ଶୀତଳ ଭଣ୍ଡାର କି କୌଣସି ଅତ୍ୟାଧୁନିକ ଧାନ ମଣ୍ଡି ବି ହୋଇପାରିନାହିଁ । ଲୋକେ ଉଠାଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି । ହେଲେ ଜବରଦଖଲ ଆଳରେ ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ ଏକ ନିୟମିତ



ଧାରା । ଥାନା ଛକ ନିକଟରେ ଭେଣ୍ଡିଂ ଜୋନ କରି ରାଜନୈତିକ ବିତରଣ ପରେ ଆନ୍ଦୋଳନ ଓ କୋର୍ଟର ଦ୍ୱାରସ୍ଥ ହୋଇ ପାଇବାକୁ ସକ୍ଷମ ହୋଇଛନ୍ତି । ଏବେ ପୁଣି ସଂପ୍ରସାରିତ ଭୟ । ତେବେ ବିଧାୟକ ଭାସ୍କର ମଢେଇ ଉଦଳା ସହର ଉନ୍ନତି ଦିଗରେ ଆଦୌ ଚିନ୍ତିତ ନୁହନ୍ତି । କେବଳ ଅସ୍ଥାୟୀ ବାଣିଜ୍ୟ ମେଳା ଉଦଘାଟନ କରି ବାହାବା ନେବାକୁ ଉଦ୍ୟମ ଚଳାଇଥିବା ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳୁଛି । ଉଠା ଦୋକାନୀମାନେ ଖୋଲା ଛାତତଳେ ଜୀବନ ଜୀବିକା ପାଇଁ ସଂଗ୍ରାମ କରୁଥିବାବେଳେ ବିଧାୟକଙ୍କ କିଛି ମୁନାଫା ଖୋର ତଥା ଅସାଧୁ କର୍ମବିହୀନ ତଥାକଥିତ ରାଜନୈତିକ ଚାଟୁକାରଙ୍କ ପ୍ରରୋଚନାରେ ଅଚିନ୍ତା ବଦଳି ସ୍ଥାନ ଭାବେ ପ୍ରଶାସନ ହାଁ ଜୀ ଧାରାରେ ଅନୁମତି ପ୍ରଦାନ କରୁଛନ୍ତି । ଏପରିକି ଉଦଳା ସରସ୍ୱତୀ ମେଳାକୁ ଭଣ୍ଡୁର କରିବାକୁ ଯୋଜନା ହେଉଥିବା ମଧ୍ୟ ଅଭିଯୋଗ ହେଉଛି । ଅପରପକ୍ଷରେ ଉଦଳାରୁ ୪ଥର ବିଧାୟକ ହୋଇଥିବା ଭାସ୍କର ମଢେଇ ଉଦଳା ସହରର ପରିଚୟ ଫଳକ କି ଆଧୁନିକ ଟ୍ରାଫିକ, ଆଧୁନିକ ବସ ଟର୍ମିନାଲ ଆଜିଯାଏ କରିପାରିନାହାନ୍ତି ।

## ଖୁଣ୍ଟା ଥାନାରେ ୩ ଅପମୃତ୍ୟୁ ମାମଲା ରୁଜୁ

କୁଆମରା, ୬।୮ (ସମିସ): ଖୁଣ୍ଟା ଥାନାରେ ପୃଥକ ଭାବେ ୩ ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତକଙ୍କ ମଧ୍ୟରୁ ଜଣେ ମହିଳା ଓ ଅନ୍ୟ ଦୁଇ ଜଣ ପୁରୁଷ । ପୁଲିସ ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ଚୁନୁଡିହା ଗ୍ରାମର ସଂକର୍ଷଣ ନାଏକ (୪୫) ସପ୍ତାହ ତଳେ ପାଣି ବସନ୍ତ ରୋଗରେ ଆକ୍ରାନ୍ତ ହୋଇଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ଘରେ ରହି ଚିକିତ୍ସା ହେଉଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରୁ ତାଙ୍କୁ ଡୁକୁରା ଡାକ୍ତରଖାନା ଅଣାଯାଇଥିଲା । ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ସେହିପରି ଗୋପବନ୍ଧୁ ନଗର ବ୍ଲକ ଉଣ୍ଡଗାଁ ଗ୍ରାମର ବିଳାସ ନାଏକ (୫୫) ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ଖୁଣ୍ଟା ଡାକ୍ତରଖାନାକୁ ଅଣାଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ଡୁକୁରା ଗ୍ରାମର ବଂଶୀଧର ବେହେରା (୭୩) ନିକଟକୁ ପଡିଆକୁ ଗୋରୁ ଚରାଇବାକୁ ଯାଇ ଚେତାଶୂନ୍ୟ ହୋଇ ପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ପ୍ରଥମେ ଡୁକୁରା ଡାକ୍ତରଖାନା ଓ ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ପୁଲିସ ୩ଟି ଅପମୃତ୍ୟୁ ମାମଲା ରୁଜୁକରିଛି ।

## ଅର୍ଥ ଜମା ପରେ ବି ୨ ଅଙ୍ଗନବାଡିକୁ ମିଳୁନି ବିଦ୍ୟୁତ ସଂଯୋଗ

କୁଆମରା, ୬।୮ (ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ ସିକିଡିଆ ଓ କୁସୁମିଆ ଅଙ୍ଗନବାଡି କେନ୍ଦ୍ର ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ । ଏହି ଦୁଇଟି ଅଙ୍ଗନବାଡିରେ ୩୦ରୁ ଅଧିକ ଶିଶୁ ପାଠପଢୁଛନ୍ତି । ବିଦ୍ୟାଳୟ ପରିସରରେ ଥିବା ଏହି ଦୁଇଟି ଅଙ୍ଗନବାଡିର ବିଦ୍ୟୁତ ସଂଯୋଗ ପାଇଁ ବର୍ଷେ ତଳେ ୫ ହଜାର ଟଙ୍କା ଲେଖାଏଁ ଜମା ହୋଇଥିବା ଅଙ୍ଗନବାଡି କର୍ମୀ ବାସନ୍ତୀ ସିଂ ଓ ରାଧା ସିଂ କହିଛନ୍ତି । ତେବେ ଗୁଳୁଗୁଳିରେ ବର୍ଷର ୮ ମାସ ପିଲାମାନେ ସିଝୁଥିଲେ ମଧ୍ୟ ଏଥିପ୍ରତି କାହାର ନିଘା ନାହିଁ । ଏ ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭିନ୍ନ ବାହାନା ଦେଖାଇ ବିଦ୍ୟୁତ ସଂଯୋଗ କରିବାର ନାଁ ଧରୁ ନଥ ଠବାର ଅସନ୍ତୋଷ ପ୍ରକାଶ କରିଛନ୍ତି ୱାଡ଼ ମେମ୍ବର ବିରେଶ କୁମାର ଦାସ, ଜ୍ଞାନ ରଞ୍ଜନ ଦେହୁରୀ, ଶୀବ ଶଙ୍କର ଦାସ, ହେମନ୍ତ କୁମାର ଦାସ । ଏ ନେଇ ମାଣତ୍ରୀ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା । ମାତ୍ର ସେ ଫୋନ ଉଠାଇ ନ ଥିଲେ ।

## ଠାକୁରମୁଣ୍ଡା ଲ୍ୟାମ୍ପସରେ ଓମଫେଡ ପାର୍ଲର ଉଦଘାଟିତ



ମହୁଲଡିହା, ୬।୮ (ସମିସ): ଠାକୁରମୁଣ୍ଡା ଲ୍ୟାମ୍ପସରେ ବୁଧବାର ଏକ ଓମଫେଡ ପାର୍ଲର ଉଦ୍‌ଘାଟିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ ପାର୍ଲରକୁ ଉଦ୍‌ଘାଟନ କରିଥିଲେ । ଏଣିକି ଲୋକେ ସରକାରୀ ଧାର୍ଯ୍ୟ ଦରରେ ଓମଫେଡର ସମସ୍ତ ସାମଗ୍ରୀ ଲ୍ୟାମ୍ପସରେ ପାଇପାରିବେ । ଆଗାମୀ ଦିନରେ ଚାଷୀଙ୍କଠାରୁ କ୍ଷୀର ମଧ୍ୟ ସଂଗ୍ରହ କରାଯିବ । ତେବେ ପ୍ରାଥମିକ ଭାବେ ଓମଫେଡର ସମସ୍ତ ପ୍ରଡକ୍ଟ ଉପଲବ୍ଧ ହେବ । ଏହି ଅବସରରେ ଲ୍ୟାମ୍ପସ ସଭାପତି ଗଣନାଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ତହସିଲଦାର ସମ୍ବିତ କୁମାର କର, ଡିଆରସିଏସ ମୟୂରଭଞ୍ଜ ଅଶୋକ କୁମାର ପାଣି, ଓମଫେଡ, କେନ୍ଦୁଝର ପ୍ଲାଣ୍ଟ ମ୍ୟାନେଜର ନିଶିତ କୁମାର ମହାରଣା, ଏଆରସିଏସ କରଞ୍ଜିଆ, ବସନ୍ତ କୁମାର ନାୟକ, ମାର୍କେଟିଂ ଇନଚାର୍ଜ ଡିପି ରାଉତ, ଶଶିକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଗାମୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶିକା ପାର୍ବତୀ ମହାନ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ଦେଇଥିଲେ । ଶେଷରେ ଗୀତାରାଣୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିପଦସଂକୁଳ ସ୍କୁଲରୁ ଖସିଲା ଫ୍ୟାନ୍; ଗଛମୂଳେ ଛାତ୍ରଛାତ୍ରୀ

କଳାବାଡିଆ ୬।୮ (ସମିସ):





ବାଙ୍ଗିରିପୋଷି ବ୍ଲକ ବଡ଼ଗାଁ ପଞ୍ଚାୟତ ରୁଣ୍ଡାସାହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଯାଏ ୨୦ ଜଣ ଛାତ୍ରଛାତ୍ରୀ ବିପଦସଂକୁଳ ଗୃହରେ ପଢୁଛନ୍ତି । ଏହି ସ୍କୁଲଟି ୨୦୦୯ ମସିହାରେ ସ୍ଥାପିତ ହୋଇଛି । ବିଦ୍ୟାଳୟର ଗୃହ ବିପଜ୍ଜନକ ଥିବା ନେଇ ଏସଏମସି କମିଟି, ସିଆରସିସି ଅରବିନ୍ଦ ନାୟକ ବିଡ଼ିଓ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ନାଥ ଦତ୍ତଙ୍କୁ ଗତମାସ ୯ ତାରିଖରେ ଲିଖିତଭାବେ ଜଣାଇଥିଲେ । ହେଲେ ଆଜିଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ସୋମବାର ସ୍କୁଲ ଚାଲିଥିବା ବେଳେ ହଠାତ୍ ଫ୍ୟାନ ଏବଂ ସିମେଣ୍ଟ ଖଣ୍ଡ ଖସି ପଡ଼ିଥିଲା । ଫଳରେ ଶିକ୍ଷୟିତ୍ରୀ ଲଳିତା ରାଣୀ ମହାନ୍ତି ଏବଂ ଛାତ୍ରଛାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି ବୋଲି ପ୍ରଧାନଶିକ୍ଷକ ରତିକାନ୍ତ ନାଏକ କହିଛନ୍ତି । ସ୍କୁଲ ଗୃହ ବିପଦ ଥିବାରୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସ୍କୁଲରେ ପାଠ ନ ପଢାଇ ଏବେ ଏକ ମହୁଲ ଗଛମୂଳେ ମଙ୍ଗଳବାର ପାଠ ପଢ଼ାଇଛନ୍ତି । ଆଜକୁ କିଛି ବର୍ଷ ହେବ ସ୍କୁଲଟି ଫାଟି ଆଁ ହୋଇଥିବା ବେଳେ ବର୍ଷା ହେବା ମାତ୍ରେ ଛାତରୁ ସିମେଣ୍ଟ କଂକ୍ରିଟ ଖଣ୍ଡ ଖସିବା ସହିତ ପାଣି ଗଳୁଛି ବୋଲି ସରପଞ୍ଚ କନକଲତା ହେମ୍ବ୍ରମ କହିଛନ୍ତି । ଏ ନେଇ ବିଡିଓ ପରମାନନ୍ଦ ଖଣ୍ଡେଇଙ୍କ ଦୃଷ୍ଟିଆକର୍ଷଣ କରାଯିବା ପରେ ସେ ଶୀଘ୍ର ମରାମତି ହେବ ବୋଲି କହିଛନ୍ତି । ବର୍ତ୍ତମାନ ବିଦ୍ୟାଳୟ ମରାମତି ନ ହେବା ପର୍ଯ୍ୟନ୍ତ ନିକଟସ୍ଥ କ୍ଲବ ଘରେ ପଢାଯିବ ବୋଲି ବିଇଓ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ପ୍ରାର୍ଥନା ସମୟରେ ୧୫ ଛାତ୍ରୀ ଅସୁସ୍ଥ

ବାହାନଗା, ୬।୮ (ସମିସ)





ବାଲେଶ୍ୱରଜିଲ୍ଲାବାହାନଗାବ୍ଲକରନିଗମାନନ୍ଦ ସ୍ମୃତି ବିଦ୍ୟାପୀଠରେ ସୋମବାର ସକାଳେ ଏକ ଚିନ୍ତାଜନକ ଘଟଣା ଦେଖାଦେଇଛି। ବିଦ୍ୟାଳୟ ପ୍ରାର୍ଥନା ସମୟରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନଙ୍କ ମଧ୍ୟରୁ ପ୍ରଥମେ ୨ ଜଣ ଓ ପରେ ଗୋଟିଏ ପରେ ଗୋଟିଏ କରି ୧୫ରୁ ଊର୍ଦ୍ଧ ଛାତ୍ରୀ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ। ଛାତ୍ରୀମାନଙ୍କୁ ପ୍ରଥମେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅବସ୍ଥା ଗୁରୁତର ହେବାରୁ ୧୩ ଛାତ୍ରୀଙ୍କୁ ରେମୁଣାସ୍ଥିତ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ଖବର ଅନୁସାରେ କଲ୍ୟାଣୀସ୍ଥିତ ନିଗମାନନ୍ଦ ସ୍ମୃତି ବିଦ୍ୟାପୀଠରେ ୨ଟି ଶ୍ରେଣୀ ଅର୍ଥାତ ନବମ ଏବଂ ଦଶମ ଶ୍ରେଣୀ ରହିଛି। ଏହି ସ୍କୁଲରେ ସମୁଦାୟ ୧୭୪ ଜଣ ଛାତ୍ରଛାତ୍ରୀ ପାଠ ପଢନ୍ତି। ସବୁଦିନ ପରି ଆଜି ମଧ୍ୟ ୧୧୪ ଜଣ ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ସ୍କୁଲକୁ ଆସିଥିଲେ। ପ୍ରାର୍ଥନା ସମୟରେ ପ୍ରଥମେ ଜଣେ ଓ ପରେ ଆଉ ଜଣେ ଛାତ୍ରୀ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ଉଭୟଙ୍କୁ ଅସୁସ୍ଥ ଅବସ୍ଥାରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସ୍କୁଲରେ ଜଣକ ପରେ ଜଣେ କରି ୧୩ରୁ ଊର୍ଦ୍ଧ ଛାତ୍ରୀ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ତଳେ ପଡିଯାଇଥିଲେ। ତୁରନ୍ତ ସ୍ଥାନୀୟ ଲୋକ ଏବଂ ଅଭିଭାବକଙ୍କ ସହାୟତାରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାତ୍ରୀମାନଙ୍କୁ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ୧୩ ଜଣ ଛାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। କେଉଁ କାରଣ ପାଇଁ ପ୍ରାର୍ଥନା ସମୟରୁ ଏତେ ସଂଖ୍ୟକ ଛାତ୍ରୀ ଅସୁସ୍ଥ

**ଛାତିରେ ଯନ୍ତ୍ରଣା ଯୋଗୁଁ ୧୩ଜଣ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର**

**ବିଦ୍ୟାଳୟରେ ପହଞ୍ଚି ତଦନ୍ତ କଲା ମେଡିକାଲ ଟିମ୍**

ହେବା ଏବଂ ସମସ୍ତଙ୍କର ସମାନ ଭାବେ ଛାତି ଯନ୍ତ୍ରଣା ହେବା ଜଣା ପଡ଼ିନାହିଁ। ଘଟଣା ଜଣାପଡିବା ପରେ ଗୋପାଳପୁର ମେଡିକାଲ ପରିସରରେ ଅଭିଭାବକ ଏବଂ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ସେହିପରି ସ୍କୁଲରେ ଏତେ ସଂଖ୍ୟକ ଛାତ୍ରୀ ଅସୁସ୍ଥ ହେବା ଘଟଣା ସମ୍ପର୍କରେ ସୂଚନା ପାଇ ବାହାନଗା ବ୍ଲକ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀଙ୍କ ସମେତ ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ ନାୟକ, ବାହାନଗା ବ୍ଲକର ଏଇଇ ଲକ୍ଷ୍ମୀକାନ୍ତ ଦାସ, ସୋର ବିଧାୟକ ମାଧବ ଧଡ଼ାଙ୍କ ସହ ସ୍ଥାନୀୟ ସରପଞ୍ଚ ସତ୍ୟ ନାରାୟଣ ଦାଶ, ଜିଲ୍ଲାପରିଷଦ ସଭ୍ୟ ନୀଳାମ୍ବର ମହାଳିକଙ୍କ ସହ ଅନେକ ଜନପ୍ରତିନିଧି ଏବଂ ନେତୃବୃନ୍ଦ ମେଡିକାଲରେ ପହଞ୍ଚି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ବାବଦରେ ଆଲୋଚନା କରିବା ସହ ସ୍କୁଲକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି। ସେହିପରି କେଉଁ କାରଣ ପାଇଁ ଏଭଳି ପରିସ୍ଥିତି ଘଟିଲା ଜଣାପଡିନଥିବା ବେଳେ ଗୋପାଳପୁର ମେଡିକାଲ ସୁପରିଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ ସ୍କୁଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷାକୁ ଦୃଷ୍ଟୀରେ ରଖି ଆଜି ପାଇଁ ସ୍କୁଲକୁ ଛୁଟି କରିଦିଆଯାଇଛି। ସେପଟେ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ହେଲ୍ପ ଲାଇନ ସଦସ୍ୟ ମଧ୍ୟ ବାଲେଶ୍ୱର ମେଡିକାଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଥିବାର ଜଣାପଡିଛି।

## ଜଳେଶ୍ୱର ଲାୟନ୍ସ କ୍ଲବ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ




ଜଳେଶ୍ୱର, ୬।୮ (ସମିସ): ସବୁଜ ବନାନୀ ସୃଷ୍ଟି ଓ ପରିବେଶ ସୁରକ୍ଷା ଲକ୍ଷ୍ୟରେ ବର୍ଷା ଦିନିଆ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସଂଘଟିତ ହେଉଛି। ଜଳେଶ୍ୱର ଲାୟନ୍ସ କ୍ଲବ୍ ପକ୍ଷରୁ ଗୋବରଘଟା ପଞ୍ଚାୟତସ୍ଥିତ ଏସବି ନୋଡାଲ ଏବଂ ଯଦୁନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ଶେଖ୍ ସବୀରଙ୍କ ନେତୃତ୍ୱରେ ବିନୋଦ ସାହୁ, ଗିରିଜା ଶଙ୍କର ଦାସ, ଶିରୀଶ ଚୌହାନ, ସମୀର ନନ୍ଦୀ, ରବିନାରାୟଣ ଦାସ, ରାଜୀବ ଧର, ତାରାପଦ କର, ସତ୍ୟ ନାରାୟଣ ମହାପାତ୍ର, ମୂଳଚାନ୍ଦ ଲଡ଼ା, ସେଖ ସୈଫୁଦ୍ଦିନ ପ୍ରମୁଖ ସମାଜସେବୀ ଉପସ୍ଥିତ ହୋଇ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୪୦ଟି ଗୁଆ ନଡ଼ିଆ ଚାରା ରୋପଣ କରାଯାଇଥିଲା। ଗ୍ରାମ ସଭାପତି ଦୀପକ କୁମାର ଗିରି, ପ୍ରଧାନ ଶିକ୍ଷକ ସୁବେଶ ପ୍ରଧାନ, ଗୋପୀନାଥ ଗିରି ପ୍ରମୁଖ ଓ ସମସ୍ତ ଶିକ୍ଷକ କର୍ମଚାରୀ ଉକ୍ତ ମହତ୍ କାର୍ଯ୍ୟରେ ସହଯୋଗ କରିଥିଲେ।

## ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଡିଜିପିଙ୍କୁ ସ୍ମାରକପତ୍ର



ସିମୁଳିଆ, ୬।୮ (ସମିସ): ଶିକ୍ଷାନୁଷ୍ଠାନ ଗୁଡିକରେ ସୁରକ୍ଷା, ଛାତ୍ରୀ ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନ ଦାବିରେ ଆଜି ସିମୁଳିଆ ବ୍ଲକ ବିଜୁ ଛାତ୍ର ଯୁବ ଜନତା ଦଳ ପକ୍ଷରୁ ଏକ ଶୋଭାଯାତ୍ରା ମାଧ୍ୟମରେ ସିମୁଳିଆ ପୁଲିସ ଜରିଆରେ ରାଜ୍ୟ ପୁଲିସ ଡିଜିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଜୁ ଛାତ୍ର ବ୍ଲକ ସଭାପତି ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ସିମୁଳିଆ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାର୍କୋଣା ବସ୍‌ଷ୍ଟାଣ୍ଡ ନିକଟରେ ଏକତ୍ରିତ ହୋଇଥିଲେ। ପରେ ଶୋଭାଯାତ୍ରା ବାହାରି ସିମୁଳିଆ ଥାନାରେ ପହଁଚିବା ପରେ ସ୍ଲୋଗାନ ଦିଆଯାଇ ସିମୁଳିଆ ପୁଲିସ ସବ୍‌ଇନ୍ସପେକ୍ଟର କ୍ଷୀରୋଦ କୁମାର ସାହୁଙ୍କ ଜରିଆରେ ଡିଜିପିଙ୍କୁ ଦସ୍ତଖତ ଥିବା ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ଯୁବ ସଭାପତି ଗଦାଧର ଜେନା, ମଣିଭଦ୍ର ସାହୁ, ଯୁବନେତା ଦୀପ୍ତି ଜେନା, ଗୋବର୍ଦ୍ଧନ ମହାନ୍ତି, ମିଳନ ମହାନ୍ତି, ପ୍ରମୋଦ ରାଉତ, ସଚିନ ସ୍ୱାଇଁ, ପ୍ରଶାନ୍ତ ବେହେରା, ପ୍ରାକ୍ତନ ଜିଲ୍ଲାପରିଷଦ କ୍ଷୀତିଶ ମହାନ୍ତି, ବରିଷ୍ଠ ନେତା ବାବୁଲି ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଓଡ଼ିଶା ପ୍ରାନ୍ତୀୟ ମୁନି ସମାଜର ପୂର୍ବତନ ରାଜ୍ୟ ସଭାପତିଙ୍କ ବିୟୋଗରେ ଶୋକ

ସୋର, ୬।୮ (ସମିସ): ଓଡ଼ିଶା ପ୍ରାନ୍ତୀୟମୁନି ସମାଜର ପୂର୍ବତନ ସଭାପତି କମଳାକାନ୍ତ ମୁନି(ପାଣିଗ୍ରାହୀ)ଙ୍କର ୭୫ ବର୍ଷ ବୟସରେ ସାମାଧି ଯୋଗରେ ମହାପ୍ରୟାଣ ଘଟିଛି। ଏହି ଖବର ପ୍ରସାରିତ ହେବା ପରେ ସମଗ୍ର ମୁନି ସମାଜର ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମାଟିଆପହ୍ଲା ଛକସ୍ଥିତ ସୋର ମୁନି ସମାଜ କାର୍ଯ୍ୟାଳୟରେ ସଭାପତି ଭାସ୍କର ଚନ୍ଦ୍ର ପାତ୍ରଙ୍କ ଅଧ୍ୟତାରେ ସଂପାଦକ ଅନନ୍ତ ଜେନା, ଜଗନ୍ନାଥ ବାରିକ, ଅନନ୍ତ କୁମାର କର, ସୁଶାନ୍ତ ପୃଷ୍ଟି ପ୍ରମୁଖ ଯୋଗଦେଇ ଏକ ଶୋକ ସଭାରେ ସ୍ୱର୍ଗତ ଯୋଗାଚାର୍ଯ୍ୟ କମଳାକାନ୍ତ ମୁନି ଯାଗେଶ୍ୱର ଶିବମୁନିଜୀ ମହାରାଜାଙ୍କ ସିଦ୍ଧାନ୍ତ ବାଣୀକୁ ପାଥେୟ କରି ସାରା ଜୀବନ ମୁନି ସମାଜର ଜଣେ ସମର୍ଥ ଓ ସାର୍ଥକ ସାରଥି ଭାବରେ ନିଜକୁ ଗଢିବା ସଙ୍ଗେ ସଙ୍ଗେ ସାରା ଓଡ଼ିଶାର ପୁରପଲ୍ଲୀରେ ଯୋଗ ମାଧ୍ୟମରେ ନିରୋଗ ରହିବାର ମନ୍ତ୍ର ବୁଣି ମୁନି ଜଣେ ଉତ୍ତମ ଯୋଗ ପ୍ରଶିକ୍ଷକ ଭାବରେ ନିଜକୁ ପ୍ରତିଷ୍ଠା ଲାଭ କରିଥିଲେ ବୋଲି ମତ ପ୍ରକାଶ କରିଥିଲେ। ଏହା ପରେ ତାଙ୍କର ଜନ୍ମସ୍ଥାନ ସାଉଡ଼କୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୪ ମାସ ପରେ ଫେରାର ଅଭିଯୁକ୍ତ ଗିରଫ

ଚନ୍ଦନେଶ୍ୱର, ୬।୮ (ସମିସ): ୨ଟି ସ୍ଥାନରେ ଚୋରି କରି ଫେରାର ଥିବା ଜଣେ ଅଭିଯୁକ୍ତ ଦୀର୍ଘ ୪ ମାସ ପରେ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ରାମନଗର ଥାନା ଅଧୀନ ବସନ୍ତ ପୁର ଗାଁର ଅମିତ ନାଥଙ୍କ ପୁଅ ସଞ୍ଜୟ ନାଥ(୨୫) ବୋଲି ଜଣା ପଡିଛି। ଏ ନେଇ ଭୋଗରାଇ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା କଥା ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନ ବିହାରୀ ଶତପଥୀ ପ୍ରକାଶ କରିଛନ୍ତି। ଭୋଗରାଇର ଜଗନ୍ନାଥପୁର ଓ କାନ୍ଠିଥଭଉଁରୀରେ ୪ ମାସ ପୂର୍ବରୁ ଚୋରି ହୋଇଥିଲା। ସେତେବେଳେ ପୁଲିସ ତଦନ୍ତ କରି ସାଗର ନାଥଙ୍କୁ ଗିରଫ କରିଥିଲେ। ମାତ୍ର ସଞ୍ଜୟ ଫେରାର ହୋଇ ଯାଇଥିଲେ। ଏବେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି।

## ନ୍ୟାୟ ପାଇଁ ଥାନାରେ ଧାରଣାଦେଲେ ଜନପ୍ରତିନିଧି



ସିମୁଳିଆ, ୬।୮ (ସମିସ): ପୋରସ୍ତମପୁର ପଞ୍ଚାୟତ ପିଠାଖିଆ ପଦା ଗ୍ରାମରେ ଛେଳି ବିଲରେ ଧାନ ଖାଇବାକୁ କେନ୍ଦ୍ର କରି ଭାଇ ଭାଇ ମଧ୍ୟରେ କଳିଲାଗି ଉଭୟ ଥାନାରେ ପୃଥକ ଅଭିଯୋଗ କରିଛନ୍ତି। ନ୍ୟାୟ ଦେବା ପାଇଁ ପୂର୍ବତନ ବିଧାୟକ ଓ ଜନପ୍ରତିନିଧି ଥାନାରେ ଦେଲେ ଧାରଣା। ସୂଚନାରୁ ପ୍ରକାଶ ବଡ଼ ଭାଇ ବାବାଜୀ ଜେନାର ଛେଳି ସାନ ଭାଇ ମନରଞ୍ଜନ ଯେନଙ୍କ ବିଲରେ ଧାନ ଖାଇ ଥିବାରୁ ସାନଭାଇ ଓ ତାର ସ୍ତ୍ରୀ ମିଶି ଛେଳିର କାଦ ପକାଇ ଦେଇଥିଲା। ବଡ଼ ଭାଇର ସ୍ତ୍ରୀ ପଚାରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟସିମୁଳିଆ ଥାନାରେ ପୃଥକ ପୃଥକ ଅଭିଯୋଗ କରିଥିଲେ। ସିମୁଳିଆ ପୁଲିସ ଦୁଇ ଜଣଙ୍କ ନାମରେ ପୃଥକ ପୃଥକ କେସ କରି ବଡ଼ ଭାଇ ବାବାଜୀ ଜେନାଙ୍କୁ କୋର୍ଟ ଚାଲାଣ କରିଥିଲେ। ବଡ଼ ଭାଇକୁ ନ୍ୟାୟ ଦେବ ପାଇଁ ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ବିଜେଡି ଦଳର ଜନ ପ୍ରତିନିଧି ସିମୁଳିଆ ଥାନାରେ ଧାରଣାରେ ବସିଥିଲେ।

## ନୟନଯୋରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବସ୍ତାବ୍ଲକ/ରାଜଘାଟ, ୬।୮ (ସମିସ): ବସ୍ତା ଥାନା ଗାନ୍ଧିଛକ ନିକଟରେ ନୟନ ଯୋରିରୁ ଯୁବକଙ୍କ ମୃତଦେହ ଉଦ୍ଧାର କଲେ ବସ୍ତା ଅଗ୍ନୀଶମ ବାହିନୀ। ବସ୍ତା ଥାନା କୁଡିଆ ଗ୍ରାମର ଅନନ୍ତ ଜେନା ନାମକ ଜଣେ ଯୁବକ ଗତକାଲି ରାତିରେ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଅନ୍ଧାର ରାତିରେ ଭାରସାମ୍ୟ ହରାଇ ରାସ୍ତା ପାଶ୍ୱର୍ ନୟନ ଯୋରିକୁ ଖସି ପଡିଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ଆଜି ସକାଳେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ମୃତଦେହ ଦେଖି ଅଗ୍ନିଶମ ବାହିନିକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତଦହେ ଉଦ୍ଧାର କରି ବସ୍ତା ପୁଲିସକୁ ହସ୍ତାନ୍ତର କରିଛି।

## କଲେଜ ଶିକ୍ଷା ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



କାଳିପଦା, ୬।୮ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ଶିକ୍ଷା ବିଭାଗ ପକ୍ଷରୁ ଯୁକ୍ତ ତିନି ପ୍ରଥମ ବର୍ଷ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଇଂରାଜୀ ବଭାଗ ମୁଖ୍ୟ ପ୍ରାଧ୍ୟାପକ ଦେବବ୍ରତ ଦାସ, ଗଣିତ ବିଭାଗ ମୁଖ୍ୟ ଡ. ସୁକାନ୍ତ କୁମାର ଗିରି, ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଜିତ କୁମାର ଭୂୟାଁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ



କଠୋର ଅଧ୍ୟବସାୟ ଓ ପରମ୍ପରାଗତ ଜ୍ଞାନ ଦ୍ୱାରା ଛାତ୍ରଛାତ୍ରୀ ସ୍ୱାବଲମ୍ବୀ ଓ ଭଲ ମଣିଷ ହୋଇ ପାରିବେ ବୋଲି କହିଥିଲେ। ବିଭାଗୀୟ ଅଧ୍ୟାପିକା ମିତାରାଣୀ ଜେନା ଅତିଥି ପରିଚୟ ସ୍ୱାଗତ ଭାଷଣ, ବିଭାଗୀୟ ମୁଖ୍ୟ ନଗେନ୍ଦ୍ର ନାଥ ପାତ୍ର ବିବରଣୀ ପ୍ରଦାନ କରିଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ର ଛାତ୍ରୀ ନବାଗତ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଭାଗୀୟ ଅଧ୍ୟାପକ ମାସଙ୍ଗ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଡେମୋନଷ୍ଟ୍ରେସନ ମହେନ୍ଦ୍ର କୁମାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାତୃ ସ୍ତନ୍ୟପାନ ସଚେତନତା କର୍ମଶାଳା




ଜଳେଶ୍ୱର, ୬।୮ (ସମିସ): ଜଳେଶ୍ୱରର ଅଗ୍ରଣୀ ମହିଳା ସେଚ୍ଛାସେବୀ ଅନୁଷ୍ଠାନ ଇନର ହୁଇଲ କ୍ଲବ ଅଫ ଜଳେଶ୍ୱର ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ମାତୃ ସ୍ତନ୍ୟପାନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଇନର ହୁଇଲ କ୍ଲବ ସଭାପତି ଜୟନ୍ତୀ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବାଲେଶ୍ୱର ଜିଲ୍ଲା ପରିଷଦ ଉପ ସଭାପତି ଅନୁସୟା ପ୍ରଧାନ, ମୁଖ୍ୟ ବକ୍ତା ଡାକ୍ତର ଦିପ୍ତିମୟୀ ମହାପାତ୍ର, ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ମହାନ୍ତି ପ୍ରମୁଖ ମାତୃ ସ୍ତନ୍ୟପାନର ଉପକାରିତା ଓ ଉପାଦେୟତା ସମ୍ବନ୍ଧରେ ବିଶେଷ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସଭାପତି ରାଜେଶ୍ୱରୀ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିଲେ ସବିତା ବେହେରା, ସଂଜିତା ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଲବ ସମ୍ପାଦିକା ପାରମିତା ସ୍ୱାଇଁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବସ୍ତା ଶାଖାରେ ଅବ୍ୟବସ୍ଥା




ରାଜଘାଟ, ୬।୮ (ସମିସ): ଅବ୍ୟବସ୍ଥା ଭିତରେ ଚାଲିଛି ବ୍ୟାଙ୍କ ଅଫ ଇଣ୍ଡିଆ ବସ୍ତା ଶାଖା। ବସ୍ତା ବଜାରରେ ଥିବା ଏହି ବ୍ୟାଙ୍କଟି ହେଉଛି ସର୍ବ ପୁରାତନ। ୪୦ ହଜାର ଗ୍ରାହକ ବିଶିଷ୍ଟ ବ୍ୟାଙ୍କ ଅଫ ଇଣ୍ଡିଆ ଏହି ଶାଖାରେ ପ୍ରତେକ ଦିନ ଶହ ଶହ ଗ୍ରାହକ ଉକ୍ତ ବ୍ୟାଙ୍କକୁ ବିଭିନ୍ନ କାର୍ଯ୍ୟ ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି। ମାତ୍ର ଶାଖା ପ୍ରବନ୍ଧକଙ୍କ ମନମାନି କାର୍ଯ୍ୟ ପାଇଁ ଗ୍ରାହକ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଯେପରିକି ଗ୍ରାହକଙ୍କ ବସିବା ପାଇଁ ଉଦ୍ଦିଷ୍ଟ ଥିବା ପ୍ରକୋଷ୍ଠରେ ଭଙ୍ଗା ମଟର ସାଇକେଲ ଓ ଭଙ୍ଗା ଚୌକି ଦୀର୍ଘ ଦିନ ହେବ ପଡ଼ି ରହିଛି। ଯାହା ଫଳରେ ଶାଖା କାର୍ଯ୍ୟାଳୟ ଟି ଗୋଦାମ ଘର ସଦୃଶ ଲାଗୁଥିବା ବେଳେ ଲୋକେ ବସିବାକୁ ହଇରାଣ ହେଉଛନ୍ତି। ସେହିପରି ପାସ୍‌ବୁକ୍ ପ୍ରିଣ୍ଟ ପାଇଁ ଉଦ୍ଦିଷ୍ଟ ପ୍ରିଣ୍ଟର ଖରାପ ହୋଇ ପଡିଥିବାବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୪ଜଣ କିରାଣୀ ଆବଶ୍ୟକ ଥିବାବେଳେ ମାତ୍ର ୨ ଜଣ କିରାଣୀରେ ଶାଖା ଚାଲିବା ଫଳରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ମଧ୍ୟାନ ଭୋଜନ ବିରତି ସମୟରେ ସମସ୍ତ କର୍ମଚାରୀ ମୁଖ୍ୟ ଫାଟକର ଭିତର ପଟୁ ତାଲା ଲଗାଇ ଭୋଜନ କରିବାକୁ ଯିବା ସମସ୍ତ ଗ୍ରାହକଙ୍କୁ ବିସ୍ମିତ କରିଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଶାଖା ପ୍ରବନ୍ଧକ ମନୋଜ ମହାପାତ୍ରଙ୍କୁ ପଚାରିବାରୁ କର୍ମଚାରୀ ଅଭାବ ପାଇଁ ଏଭଳି ଅବସ୍ଥା ହୋଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି।

## ଅବସରପ୍ରାପ୍ତ ବରିଷ୍ଠ ଆଦର୍ଶ ଶିକ୍ଷକଙ୍କ ପରଲୋକ



ଚନ୍ଦନେଶ୍ୱର, ୬।୮ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ବାଜିତପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣ ସରିଷା ଗ୍ରାମର ଅବସରପ୍ରାପ୍ତ ତଥା ଆଦର୍ଶ ପ୍ରଧାନ ଶିକ୍ଷକ ସୁଧାଂଶୁ ମହାନ୍ତିଙ୍କ ୭୯ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ବୁଧବାର ତାଙ୍କ ମର ଶରୀର ଭୋଗରାଇରେ ପହଞ୍ଚିବା ପରେ ଏକ ବିଶାଳ ପଟୁଆରରେ ଶୋଭାଯାତ୍ରାରେ ନିଆ ଯାଇ ଅନ୍ତିମ ସଂସ୍କାର କରାଯାଇଛି। ଅବସର ପରେ କିଆଁ ଗଡ଼ିଆ ମଠର ମହନ୍ତ ବ୍ରଜଗୋବିନ୍ଦ ଦାସ ଗୋସ୍ୱାମୀଙ୍କ ଠାରେ ଦୀକ୍ଷା ଗ୍ରହଣ କରିବା ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ସାମିଲ ରହି ସାମାଜିକ, ଶୈକ୍ଷିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନିଜକୁ ଯୋଡି ରଖିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱର୍ଗତ ମହାନ୍ତିଙ୍କ ବଡ଼ ପୁଅ ଝାଡେଶ୍ୱର, ମଝିଆ ପୁଅ କାର୍ତ୍ତିକେଶ୍ୱର, ସାନ ମଝିଆ ପୁଅ ଦୀପକ ଓ ସାନପୁଅ ତପନ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାନ୍ତିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସମଗ୍ର ଭୋଗରାଇରେ ଶୋକର ଛାୟା ଖେଳି ଯାଇଥିଲା। ବୁଧବାର ତାଙ୍କ ମର ଶରୀର ଭୋଗରାଇରେ ପହଞ୍ଚିବା ପରେ ଜଗନ୍ନାଥପୁର ଛକ ଠାରୁ ଦକ୍ଷିଣ ତେଘରି ସରକାରୀ ସ୍କୁଲ ଓ ଶଙ୍ଖାରୀ ହାଟ ପର୍ଯ୍ୟନ୍ତ ଏକ ବିଶାଳ ପଟୁଆରରେ ପରିକ୍ରମା କରାଯାଇ ନିଜ ଜନ୍ମମାଟି ଦକ୍ଷିଣ ସରିଷା ଗାଁକୁ ନିଆଯାଇଥିଲା। ଉଦୟପୁର ବେଳାଭୂମି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁତ୍ର ଝାଡେଶ୍ୱର ମୁଖାଗ୍ନି ଦେଇଥିଲେ।

## ଗହମ ଯୋଗାଣରେ ଅନିୟମିତତା

ଖଇରା, ୬।୮ (ସମିସ)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ସେପ୍ଟେମ୍ବର ମାସ ପାଇଁ ଯୋଗାଣ ବିଭାଗ ତରଫରୁ ମିଳିଥିବା ଗହମ ବଣ୍ଟନରେ ଅନିୟମିତତାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯଦି ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ନ କରନ୍ତି ମୂଳ ଆବେଦନ ମୁତାବକ ଗହମ ନ ଦିଅନ୍ତି ତେବେ ଖୁବଶିଘ୍ର ହିତାଧିକାରୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜଣେ ବ୍ୟକ୍ତି ସର୍ବାଧିକ ୫କିଲୋ ଚାଉଳ କିମ୍ବା ଗହମ ପାଇଁ ଆବେଦନ କରିଥାନ୍ତି। ଯିଏ ଯେଉଁ ପରିମାଣର ଚାଉଳ ଓ ଗହମ ଆବେଦନ କରିଥାନ୍ତି ଯୋଗାଣ ବିଭାଗ ସେହି ଅନୁପାତରେ ରେସନ ଯୋଗାଇ ଦେଇଥାନ୍ତି। ୨ବର୍ଷ ଧରି ଗହମ ଯୋଗାଣ ବନ୍ଦ ରହିବା ପରେ ଏବେ ସେପ୍ଟେମ୍ବର ମାସଠାରୁ ଗହମ ଯୋଗାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଖଇରା ବ୍ଲକର ୭୫ ଡିଲର ପଏଣ୍ଟପାଇଁ ସେପ୍ଟେମ୍ବର ମାସରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ପିଏଚ୍‌ଏଚ୍) ରେ ୫ହଜାର ୭୯୮ କୁଇଣ୍ଟାଲ ଚାଉଳ ମିଳିଥିବା ବେଳେ ୪୫୪ କୁଇଣ୍ଟାଲ ଗହମ ମିଳିଛି। ହେଲେ ଯେଉଁ ମାନେ ୨କିଲୋ କିମ୍ବା ତାଠାରୁ କମ ଗହମ

**ଆନ୍ଦୋଳନକୁ ଓହ୍ଲାଇବେ ହିତାଧିକାରୀ**

ଆବେଦନକାରୀଙ୍କ ନାମ ତାଲିକାରୁ ବାଦ ଦିଆଯାଇଛି। ଅର୍ଥାତ ଖଇରା ଗହମ ଆବେଦନ କାରୀଙ୍କ ସଂଖ୍ୟା ହିସାବକୁ ନେଲେ ଖଇରା ବ୍ଲକ ପାଇଁ ପାଖାପାଖି ୧ହଜାର ୮ଶହ କୁଇଣ୍ଟାଲ ଗହମ ଆବଶ୍ୟକ ଥିବା ବେଳେ ଯଥେଷ୍ଟ କମ ଗହମ ଯୋଗାଣ କୁ ନେଇ ହିତାଧିକାରିଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ସେପଟେ ଚାଉଳ ସେପ୍ଟେମ୍ବର ଏବଂ ଅକ୍ଟୋବର ପାଇ ପ୍ରଦାନ କରାଯାଇଥିବା ବେଳେ ଗହମ କେବଳ ସେପ୍ଟେମ୍ବର ପାଇଁ ପ୍ରଦାନ କରାଯାଇଛି। ଏପଟେ ଧାନ ବିକ୍ରି ପାଇଁ ଅନଲାଇନରେ କଟକଣାକୁ ନେଇ ଚାଷୀଙ୍କ କ୍ରୋଧ ପଞ୍ଚମରେ ପହଞ୍ଚିଥିବା ବେଳେ ପୁଣି ଯୋଗାଣ ବିଭାଗରେ ଗହମ ଯୋଗାଣରେ ଏଭଳି ଚରମ ଅବହେଳା ଯୋଗୁଁ ଏହି ବିଭାଗ ଲୋକଙ୍କ ବିଶ୍ୱସନୀୟତା ହରାଇଛି ବୋଲି ଗହମ ଯୋଗାଣରୁ ବଞ୍ଚିତ ଅଲିପୁର ଗ୍ରାମର ଭରତ କଟୁଆଳ କହିଛନ୍ତି। ସେହିଭଳି ଗହମକୁ ଚାତକ ଭଳି ଚାହିଁ ବସିଥିବା ସୁଣ୍ଡିରା ଗ୍ରାମର କ୍ଷେତ୍ରମଣି ନାୟକ ଓ ପଦ୍ମାବତୀ ଖଟୁଆ, ପୁର୍ବପଡା ଗ୍ରାମର ସ୍ନେହଲତା ଖଟୁଆ, ତ୍ରିଲୋଚନପୁର ଗ୍ରାମର ଛବିରାଣୀ ବାରିକ ଏଭଳି ଅନିୟମିତତା ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକ ଯୋଗାଣ ବିଭାଗ ଅଧିକାରିଣୀ ସୁବାସିନୀ ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରେ ଉପରୁ ଯେମିତି ଲିଷ୍ଟ ଆସିଛି ଡିଲର ମାନେ ସେହିଭଳି ଭାବେ ଗହମ ଓ ଚାଉଳ ହିତାଧିକାରୀଙ୍କୁ ବାଣ୍ଟୁଥିବା କହିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



କାଳିପଦା, ୬।୮ (ସମିସ): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା କ୍ଷୀରୋଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ଚୌମୁଖ ରାମ ପ୍ରସାଦ ସରକାରୀ ହାଇ ସ୍କୁଲର ଆବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଣ୍ଡା, ଜାମଶୂଳୀ କଲେଜର ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ପ୍ରମୁଖ ଅତିଥି ଆର ପି ଭାବରେ ଯୋଗ ଦେଇ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଗୁଡିକର ଗୁଣବତ୍ତା ସମ୍ପର୍କରେ କହିଥିଲେ। ମେଳାରେ କୋଡିଏରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗୁରୁମା କୃଷ୍ଣା ସୁର, ଝୁନା ରାଣୀ ଦାସ, ବିଦ୍ୟୁତ ପ୍ରଭା ଦେ, ଚିନ୍ମୟୀ ଦେ, ବିଷ୍ଣୁ ପ୍ରିୟା କୁହ୍ଲାରୀ, ସୁସ୍ମିତା ପ୍ରଧାନ, ଲତିକା ସାହୁ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ଗୁରୁଜୀ ଜଳଧର ଦେ, ରାଜେଶ କୁମାର ଦେ, ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ କରାଯାଇ ଥିଲା।

ସାକ୍ଷାତ୍କାର

# “କଳାକାର ପାଇଁ ପ୍ରତ୍ୟେକଟି ଚରିତ୍ର ଗୁରୁତ୍ୱପୂର୍ଣ୍ଣ”

## ଲିଲି ନାୟକ



ପିଲାଦିନେ ସେ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିବା ସହ ଭଲ ନାଚୁଥିଲେ । ଭବିଷ୍ୟତରେ ଭଲ ନୃତ୍ୟଶିଳ୍ପୀ ହେବାକୁ ସେ ସ୍ୱପ୍ନ ଦେଖୁଥିଲେ । ଶିଶୁ କଳାକାର ଭାବେ ସେ ଅଭିନୟ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ପାଠ ପଢ଼ାକୁ ଗୁରୁତ୍ୱ ଦେଇ ସେ ରଙ୍ଗିନ ଦୁନିଆରୁ କିଛି ବର୍ଷ ପାଇଁ ଦୂରେଇ ଯାଇଥିଲେ । ତେବେ ଗ୍ଲାମର ଦୁନିଆରେ ସଫଳତା ହାତେଇବା ନିଶା ତାଙ୍କୁ ଅଧିକ ଦିନ ଅଟକାଇ ପାରିନଥିଲା । ସେ ପୁଣି ମ୍ୟୁଜିକ୍ ଭିଡିଓରୁ କ୍ୟାରିୟର ଆରମ୍ଭ କରିଥିଲେ । ‘ତୁ କିଏ ମୋର’ ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡ଼ିଓ । ସେ ୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଛନ୍ତି । ତାଙ୍କ ଅଭିନୀତ ‘ଗୁଆ ଘିଅ’ ଗୀତ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ସୋରର ଲିଲି ନାୟକ । ବଡ଼ ପରଦାରେ ଅଭିନୟ କରିବାକୁ ନିଜକୁ ପ୍ରସ୍ତୁତ କରୁଥିବା ଲିଲିଙ୍କଠାରୁ ଜାଣିବା ତାଙ୍କ ଅଭିନୟ ଯାତ୍ରା ସମ୍ପର୍କରେ ।

**ରଙ୍ଗିନ ଦୁନିଆକୁ କେମିତି ଆସିଲେ?**

● ନାଚିବା ମୋର ଈଶ୍ୱରପ୍ରଦତ୍ତ ଗୁଣ ଥିଲା । ମା’ କହୁଥିଲେ ମାତ୍ର ଚାରିବର୍ଷ ବୟସରୁ ମୁଁ ଟିଭି ଦେଖି ଦେଖି ନାଚିବା ଆରମ୍ଭ କରିଥିଲି । ସେବେଠୁ ମୋ ମା’ ମୋତେ ଷ୍ଟେଜ୍ ପ୍ରୋଗ୍ରାମକୁ ନେଇ ଯାଉଥିଲେ । ସ୍କୁଲସ୍ତରୀୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚରେ ନୃତ୍ୟ ପରିବେଷଣ କରିଛି । ଧୀରେ ଧୀରେ ନୃତ୍ୟ ପ୍ରତି ମୋର ଅହେତୁକ ଦୁର୍ବଳତା ହେଲା । ନୃତ୍ୟ ପାଇଁ ମୁଁ କେବେ ବି ତାଲିମ ନେଇନି । ବାପା ମା’ ଚାହିଁଥିଲେ ମୁଁ ରଙ୍ଗିନ ପରଦାରେ କାମ କରେ । ପରବର୍ତ୍ତୀ ସମୟରେ ଗ୍ଲାମର ଦୁନିଆକୁ ଆସିବା ଲକ୍ଷ୍ୟରେ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା । ବର୍ତ୍ତମାନ ସୁଦ୍ଧା ମୁଁ ୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କାମ କରିଛି । ତନ୍ମଧ୍ୟରୁ ‘ଗୁଆଘିଅ’ ଗୀତଟି ମାତ୍ର ୧୧ ଘଣ୍ଟାରେ ୧୦୦ ମିଲିୟନ କ୍ରସ୍ କରିଥିଲା । ‘ଗୁଆ ଘିଅ’ ମ୍ୟୁଜିକ୍ ଭିଡିଓ ପାଇଁ ପୂରା ଟିମ୍‌କୁ ଶ୍ରେୟ ମିଳିଛି ।

**ହିଟ୍ ହୋଇଥିବା ମ୍ୟୁଜିକ୍ ଭିଡିଓ?**

● ‘ଗୁଆ ଘିଅ’, ‘ତୁମୋ ଓଦା ଆଖି’, ‘ରାଣୀ ତୁ’, ‘ବାରମାସୀ’, ‘ସାଙ୍ଗ ହୋ’, ‘ଗୋଟା ପାନ’, ‘ମଦରେ ମଦ ତୁ ସହର’, ‘ଏ କି ରତୁ’, ‘ନୂଆ ନୂଆ ପ୍ରେମ’, ‘ହୃଦୟଟା ତୋ ପାଖେ ରହିଯାଉଛି’, ‘ପ୍ରେମ ଗଳି’, ‘ପ୍ରେମଶିଳଖା’, ‘ତୋ ପ୍ରେମରେ ଦିୱାନ’ ଆଦି ଅନେକ ମ୍ୟୁଜିକ୍ ହିଟ୍ ହୋଇଛି ।

**କ୍ୟାମେରାକୁ କେମିତି ସାମ୍ନା କରନ୍ତି?**

● ମଞ୍ଚରେ ଯେତେ ନୃତ୍ୟ ପରିବେଷଣ କଲେ ବି, ଏବେ ଯେଉଁ ପ୍ରୋଜେକ୍ଟରେ କାମ କଲେ, ମୋ ଭିତରେ ଭୟ ଥାଏ । ମୋତେ ପୁଣି ଏକ ନୂଆ କାମ କରିବା ଭଳି ଅନୁଭବ ହୁଏ । ମୁଁ କେବେ ଭାବେନି ମୁଁ ସବୁ ଜାଣିଛି । ତେଣୁ ଭୟ ରହିଲେ ସେ କାମକୁ ସେତିକି ଜୋସ୍‌ରେ କରିବା ଦ୍ୱାରା କାମ ଭଲ ହୁଏ । ଏଥିପାଇଁ ଅଧିକ ପରିଶ୍ରମ ମଧ୍ୟ କରିଥାଏ । ମୁଁ ଭାବେ ଏହି ଭୟ ପ୍ରତ୍ୟେକ କଳାକାରଙ୍କ ଭିତରେ ରହିବା ଦରକାର ।

**ପ୍ରଥମ ପାରିଶ୍ରମିକ କ’ଣ କରିଥିଲେ?**

● ସବୁତକ ମୁଁ ମୋ ମା’ଙ୍କୁ ଦେଇଥିଲି ।

**ବଡ଼ ପରଦା ପାଇଁ କିଛି ଯୋଜନା ଅଛି କି?**

● ମ୍ୟୁଜିକ୍ ଭିଡିଓ କରିବା ସମୟରେ ମୋତେ ବିଭିନ୍ନ ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଛି । ହେଲେ କିଛି ବ୍ୟକ୍ତିଗତ କାରଣ ଯୋଗୁଁ ମୁଁ ଧାରାବାହିକ କରିନି । ତେବେ ଆଗକୁ ବଡ଼ ପରଦାରେ ଭଲ ଚରିତ୍ର ମିଳିଲେ ମୁଁ ନିଶ୍ଚୟ ଅଭିନୟ କରିବି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ନିଜକୁ ପ୍ରସ୍ତୁତ କରୁଛି । ଦର୍ପଣ ସାମ୍ନାରେ ସ୍କ୍ରିପ୍ଟ ଦେଖି ସଂଳାପ କହିବା, ନିଜର ଭଏସ୍ ମଡ୍ୟୁଲେସନ କେମିତି ହେବ ଆଦି ଉପରେ କାମ କରୁଛି । ଏଯାବତ୍ କୌଣସି ଥିଏଟର୍ ଯାଇନି ।

**ଆପଣଙ୍କ ଡ୍ରିମ୍ ରୋଲ୍?**

● ମୁଁ ଭାବେ ଜଣେ କଳାକାର ପାଇଁ ପ୍ରତ୍ୟେକଟି ସିନ୍ ଗୁରୁତ୍ୱପୂର୍ଣ୍ଣ । ଯେ କୌଣସି ଚରିତ୍ର ମିଳିଲେ ମୁଁ ଏହାକୁ ନିଖୁଣ ଭାବେ ଫୁଟାଇବାକୁ ଚାହିଁବି । ତେବେ ଚ୍ୟାଲେଞ୍ଜିଂ ଚରିତ୍ରକୁ ଗ୍ରହଣ କରିବାକୁ ବିଶେଷ ପ୍ରାଧାନ୍ୟ ଦେବି ।



**ଡ୍ୟାନ୍ସକୁ ବାଦ୍ ଦେଲେ, କେଉଁଥିରେ ଆପଣଙ୍କ ରୁଚି ରହିଛି?**

● ଚିତ୍ର ଆଙ୍କେ । ଭଲ ଭଲ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରେ । ମୋ ପସନ୍ଦର ନାୟକ ଓ ନାୟିକାଙ୍କ ଅଭିନୀତ ସିନେମା ଦେଖିବାକୁ ଭଲ ପାଏ ।

**ନିଜକୁ କେମିତି ଫିଟ୍ ରଖନ୍ତି?**

● ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର । ସେଥିପାଇଁ ମୁଁ ଯୋଗ, ୱାର୍କଆଉଟ୍, ଡ୍ୟାନ୍ସ କରେ । ■

# ‘ଲଢ଼େଇ’ରେ ଅଭିଲିପ୍ସା



ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ଲଢ଼େଇ’ରେ ଲୋହିତାକ୍ଷଙ୍କ ବିପକ୍ଷରେ ନାୟିକା ଭାବେ ନଜର ଆସିବେ ଅଭିଲିପ୍ସା । ଅଭିଲିପ୍ସାଙ୍କର ଏହା ହେଉଛି ପ୍ରଥମ ଫିଲ୍ମ । ନିଜର ପ୍ରଥମ ଫିଲ୍ମକୁ ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି । ଏଥିରେ ତାଙ୍କୁ ସୁଯୋଗ କେମିତି ମିଳିଲା ପ୍ରଶ୍ନର ଉତ୍ତରରେ ଅଭିଲିପ୍ସା କୁହନ୍ତି, “ନିର୍ଦ୍ଦେଶକ ଅଶୋକ ପତି ଇନ୍‌ଷ୍ଟାଗ୍ରାମରେ ମୋର କିଛି ରିଲ୍ସ ଓ ମ୍ୟୁଜିକ ଭିଡିଓ ଦେଖିଥିଲେ । ତା’ପରେ ଅଭିନେତା ମନ୍ମୟ ଦେ’ଙ୍କ ଜରିଆରେ ମୋ ସହିତ ଯୋଗାଯୋଗ କରିଥିଲେ । ଏହି ଭୂମିକା ପାଇଁ ମୋତେ ଅଡିସନ୍ ଓ ଲୁକ୍ ଟେଷ୍ଟ ଦେବାକୁ ପଡ଼ିଥିଲା । ଶେଷରେ ମୁଁ ମନୋନୀତ ହୋଇଥିଲି ।” ପ୍ରଥମେ ଏହାକୁ ସେ ସହଜରେ ଗ୍ରହଣ କରି ପାରି ନଥିଲେ । ତାଙ୍କ ପାଇଁ ଏହା ବେଶ୍ ଅବିଶ୍ୱସନୀୟ ଥିଲା । ସବୁ କିଛି ଚୂଡ଼ାନ୍ତ ହେବା ପରେ ସେ ନିଜ ଭଉଣୀକୁ ପ୍ରଥମେ ଏହି କଥା ଜଣାଇ ଥିବା କହନ୍ତି । ବାପା ଓ ମା’ଙ୍କ ସମର୍ଥନ ନ ଥିଲେ ସେ ଏତେ ବାଟ ଆସିପାରି ନଥାନ୍ତେ ବୋଲି କହିଛନ୍ତି । ଚଳଚ୍ଚିତ୍ର ପାଇଁ ସମସ୍ତ ଶ୍ରେୟ ସେ ନିର୍ଦ୍ଦେଶକ ଅଶୋକ ପତି ଓ ପ୍ରଯୋଜକ ଦେବାଶିଷ ପଟ୍ଟନାୟକଙ୍କୁ ଦେଇଛନ୍ତି । ଏଥିରେ ଅଭିଲିପ୍ସାଙ୍କୁ ଜଣେ ଗାଉଁଲି ଝିଅର ଚରିତ୍ରରେ ଦେଖିବାକୁ ମିଳିବ । ଅନ୍ୟପକ୍ଷରେ ଚଳଚ୍ଚିତ୍ରରେ ସୁଯୋଗ ମିଳିବା ପୂର୍ବରୁ ଅଭିଲିପ୍ସା ‘ଅଳ୍ପ ଟିକେ ପ୍ରେମ’, ‘ପାଟ ଓଢଣୀ’, ‘କର୍ଫ୍ୟୁ’, ‘ନିଜଠୁ ନିଜର’ ଓ ‘ଯେବେ ନିଜର କଲା ତୋ ନଜର’ ଆଦି ଅନ୍ୟାନ୍ୟ ମ୍ୟୁଜିକ ଭିଡିଓରେ ଅଭିନୟ କରିଛନ୍ତି । ■

# ‘ସନ୍ଧ୍ୟା’ ଚରିତ୍ରରେ ଲିପି



ଦଶହରାରେ ଆସିବାକୁ ଯାଉଛି ଓଡ଼ିଆ ସିନେମା ‘ଚ୍ୟାଲେଞ୍ଜ’ । ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍‌ର ଏହା ହେଉଛି ଷଷ୍ଠ ଅବଦାନ । ତେବେ ଦୀର୍ଘଦିନ ବ୍ୟବଧାନ ପରେ ଲିପିଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିବ । ଏହି ସିନେମାରେ ଲିପି ‘ସନ୍ଧ୍ୟା’ ଚରିତ୍ରରେ ନଜର ଆସିବେ । ଜୀବନରେ ଜିତିବା ପାଇଁ କଠିନ ସଂଘର୍ଷ କରୁଥିବ । ଜଣେ ଦୃଢ଼ ନାରୀଭାବେ ଏଥିରେ ତାଙ୍କୁ ଦେଖିବାକୁ ମିଳିବ । ଏହିପରି ଭାବେ ସେ ଏକ ଦମ୍‌ଦାର ଚରିତ୍ରରେ ଦର୍ଶକଙ୍କ ମନ ଜିଣିବେ । ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳି ଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ । ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ଅମିତ୍ ନାୟକ । ଅନ୍ୟପକ୍ଷରେ ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ମଧ୍ୟ ଭରି ରହିଛି । ଏହାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଅର୍ଦ୍ଧେନ୍ଦୁ ଓ ଏଲିନା । ■

# ଅଗଷ୍ଟ ୯ରୁ ‘କିଚେନ ହଙ୍ଗାମା’






ଅଗଷ୍ଟ ୯ ତାରିଖରେ ତରଙ୍ଗ ଚ୍ୟାନେଲରେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ଶୁଭାରମ୍ଭ ହେବ ନୂଆ ରିଆଲିଟି ଶୋ’ ‘କିଚେନ ହଙ୍ଗାମା’ । ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ରେ ଏହା ପ୍ରସାରିତ ହେବ । ତେବେ ଏହି ଶୋ’ ଅନ୍ୟ ରିଆଲିଟି ଶୋ’ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏଥିରେ କଳାକାର ସେମାନଙ୍କର ଅଭିନୟ କି ନାଚ କିମ୍ବା ଗୀତ ନୁହେଁ, ବରଂ ରୋଷେଇ କଳା କୌଶଳ ଦେଖାଇବେ । ତେଣୁ ଏହି ଶୋ’ରେ ଟେଲିଭିଜନର ଲୋକପ୍ରିୟ କଳାକାରଙ୍କ ମଧ୍ୟରେ ଏକ ଦମ୍‌ଦାର ରୋଷେଇ ପ୍ରତିଯୋଗିତା ଦେଖିବାକୁ ମିଳିବ । ଏଥିରେ ଯୋଡ଼ି ହୋଇ ପ୍ରତ୍ୟେକ କଳାକାର ରୋଷେଇ କରିବେ । ସେହିପରି ଏଥିରେ ବିଚାରକ ଭାବେ ନଜର ଆସିବେ ମାଷ୍ଟର ସେଫ୍ ଅବିନାଶ । ଶୋ’କୁ ସଂଚାଳନ କରିବେ ଚାନ୍ଦିନୀ । କେବଳ ରୋଷେଇ ନୁହେଁ, ନାଚ, ଗୀତ ମାଧ୍ୟମରେ ଏହି ଶୋ’ ଦର୍ଶକଙ୍କର ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି । ■

# ‘ବିନ୍ଦୁସାଗର’ରେ ବଲିଉଡ୍ ପ୍ରଯୋଜକ



ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା ‘ବିନ୍ଦୁ ସାଗର’ । ବଲିଉଡ୍‌ର ଲୋକପ୍ରିୟ ପ୍ରଯୋଜକ ଶିଳାଦିତ୍ୟ ବୋରା ତାଙ୍କର ପ୍ଲାଟୁନ୍ ୱାନ୍ ଫିଲ୍ମସ ସହିତ ଏହି ଫିଲ୍ମ ମାଧ୍ୟମରେ ଓଡ଼ିଶାରେ ଡେବ୍ୟୁ କରିବେ । ତେବେ ଶିଳାଦିତ୍ୟ ‘ନ୍ୟୁଟନ’, ‘ପିକାସୋ’ ଫିଲ୍ମ ପାଇଁ ସୁପରିଚିତ । ସେ କହିଛନ୍ତି, ଓଡ଼ିଆ ଫିଲ୍ମ ଏବେ ଦର୍ଶକଙ୍କ ପାଇଁ ଚମତ୍କାର ବିଷୟ ବସ୍ତୁ ଉପସ୍ଥାପନ କରିଥିଲେ ବି ଏହା ବିଶ୍ୱବ୍ୟାପୀ ଦର୍ଶକଙ୍କ ପାଖରେ ସମ୍ପୂର୍ଣ୍ଣ ଉନ୍ମୋଚିତ ହୋଇପାରି ନାହିଁ । ତେଣୁ ଖୁବ୍‌ଶୀଘ୍ର ଓଡ଼ିଆ ଚଳଚ୍ଚିତ୍ର ଏକ ନୂଆ ଶିଖରରେ ପହଞ୍ଚିବାକୁ ଯାଉଛି । ଏହି ଫିଲ୍ମ କିଭଳି ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ ଆକର୍ଷିତ କରିବ, ତାହା ଉପରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି । ତାଙ୍କ ମତରେ, ଏହି ଫିଲ୍ମ ପୁରାତନ ମୂଲ୍ୟବୋଧକୁ ପ୍ରମାଣିତ କରିବ । ସିନେମାର ନିର୍ଦ୍ଦେଶନାରେ ଅଭିଷେକ ସ୍ୱାଇଁ ଅଛନ୍ତି । ଅନ୍ୟପଟେ ଓଡ଼ିଶା ଓ ଲଣ୍ଡନରେ ସୁଟିଂ ହୋଇଥିବା ଏହି ଫ୍ୟାମିଲି ଡ୍ରାମା ପ୍ରେମ ଓ ପରମ୍ପରାରର ଏକ କାହାଣୀ ଉପରେ ପର୍ଯ୍ୟବସିତ । ■

ପରଦା ପଛର କାହାଣୀ

# ଅଧା କେଶ ଓ ନିଶ କାଟି ସେଟ୍‌ରେ ଅଭିନେତା



ବଲିଉଡ୍‌ରେ ଅନେକ କଳାକାର ନିଜର ପ୍ରତିଭା ତଥା କଠିନ ପରିଶ୍ରମ ବଳରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି । ସେମାନଙ୍କ ମଧ୍ୟରୁ ଅନ୍ୟତମ କିଶୋର କୁମାର । ସେ ଜଣେ ଭଲ ଗାୟକ ଓ ଅଭିନେତା ଭାବେ ପ୍ରସିଦ୍ଧ । ତାଙ୍କର ଅଭିନୟ ଓ ଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦିଏ । ୧୯୪୬ ମସିହାରେ ‘ଶିକାରୀ’ ଫିଲ୍ମ ମାଧ୍ୟମରେ ଅଭିନୟ ଜଗତରେ ପାଦ ଥାପିଥିବା କିଶୋର କୁମାର କୌତୁକିଆ ଓ ସ୍ପଷ୍ଟବାଦୀ ଥିଲେ । ତାଙ୍କୁ ନେଇ ଅନେକ ରୋଚକ କଥା ରହିଛି । ତେବେ ନିକଟରେ ତାଙ୍କ ସହ ଜଡ଼ିତ ଏକ ରୋଚକୀୟ ଘଟଣା ସାମ୍ନାକୁ ଆସିଛି । ଥରେ ସେ ପ୍ରଯୋଜକଙ୍କ ଉପରେ ରାଗିଯାଇ, ଅଧା କେଶ ଓ ନିଶ କାଟି ସେଟ୍‌ରେ ପହଞ୍ଚିଥିଲେ ବୋଲି ନିକଟରେ ଏକ ସାକ୍ଷାତକାରରେ ତାଙ୍କ ଧର୍ମପତ୍ନୀ ଲୀନା ଚନ୍ଦାବରକର କହିଛନ୍ତି । ତାଙ୍କ କହିବାନୁଯାୟୀ, ଥରେ କିଶୋର କୁମାର କୌଣସି ଏକ ଫିଲ୍ମର ସୁଟିଂ କରୁଥିଲେ । କିନ୍ତୁ ପ୍ରଯୋଜକ ତାଙ୍କୁ ସେଥିରେ ଅଧା ଟଙ୍କା ଦେଇଥିଲେ । ଫିଲ୍ମ ପୂରା ହେଲା ପରେ ସେ କିଶୋରଙ୍କୁ ବାକି ଟଙ୍କା ଦେବା ପାଇଁ କହିଥିଲେ । ଏ କଥାକୁ ନେଇ କିଶୋର ଖୁବ୍ ରାଗି ଯାଇଥିଲେ । ଏହାର ଜବାବ ସେ ନିଜ ଷ୍ଟାଇଲ୍‌ରେ ଦେବାକୁ ସ୍ଥିର କରିଥିଲେ । ତା’ ପରଦିନ ସେ ଅଧା କେଶ ଓ ଅଧା ନିଶ ନିଶ କାଟି ଫିଲ୍ମ ସେଟ୍‌କୁ ପହଞ୍ଚିଥିଲେ । ଏହାର କାରଣ ପଚାରିବାରୁ ସେ କହିଥିଲେ, “ଅଧା ଟଙ୍କା ମିଳିଛି । ତେଣୁ ଗେଟ୍‌ଅପ୍ ମଧ୍ୟ ଅଧା ରହିବ । ଯେତେବେଳେ ପୂରା ଟଙ୍କା ମିଳିବ, ସେତେବେଳେ ପୁରା ଗେଟ୍‌ଅପ୍ ରହିବ ।” ■

## ଉଷୁରେ ନୂପୁରଙ୍କୁ ସ୍ୱର୍ଣ୍ଣ; ପାୟଲଙ୍କୁ କାଂସ୍ୟ




ଭୁବନେଶ୍ୱର, ୬।୮ (ସମିସ): ଦୁଇ ଓଡ଼ିଆ ଉଷୁ ଖେଳାଳି ନୂପୁର ପଟ୍ଟନାୟକ ଓ ପାୟଲ ପଟ୍ଟନାୟକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଜର୍ଜିଆ ଓପନ୍ ଇଣ୍ଟର ନ୍ୟାସନାଲ ଉଷୁ ଚାମ୍ପିଅନସିପ୍‌ରେ ନୂପୁର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେ ଉଷୁର ତାଓଲୁ ନାନ୍ ଷ୍ଟାଇଲ୍ ଇଭେଣ୍ଟରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ଏହି ପ୍ରତିଯୋଗିତାରେ ପାୟଲ ୱିଙ୍ଗ୍ ଚୁନ୍ ଇଭେଣ୍ଟରେ ୩ୟ ହୋଇ କାଂସ୍ୟ ପଦକ ଜିତିଛନ୍ତି।

### ■ ବିଶ୍ୱ ମିନି ଗଲ୍ଫ ଚାମ୍ପିଅନସିପ୍

## ଭାରତୀୟ ଦଳରେ ବିକାଶ



ଭୁବନେଶ୍ୱର, ୬।୮ (ସମିସ): ଜର୍ମାନୀର ନେହିମ୍ ହଷ୍ଟନ ସହରରେ ଚଳିତ ମାସ ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ ବିଶ୍ୱ ମିନି ଗଲ୍ଫ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ବିକାଶ ଚନ୍ଦ୍ର ପଟ୍ଟନାୟକ ସ୍ଥାନ ପାଇଛନ୍ତି। ଦେଶ ତଥା ରାଜ୍ୟ ପାଇଁ ପଦକ ଜିତିବା ଲାଗି ବିକାଶ ଆଶାବାଦୀ ରହିଛନ୍ତି। ବିଗତ ୮ ବର୍ଷ ଧରି ବିକାଶ ରାଜ୍ୟରେ ମିନିଗଲ୍ଫ କ୍ରୀଡ଼ାର ପ୍ରଚାର ଓ ପ୍ରସାର ଦିଗରେ କାମ କରିଚାଲିଛନ୍ତି। ସେ ୨୦୦୩ରେ ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ, ୨୦୨୪ରେ ଜାତୀୟ ମିନି ଗଲ୍ଫରେ ରୌପ୍ୟ ଓ ୨୦୨୫ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବିକାଶଙ୍କୁ ଏହି ଅବସରରେ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି।

### ■ ଜୁନିଅର ମହିଳା ହକି

## ମହାରାଷ୍ଟ୍ରଠୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୬।୮ (ସମିସ): ଆନ୍ଧ୍ର ପ୍ରଦେଶରେ ଚାଲିଥିବା ଜାତୀୟ ଜୁନିଅର ମହିଳା ହକି (ଡିଭିଜନ-ଏ)ରେ ଓଡ଼ିଶା ଏହାର ଅନ୍ତିମ ପୁଲ୍ ମ୍ୟାଚରେ ପରାସ୍ତ ହୋଇଛି। ପୁଲ୍-ଡି’ରେ ସ୍ଥାନ ପାଇଥିବା ଓଡ଼ିଶା ବୁଧବାର ୨ୟ ମୁକାବିଲାରେ ମହାରାଷ୍ଟ୍ରକୁ ଭେଟିଥିଲା। ଏହି ମ୍ୟାଚରେ ମହାରାଷ୍ଟ୍ର ପ୍ରଭାବୀ ପ୍ରଦର୍ଶନ କରି ୨-୧ ଗୋଲ୍‌ରେ ଓଡ଼ିଶାକୁ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ ଦ୍ୱିତୀୟ କ୍ୱାର୍ଟରରେ ଅଧିନାୟିକା ତନୁଶ୍ରୀ କାଡୁ ଓ ଦୀକ୍ଷା ନୀତୀନ ସିନ୍ଦେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚର ୫୪ତମ ମିନିଟ୍‌ରେ ଦୀପିକା ବରୱା ଗୋଟିଏ ଗୋଲ୍ ଶୁଝାଇଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଏଥିପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୩-୧ ଗୋଲ୍‌ରେ ଘରୋଇ ଆନ୍ଧ୍ର ପ୍ରଦେଶକୁ ହରାଇଥିଲା। ଓଡ଼ିଶା ଏବେ ୨ ମ୍ୟାଚରୁ ୩ ପଏଣ୍ଟ ପାଇ ପୁଲ୍-ଡି’ରେ ଶୀର୍ଷରେ ରହିଛି। ଗୁରୁବାର ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଅନ୍ତିମ ପୁଲ୍ ମ୍ୟାଚ୍ ଖେଳାଯିବା ପରେ କେଉଁ ଦଳ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିବ ତାହା ସ୍ପଷ୍ଟ ହେବ।

### ଜାତୀୟ ଜୁନିଅର ସନ୍ତରଣ ପ୍ରତିଯୋଗିତା

## ଓଡ଼ିଶାର ସାଇ ସ୍ୱରୂପଙ୍କୁ ଐତିହାସିକ ସ୍ୱର୍ଣ୍ଣ

ଭୁବନେଶ୍ୱର, ୬।୮ (ସମିସ): ଅହମଦାବାଦରେ ଚାଲିଥିବା ଜାତୀୟ ଜୁନିଅର ସନ୍ତରଣ ଚାମ୍ପିଅନସିପ୍‌ରେ ବୁଧବାର ଓଡ଼ିଶାକୁ ଏକ ବଡ଼ ସଫଳତା ମିଳିଛି। ପୁରୁଷ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟରେ ସାଇ ସ୍ୱରୂପ ସ୍ୱାଇଁ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହି ଦୂରତାକୁ ସାଇ ସ୍ୱରୂପ ୨ ମିନିଟ୍ ୩୨.୫୦ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଏଥିସହ ଜାତୀୟ ସନ୍ତରଣର କୌଣସି ପ୍ରତିଯୋଗିତାରେ ଓଡ଼ିଶାର ଜଣେ ସନ୍ତରଣକାରୀ ସ୍ୱର୍ଣ୍ଣ ପଦକ ଜିତିବାରେ ଏହା ପ୍ରଥମ ଘଟଣା ହୋଇଛି। ଏହି ସଫଳତା ଲାଗି ସାଇଙ୍କୁ ଓଡ଼ିଶା କ୍ରୀଡ଼ା ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି।

ଏଠାରେ ଉଲ୍ଲେଖଯୋଗ୍ୟ, ସାଇ ସ୍ୱରୂପ ଦୁଇ ଦିନ ତଳେ ଏହି ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିଲେ। ସେ ବାଳକ ଗ୍ରୁପ୍-୨ କାଟଗୋରୀର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟକୁ ୩୧.୯୫ ସେକେଣ୍ଡରେ ଶେଷ କରି ୩ୟ ସ୍ଥାନ ହାସଲ କରିଥିଲେ। ଏଥିସହ ଓଡ଼ିଶାର ୨ୟ ପୁରୁଷ ସନ୍ତରଣକାରୀ ଭାବେ ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ତାଙ୍କ ପୂର୍ବରୁ ୧୯୯୧ରେ ରଙ୍କନିଧି ସେଟ୍ ପ୍ରଥମ ଓଡ଼ିଆ ଭାବେ କୋଲକାତାରେ ଅନୁଷ୍ଠିତ ଜାତୀୟ ସନ୍ତରଣର ସବ୍‌ଜୁନିଅର କାଟାଗୋରୀରେ କାଂସ୍ୟ ପଦକ ଜିତିଥିଲେ। ଏବେ ସାଇଙ୍କ ସ୍ୱର୍ଣ୍ଣିମ ସଫଳତା ଜାତୀୟ ସନ୍ତରଣରେ ଓଡ଼ିଶା ପାଇଁ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। କଟକ ବାରଙ୍ଗର ସୁବାସ ଚନ୍ଦ୍ର ସ୍ୱାଇଁ ଓ ରୁନୁ ସ୍ୱାଇଁଙ୍କ ସୁପୁତ୍ର ସାଇ ସ୍ୱରୂପ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ହାଇପର୍‌ଫର୍ମାନ୍ସ ଆକ୍ୱାଟିକ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି।



### ୨୦୨୭ ଦିନିକିଆ ବିଶ୍ୱକପ୍

# କୋହଲି-ରୋହିତଙ୍କୁ ନେଇ ଅନିଶ୍ଚିତତା



ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ଦୁଇ ମହାନ ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମା ଟି-୨୦ ଓ ଟେଷ୍ଟ ଫର୍ମାଟ୍‌କୁ ଅଲ୍‌ବିଦା କହିସାରିଛନ୍ତି। ଉଭୟ ଏବେ କେବଳ ଦିନିକିଆ ଫର୍ମାଟ୍ ତଥା ୫୦ ଓଭର କ୍ରିକେଟ୍‌ରେ ଖେଳ ଜାରି ରଖିଛନ୍ତି। ଦିନିକିଆ ଫର୍ମାଟ୍‌ର ପରବର୍ତ୍ତୀ ତଥା ୧୪ତମ ବିଶ୍ୱକପ୍ ୨୦୨୭ରେ ଆଫ୍ରିକା ମହାଦେଶରେ ଖେଳାଯିବ। ଏବେ କୋହଲି ଓ ରୋହିତ୍ ଏହି ବିଶ୍ୱକପ୍‌ରେ ଖେଳିବେ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଜାରି ରହିଛି। ଏକ ଜାତୀୟ ଖବର ସରବରାହ ସଂସ୍ଥାକୁ ବିସିସିଆଇର ଜଣେ କର୍ମକର୍ତ୍ତା କହିଛନ୍ତି, ‘ବିରାଟ-ରୋହିତଙ୍କ ବୟସ ୨୦୨୭ ମସିହା ବେଳକୁ ପାଖାପାଖି ୪୦ ବର୍ଷ ହୋଇସାରିଥିବ। ତେଣୁ ଏହି ବିଶ୍ୱକପ୍ ଲାଗି ଏକ ସ୍ପଷ୍ଟ ଯୋଜନା କରାଯିବା ଉଚିତ୍। କାରଣ ୧୪ ବର୍ଷ ତଳେ ଆମେ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲୁ। ତେଣୁ ଏହି ସମୟ ମଧ୍ୟରେ କିଛି ଯୁବ ଖେଳାଳିଙ୍କୁ ସୁଯୋଗ ଦେବାର ଆବଶ୍ୟକତା ରହିଛି।’ ଏଥିରେ ଆହୁରି ମଧ୍ୟ କୁହାଯାଇଛି, ଏହା ଉପରେ ବିସିସିଆଇ ଖୁବ୍ ଶୀଘ୍ର ଆଲୋଚନା କରିବ। ୨୦୨୭ ବିଶ୍ୱକପ୍ ଲାଗି ଆମ ନିକଟରେ ୨ ବର୍ଷରୁ ଅଧିକ ସମୟ ରହିଛି। ସୀମିତ ଓଭର କ୍ରିକେଟ୍‌ରେ ବିରାଟ ଓ ରୋହିତ୍‌ଙ୍କ ଏକ ବଡ଼ ଅବଦାନ ରହିଛି। ସେମାନେ ପ୍ରାୟ ସବୁକିଛି ହାସଲ କରିସାରିଛନ୍ତି। ତେଣୁ ଆମେ ଭାବୁ ନାହୁଁ ଯେ କେହି ସେମାନଙ୍କ ଉପରେ ଚାପ ପକାଇବ। କିନ୍ତୁ ବିଶ୍ୱକପ୍ ଚକ୍ର ଆରମ୍ଭ ହେବା ପୂର୍ବରୁ ଉଭୟଙ୍କ ସହ ବୃତ୍ତିଗତ ଆଲୋଚନା ହେବା ଉଚିତ୍। ଯେଉଁଥିରେ ଉଭୟ ମାନସିକ ଓ ଶାରୀରିକ ଭାବେ ଫିଟ୍ ରହିଛନ୍ତି କି ନାହିଁ ଦେଖାଯିବ।’

କୋହଲି ଓ ରୋହିତ୍‌ଙ୍କ ପାଇଁ ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବା ରାସ୍ତା କଷ୍ଟକର ହୋଇପଡୁଛି। କାହିଁକି ନା ଉଭୟଙ୍କ ଅନୁପସ୍ଥିତିରେ ଯୁବ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଦମ୍‌ଦାର ପ୍ରଦର୍ଶନ କରି ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିଥିଲା। ଏହି ସିରିଜରେ ଭାରତ ସମସ୍ତ ୫ଟି ଯାକ ଟେଷ୍ଟରେ ଲଢ଼େଇ କରିଥିଲା। ଅଧିନାୟକ ଗିଲ୍‌ଙ୍କ ସମେତ ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ଋଷଭ ପନ୍ତ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ, ଆକାଶ ଦୀପ୍ ସେମାନଙ୍କ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ବେଶ୍ ପ୍ରଭାବିତ କରିଛନ୍ତି। ତେଣୁ ଏହି ଯୁବ ପିଢ଼ିର ଖେଳାଳି ଏବେ ଟିମ୍ ମ୍ୟାନେଜମେଣ୍ଟର ଆସ୍ଥା ଭାଜନ ହୋଇପାରିଛନ୍ତି। ଯାହା ଫଳରେ କୋହଲି ଓ ରୋହିତ୍‌ଙ୍କ ଭଳି ଦୁଇ ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଟାଣି ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ପରେ କୋହଲି ଓ ରୋହିତ୍ ଏହି ଫର୍ମାଟ୍‌ରୁ ଅବସର ନେଇଥିଲେ। ଏହାପରେ ଟେଷ୍ଟରେ ଉଭୟଙ୍କ ପ୍ରଦର୍ଶନ ଆଶାନୁରୂପକ ନ ଥିଲା। ଯେଉଁଥିପାଇଁ ଇଂଲଣ୍ଡ ଗସ୍ତ ପୂର୍ବରୁ ଉଭୟ ଟେଷ୍ଟ ଫର୍ମାଟ୍‌କୁ ମଧ୍ୟ ଅଲ୍‌ବିଦା କରିଥିଲେ। ଏବେ ଉଭୟଙ୍କୁ ମଧ୍ୟ ଦିନିକିଆ ଫର୍ମାଟ୍‌ରୁ ଧିରେ ଧିରେ ଅବ୍ୟାହତି ଦିଆଯିବ ବୋଲି କ୍ରିକେଟ୍ ବିଶେଷଜ୍ଞଙ୍କ ମହଲରେ ଆଲୋଚନା ଚାଲିଛି। ଭାରତ ଏହାର ପରବର୍ତ୍ତୀ ଦିନିକିଆ କ୍ରିକେଟ୍ ସିରିଜ ଅକ୍ଟୋବରରେ ଅଷ୍ଟ୍ରେଲିଆ ଓ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଏଥିରେ ଉଭୟଙ୍କ ପ୍ରଦର୍ଶନ କେଉଁଭଳି ରହୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଜୁଲାଇର ଶ୍ରେଷ୍ଠ କ୍ରିକେଟର୍ ଦୌଡ଼ରେ ଗିଲ୍



ଦୁବାଇ, ୬।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍ ଜୁଲାଇ ମାସର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ପୁରସ୍କାର ଦୌଡ଼ରେ ରହିଛନ୍ତି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର ଜୁଲାଇ ମାସ ଲାଗି ଶ୍ରେଷ୍ଠ ପୁରୁଷ ଖେଳାଳିଙ୍କ ସମ୍ଭାବ୍ୟ ତାଲିକା ପ୍ରକାଶ ପାଇଛି। ଏଥିରେ ଗିଲ୍‌ଙ୍କ ବ୍ୟତୀତ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର ୱିଆନ ମଲ୍ଡର ମଧ୍ୟ ପୁରସ୍କାର ଦୌଡ଼ରେ ରହିଛନ୍ତି। ନିକଟରେ ଗିଲ୍ ପ୍ରଥମଥର ଲାଗି ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ତାଙ୍କ ନେତୃତ୍ୱରେ ଯୁବ ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିବାରେ ସଫଳ ହୋଇଥିଲା। ଏହି ସିରିଜରେ ଗିଲ୍ ମଧ୍ୟ ବେଶ୍ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ସେ ୭୫.୪୦ ହାରରେ ୭୫୪ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୪ ଶତକ ଓ ଗୋଟିଏ ଦ୍ୱିଶତକ ରହିଥିଲା। ଏହି ପ୍ରଦର୍ଶନ ବଳରେ ଗିଲ୍ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହକାରୀ ଭାରତୀୟ ଅଧିନାୟକ ହୋଇଥିଲେ। ତାଙ୍କ ପୂର୍ବରୁ ୧୯୭୮ ମସିହାରେ ଗାଭାସ୍କର ଅଧିନାୟକ ଥିବାବେଳେ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ୭୩୨ ରନ କରିଥିଲେ।

ସେହିଭଳି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ମଧ୍ୟ ଭାରତ ବିପକ୍ଷରେ ପ୍ରଥମ ୪ଟି ଟେଷ୍ଟ ଖେଳି ୪୩.୪୦ ହାରରେ ୩୦୪ ରନ କରିଥିଲେ। ସେ ମଧ୍ୟ ୧୭ଟି ୱିକେଟ୍ ନେଇ ଶ୍ରେଷ୍ଠ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ଯେଉଁଥି ଲାଗି ତାଙ୍କ ନାମକୁ ମଧ୍ୟ ଜୁଲାଇ ମାସର ଶ୍ରେଷ୍ଠ କ୍ରିକେଟର୍ ଭାବେ ବିଚାରକୁ ନିଆଯାଇଛି। ଦକ୍ଷିଣ ଆଫ୍ରିକାର ମଲଡର୍ ଗତ ଜୁଲାଇରେ ଜିମ୍ବାୱେ ବିପକ୍ଷ ଟେଷ୍ଟ ମ୍ୟାଚରେ ଅପରାଜିତ ୩୬୭ ରନର ମାରାଥନ ତ୍ରିଶତକୀୟ ପାଳି ଖେଳିଥିଲେ।

## ପାକିସ୍ତାନ ସିରିଜ ଲାଗି ଶେଫର୍ଡ ଫେରିଲେ

ସେଣ୍ଟ ଲୁସିଆ, ୬।୮ (ଏଜେନ୍ସି): ପାକିସ୍ତାନ ବିପକ୍ଷ ଆଗାମୀ ଦିନିକିଆ ସିରିଜ ଲାଗି ବୁଧବାର ୱେଷ୍ଟଇଣ୍ଡିଜ ଦଳ ଘୋଷଣା କରାଯାଇଛି। ତିନି ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ ଲାଗି ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ରୋମାରିଓ ଶେଇଫର୍ଡଙ୍କୁ ଦଳରେ ସାମିଲ କରାଯାଇଛି। ଚଳିତ ବର୍ଷ ପ୍ରାରମ୍ଭରେ ଆଇପିଏଲ୍ ପୁନଃ କାର୍ଯ୍ୟସୂଚୀ ଲାଗି ରୋମାରିଓ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଖେଳିପାରି ନ ଥିଲେ। ସେହିଭଳି ଦ୍ରୁତ ବୋଲର ଆଲ୍‌ଜାରୀ ଜୋସେଫ୍‌ଙ୍କୁ ଏହି ସିରିଜ ଲାଗି ବିଶ୍ରାମ ଦିଆଯାଇଛି। ନିକଟରେ ସେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଅଂଶଗ୍ରହଣ କରିଥିଲେ। ତେଣୁ ତାଙ୍କୁ ବିଶ୍ରାମ ଦିଆଯାଇଛି। ସାଇ ହୋପ୍ ଘୋଷିତ ୧୫ ଜଣିଆ ୱେଷ୍ଟଇଣ୍ଡିଜ ଦଳର ନେତୃତ୍ୱ ଭାର ସମ୍ଭାଳୁଛନ୍ତି। ଦଳରେ ଜ୍ୱେଲ ଆଣ୍ଡ୍ରିଉ, ଜେଡିଆ ବ୍ଲାଡିସ୍, କେସି କାର୍ଟି, ରୋଷ୍ଟନ ଚେଜ୍, ମାଥ୍ୟୁ ଫୋର୍ଡ, ଜଷ୍ଟିନ ଗ୍ରେଭେସ୍, ଆମିର ଜୋଙ୍ଗୋ, ଶାମାର ଜୋସେଫ୍, ବ୍ରାଣ୍ଡନ କିଙ୍ଗ୍, ଏଭିନ୍ ଲୁଇସ୍, ଗୁଦାକେଶ ମୋତି, ଶେଫାନ ରଦରଫୋର୍ଡ, ଜେଡେନ ସେଲ୍ସ ଓ ରୋମାରିଓ ଶେଇଫର୍ଡ ରହିଛନ୍ତି। ଅଗଷ୍ଟ ୮, ୧୦ ଓ ୧୨ରେ ଯଥାକ୍ରମେ ୩ଟି ଯାକ ଦିନିକିଆ ମ୍ୟାଚ୍ ଖେଳାଯିବ।

### ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍

## କ୍ୟାରିୟର ଶ୍ରେଷ୍ଠ ସ୍ଥାନରେ ସିରାଜ



ଦୁବାଇ, ୬।୮ (ଏଜେନ୍ସି): ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ବିରାଟ ଲମ୍ଫ ମାରିଛନ୍ତି। ସେ ଏକାଥରରେ ୧୨ଟି ପାହାଚ ଉପରକୁ ଉଠି ବୋଲିଂ ତାଲିକାର ୧୫ତମ ସ୍ଥାନ ହାସଲ କରିଛନ୍ତି। ଟେଷ୍ଟ ଫର୍ମାଟ୍‌ରେ ସିରାଜଙ୍କ ଏହା କ୍ୟାରିୟର ଶ୍ରେଷ୍ଠ ମାନ୍ୟତା। ଏଥିପୂର୍ବରୁ ଗତବର୍ଷ ଜାନୁଆରୀରେ ସେ ୧୬ତମ ସ୍ଥାନ ଲାଭ କରିଥିଲେ।

ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ସିରାଜ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ସେ ସିରିଜରେ ମୋଟ୍ ୧୮୫.୨ ଓଭର ବୋଲିଂ କରି ୨୩ଟି ୱିକେଟ୍ ନେଇଥିଲେ। ଯେଉଁଥି ପାଇଁ ର୍ୟାଙ୍କିଙ୍ଗ୍‌ରେ ସେ ୨୭ତମ ସ୍ଥାନରୁ ୧୫କୁ ଉଠିଛନ୍ତି। ଇଂଲଣ୍ଡ ବିପକ୍ଷ ନିର୍ଣ୍ଣାୟକ ୫ମ ଟେଷ୍ଟରେ ସିରାଜ ମୋଟ୍ ୯ଟି ୱିକେଟ୍ ନେଇ ଦଳକୁ ରୋମାଞ୍ଚକ ଭାବେ ୬ ରନରେ ଜିତାଇଥିଲେ। ଫଳରେ ଭାରତ ଟେଷ୍ଟ ସିରିଜକୁ ୨-୨ରେ ସମ୍ମାନର ସହ ଡ୍ର ରଖିବାରେ ସଫଳ ହୋଇଥିଲା। ଇଂଲଣ୍ଡର ଗସ୍ ଆଟକିନସନ ମଧ୍ୟ ୨ଟି ସ୍ଥାନ ଉପରକୁ ଉଠିଛନ୍ତି। ସଦ୍ୟ ମାନ୍ୟତାରେ ସେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କଙ୍କ ସହ ମିଳିତ ଭାବେ ୧୦ମ ସ୍ଥାନରେ ରହିଛନ୍ତି। ଟେଷ୍ଟ ବୋଲିଂ ମାନ୍ୟତାରେ ଯଶପ୍ରୀତ୍ ବୁମ୍‌ରା, ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ଓ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଯଥାକ୍ରମେ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି।

### ଟି-୨୦ କ୍ରିକେଟ୍‌ରେ ୬୫୦ ୱିକେଟ୍

## ରଶିଦ ବିଶ୍ୱର ପ୍ରଥମ ବୋଲର୍



ଲଣ୍ଡନ, ୬।୮ (ଏଜେନ୍ସି): ଆଫଗାନିସ୍ତାନ ସ୍ପିନର ରଶିଦ ଖାନ ଇତିହାସ ରଚିଛନ୍ତି। ବିଶ୍ୱର ପ୍ରଥମ ବୋଲର ଭାବେ ରଶିଦ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୬୫୦ ୱିକେଟ୍ ନେବାର ସୌଭାଗ୍ୟ ହାସଲ କରିଛନ୍ତି। ଇଂଲଣ୍ଡରେ ଆରମ୍ଭ ହୋଇଥିବା ୧୦୦ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ‘ଦି ହଣ୍ଡ୍ରେଡ୍’ରେ ରଶିଦ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଲଣ୍ଡନ ସ୍ପିରିଟ୍ ସହ ଓଭାଲ୍ ଇନଭିସିବଲ୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୨୬ ବର୍ଷୀୟ ରଶିଦ ଓଭାଲ୍ ପକ୍ଷରୁ ଖେଳୁଥିଲେ। ମ୍ୟାଚରେ ରଶିଦଙ୍କ ରିଷ୍ଟ ସ୍ପିନକୁ ବୁଝି ନ ପାରି ଲଣ୍ଡନ ସ୍ପିରିଟ୍‌ର ୩ଜଣ ବ୍ୟାଟର୍ ଆଉଟ୍ ହୋଇଥିଲେ। ରଶିଦ ୨୦ ବଲ୍ ପକାଇ ୧୧ ରନ ବ୍ୟୟରେ ୩ଜଣଙ୍କୁ ଆଉଟ୍ କରିଥିଲେ। ଲିଆମ୍ ଡଓ୍ୱସନଙ୍କୁ ଆଉଟ୍ କରି ସେ ଟି-୨୦ କ୍ୟାରିୟରରେ ୬୫୦ ୱିକେଟ୍ ପୂରଣ କରିଥିଲେ। ରଶିଦ ବର୍ତ୍ତମାନ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୪୮୨ ମ୍ୟାଚ୍ ଖେଳି ୧୬.୯ ଷ୍ଟ୍ରାଇକରେଟ୍‌ରେ ୬୫୧ ୱିକେଟ ନେଇଛନ୍ତି। ସେ ୧୭ଥର ୪ ୱିକେଟ୍ ଓ ୪ଥର ପାଞ୍ଚ ୱିକେଟ୍ ସଫଳତା ପାଇଛନ୍ତି। ଏହି ତାଲିକାରେ ରଶିଦଙ୍କ ପଛକୁ ୱେଷ୍ଟଇଣ୍ଡିଜର ଡ୍ୱେନ ବ୍ରାଭୋ ରହିଛନ୍ତି। ବ୍ରାଭୋ ୫୮୨ ଟି-୨୦ ମ୍ୟାଚ୍ ଖେଳି ୬୩୧ଟି ୱିକେଟ୍ ନେଇଛନ୍ତି। ଭାରତୀୟ ଭାବେ ଯୁଜବେନ୍ଦ୍ର ଚହଲ ୩୨୬ ମ୍ୟାଚରୁ ୩୮୦ ୱିକେଟ୍ ନେଇ ତାଲିକାର ୧୪ତମ ସ୍ଥାନରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ରଶିଦ ଟି-୨୦ କ୍ରିକେଟ୍‌ରେ ଜାତୀୟ ଦଳ ଆଫଗାନିସ୍ତାନ ସମେତ ବିଭିନ୍ନ ଦେଶରେ ଅନୁଷ୍ଠିତ ଲିଗ୍‌ରେ ମଧ୍ୟ ଖେଳିଥାନ୍ତି। ଆଇପିଏଲ୍‌ରେ ସେ ବର୍ତ୍ତମାନ ଗୁଜରାଟ ଟାଇଟନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

**ଓଭରଅଲ୍ ଟି-୨୦ରେ ସର୍ବାଧିକ ୱିକେଟ୍**

| ଖେଳାଳି | ଅବଧି | ମ୍ୟାଚ୍ | ବଲ୍ | ୱିକେଟ୍ |
|---|---|---|---|---|
| ରଶିଦ ଖାନ | ୨୦୧୫-୨୦୨୫ | ୪୮୨ | ୧୧୦୨୨ | ୬୫୧ |
| ଡ୍ୱେନ ବ୍ରାଭୋ | ୨୦୦୬-୨୦୨୪ | ୫୮୨ | ୧୧୧୮୩ | ୬୩୧ |
| ସୁନିଲ ନାରାୟଣ | ୨୦୧୧-୨୦୨୫ | ୫୫୪ | ୧୨୫୬୩ | ୫୮୯ |
| ଇମ୍ରାନ ତାହିର | ୨୦୦୬-୨୦୨୫ | ୪୩୪ | ୯୨୭୩ | ୫୪୭ |
| ଶାକିବ ଅଲ୍ ହାସାନ | ୨୦୦୬-୨୦୨୫ | ୪୫୧ | ୯୪୬୫ | ୪୯୮ |



**ଡୁରାଣ୍ଡ କପ୍** ବୁଧବାର କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଇଷ୍ଟବେଙ୍ଗଲ ଏଫ୍‌ସି ଓ ନାମଧାରୀ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS